R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୬
ତିଥି: ତୃତୀୟା
୩୧ ଅଗଷ୍ଟ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 326
31 August 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ନେପାଳ ବନ୍ୟା ବିଭୀଷିକା

# ମୃତକଙ୍କ ସଂଖ୍ୟା ୮୦୦ ଛୁଇଁଲା

### ☛ ଶବ ଗୁଡ଼ିକୁ ପୋତି ଦେବ ନେପାଳ
### ☛ ଦାବିଦାର ଆସିଲେ ମୃତଦେହ ହସ୍ତାନ୍ତର

କାଠମାଣ୍ଡୁ,୩୦।୮: ନେପାଳ ଜଳ ପ୍ରଳୟରେ ରବିବାର ମୃତକଙ୍କ ସଂଖ୍ୟା ୮୦୦କୁ ବୃଦ୍ଧି ପାଇଥିବା ବେଳେ ଆହୁରି ୨୫୦୦ରୁ ଅଧିକ ନିଖୋଜ ଅଛନ୍ତି। ଦିନ ବଢ଼ିବା ସହିତ ଓ ଉଦ୍ଧାର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବ ସହିତ ମୃତଦେହ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ତା ସହିତ ଅଧିକରୁ ଅଧିକ ନେପାଳୀ ନିଖୋଜ ଥିବାର ଅଭିଯୋଗ ଆସୁଛି। ନିଖୋଜଙ୍କ ମଧ୍ୟରେ ଭାରତ ସମେତ ଅନ୍ୟ କିଛି ଦେଶର ପର୍ଯ୍ୟଟକ ରହିଛନ୍ତି। ନିଖୋଜ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୫୧୭ରେ ସ୍ଥିର ରହିଥିବା କୁହାଯାଉଥିବା ବେଳେ ଉଦ୍ଧାର କରାଯାଇଥିବା ଅଚିହ୍ନା ଓ ଦାବିଦାର ନଥିବା ଶବଗୁଡ଼ିକୁ ଏହି ସପ୍ତାହରୁ ପୋତିବା ଆରମ୍ଭ କରିବ ବୋଲି ନେପାଳ କହିଛି। ସଂକ୍ରମଣର ଆଶଙ୍କା ଏବଂ ମୃତଦେହଗୁଡ଼ିକର ସ୍ଥିତି ବିଗିଡ଼ିବାରେ ଲାଗିଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଆକସ୍ମିକ ବନ୍ୟା ପ୍ରଭାବିତ ବିଭିନ୍ନ ଗାଁ ଓ ସହରଗୁଡ଼ିକରୁ ଏହି ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି। ଏଯାବତ୍ ସର୍ବାଧିକ ୨୩୩ ମୃତଦେହ ମିଳିଛି ଚିତ୍ୱାନ୍ ଜିଲ୍ଲାରେ। ଡାକ୍ତରଖାନାଗୁଡ଼ିକରେ ପର୍ଯ୍ୟାପ୍ତ ସ୍ଥାନ ଓ ସୁବିଧାର ଅଭାବ ହେତୁ ମୃତଦେହଗୁଡ଼ିକୁ ପଚିବାରୁ ରୋକିବା ପାଇଁ ଚିତ୍ୱାନ୍ ଜିଲ୍ଲା ପ୍ରଶାସନକୁ ସଂଘର୍ଷ କରିବାକୁ ପଡୁଛି। ଅସ୍ଥାୟୀ ବ୍ୟବସ୍ଥାରେ ରଖାଯାଇଥିବା ମୃତଦେହଗୁଡ଼ିକ ଅଧିକ ପଚିଯିବା ଏବଂ ସେଥିରୁ ଦୁର୍ଗନ୍ଧ ବାହାରିବା ଯୋଗୁଁ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେବା ପରେ ଶନିବାର ଦିନ ଜିଲ୍ଲା ପ୍ରଶାସନ ସେହି ଶବଗୁଡ଼ିକୁ ପୋତିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜଣେ ଅଧିକାରୀ କହିଛନ୍ତି, ମୃତଦେହ ସଂଖ୍ୟା ବଢ଼ିବା ପରେ, ଆମେ ଏକ ଘରକୁ କୁଲିଂ ସେଣ୍ଟର ଭାବରେ ବ୍ୟବହାର କରିଥିଲୁ। ସେଠାରେ (୯ ପୃଷ୍ଠାରେ)



## ଆଉ ୨୪ ଘଣ୍ଟା ପ୍ରଭାବ

# ୫ରୁ ପୁଣି ଆସୁଛି ଲଘୁଚାପ

ଭୁବନେଶ୍ୱର,୩୦।୮,(ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସ୍ୱଷ୍ଟ ଚିହ୍ନିତ ଲଘୁଚାପ ରୂପ ନେଇଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶାରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏବେ ଉପକୂଳ ଓଡ଼ିଶାରେ ଝିପିଝିପି ବର୍ଷା ଦିନ ତମାମ ଜାରି ରହିଥିବା ବେଳେ ଆଭ୍ୟନ୍ତରୀଣରେ ମଧ୍ୟ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ଆଉ ୨୪ ଘଣ୍ଟା ବର୍ଷାର ପ୍ରଭାବ ରହିବ। ତେବେ ଆସନ୍ତା ୫ ତାରିଖ ବେଳକୁ ପୁଣି ଏକ ଲଘୁଚାପ ଆସୁଛି ବୋଲି ଭାରତୀୟ ପାଣିପାଗ ବିଭାଗ ବିସ୍ତାରିତ ଆକଳନରେ କହିଛି।

### ➞ ଉତ୍ତରରେ ଭଲ ବର୍ଷିଲା

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗରୁ ଉତ୍ତର ଓଡ଼ିଶା ଉପକୂଳ ପର୍ଯ୍ୟନ୍ତ ଏକ ସ୍ୱଷ୍ଟ ଚିହ୍ନିତ ଲଘୁଚାପ ରହିଛି। ଏହା ସମୁଦ୍ର ପତନ ଠାରୁ ୭.୬ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହା ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ଠାରୁ ଗାଙ୍ଗେୟ ପଶ୍ଚିମବଙ୍ଗ ମଧ୍ୟରେ ଅତିକ୍ରମ କରିବ। ଏହା ପ୍ରଭାବରେ ଆଉ ୨୪ ଘଣ୍ଟା ବର୍ଷା ଲାଗି ରହିବ। ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି।

ରବିବାର ସନ୍ଧ୍ୟା ୫.୩୦ ସୁଦ୍ଧା ବାଲେଶ୍ୱରରେ ସର୍ବାଧିକ ୪୮ ମିଲିମିଟର ବର୍ଷା ହୋଇଥିବା ବେଳେ ଭବାନୀପାଟଣାରେ ୩୨ ମିମି, ଝାରସୁଗୁଡାରେ ୨୯ ମିମି, ଖୋର୍ଦ୍ଧାରେ ୨୬ ମିମି, ଚାନ୍ଦବାଲିରେ ୨୩ ମିମି, ଭୁବନେଶ୍ୱରରେ ୧୯ ମିମି, ଭଦ୍ରକରେ ୧୭ ମିମି, କଟକରେ ୧୬ ମିମି ବର୍ଷା ହୋଇଥିବା ବେଳେ ଅନେକ ସ୍ଥାନରେ ବର୍ଷା ଲାଗି ରହିଥିବା (୯ ପୃଷ୍ଠାରେ)

## ମନ୍ କୀ ବାତ୍

### ମୈଥିଳୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ସମ୍ବଲପୁର,୩୦।୮,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଡେବ୍ରିଗଡ଼ ଅଞ୍ଚଳର ମୈଥିଳୀ ଭୁଏଙ୍କ ସଫଳତାର କାହାଣୀ ସ୍ଥାନ ପାଇଛି । ମହିଳାଙ୍କ ପାଇଁ ମୈଥିଳୀ ଜଣେ ପ୍ରେରଣା ବୋଲି ପ୍ରଧାନମନ୍ତ୍ରୀ କହିବା ସହ ତାଙ୍କ ଜୀବନ ଓ ଜୀବିକାରେ ଆସିଥିବା ପରିବର୍ତ୍ତନର କଥା ବଖାଣିଛନ୍ତି । ଡେବ୍ରିଗଡ ଅଭୟାରଣ୍ୟ ପାଦ ଦେଶରେ ଥିବା ଢୁଡ୍ରୋକୁସୁମ ଗ୍ରାମର ଆଦିବାସୀ ମହିଳା ମୈଥିଳୀ ଭୁଏ(୪୦) ଜଙ୍ଗଲଜାତ



ଦ୍ରବ୍ୟ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ । ଜଙ୍ଗଲରୁ ମିଳୁଥିବା ବିଭିନ୍ନ ଉତ୍ପାଦ ବିକ୍ରି କରି ସେ ପରିବାର ଭରଣପୋଷଣ କରୁଥିଲେ । ତେବେ ୨୦୨୩ ମସିହାରେ ଇକୋ-ଟୁରିଜିମ୍ ସହ ଯୋଡ଼ି ହେବା ପରେ ତାଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହୋଇଛି । ଏହା ତାଙ୍କ ଜୀବନରେ ନୂଆ ଆଶା ଓ ସମ୍ଭାବନା ଆଣି ଦେଇଛି । ମୈଥିଳୀଙ୍କ (୯ ପୃଷ୍ଠାରେ)


## ପତ୍ନୀ ବା ସନ୍ତାନଙ୍କ ଆକାଉଣ୍ଟକୁ ପୋଷଣ ଖର୍ଚ୍ଚ ପଠେଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୮,(ସବ୍ୟୁ): କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କ ଠାରୁ ଭରଣପୋଷଣ ପାଉନଥିବା ମହିଳା ଏବଂ ସନ୍ତାନସନ୍ତତିଙ୍କ ଚିନ୍ତା ଦୂର ହୋଇଛି । ଏଭଳି ପୁରୁଷ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଣପୋଷଣ ସହାୟତା ଦେଉନାହାନ୍ତି । ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ ମଧ୍ୟ ଦେଉନାହାନ୍ତି । ଏଥିପାଇଁ ବିଭିନ୍ନ କୋର୍ଟରେ (୯ ପୃଷ୍ଠାରେ)




## ସ୍ୱାୟତ୍ତ ଶାସନ ଦିବସ

ସ୍ୱାୟତ୍ତ ଶାସନ ଦିବସ ପ୍ରତିବର୍ଷ ଅଗଷ୍ଟ ୩୧ ତାରିଖକୁ ଓଡ଼ିଶାରେ 'ସ୍ୱାୟତ୍ତ ଶାସନ ଦିବସ' ଭାବେ ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳନ କରାଯାଏ। ଗଣତନ୍ତ୍ରର ମୂଳଦୁଆକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା, ନାଗରିକମାନଙ୍କୁ ସ୍ଥାନୀୟ ପ୍ରଶାସନରେ ସାମିଲ କରିବା ଏବଂ ପୌରାଞ୍ଚଳଗୁଡ଼ିକର ସର୍ବାଙ୍ଗୀନ ବିକାଶ କରିବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୧୯୯୨ ମସିହାର ୭୪ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ପୌରପାଳିକା ଓ ସହରାଞ୍ଚଳ ନିକାୟଗୁଡ଼ିକୁ ସାମ୍ବିଧାନିକ ମାନ୍ୟତା ସହ ସ୍ୱାଧୀନ କାର୍ଯ୍ୟଦକ୍ଷତା ପ୍ରଦାନ କରାଯାଇଥିଲା। ଏହି ଦିବସର ଗୁରୁତ୍ୱ ଅତ୍ୟନ୍ତ ବ୍ୟାପକ; ଏହା ପୌର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡ଼ିକର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସହରର ସ୍ୱଚ୍ଛତା, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଆଦିକୁ ତ୍ୱରାନ୍ୱିତ କରିଥାଏ। ଓଡ଼ିଶାର ବିଭିନ୍ନ ପୌରାଞ୍ଚଳରେ ଏହି ଦିନ ନୂତନ ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ, ପୌର କର୍ମଚାରୀ ଓ ପରିଷ୍କାର-ପରିଚ୍ଛନ୍ନତା କାର୍ଯ୍ୟରେ ନିୟୋଜିତ ସଫାଇ କର୍ମଚାରୀଙ୍କୁ ସମ୍ମାନିତ କରାଯିବା ସହ ନାଗରିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଏ, ଯାହା ସୁସ୍ଥ ଓ ସମୃଦ୍ଧ ସହର ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।



## ହସକଥା



ଶିକ୍ଷକ : ତୁମେ ବିଦ୍ୟାଳୟକୁ କାହିଁକି ଆସୁଛ ?
ଛାତ୍ର: ସାର୍, ଜ୍ଞାନ ଆହରଣ କରିବା ପାଇଁ!
ଶିକ୍ଷକ: ତା'ହେଲେ ବେଞ୍ଚରେ ଶୋଉଛ କାହିଁକି ?
ଛାତ୍ର : ସାର୍! ଜ୍ଞାନ ଶାନ୍ତିରେ ଆସେ, କୋଳାହଳରେ ନୁହେଁ!

## ଟ୍ରୋଲର୍ସଙ୍କୁ ଜବାବ



ରିଆଲିଟି ଶୋ। 'ଲକ୍ ଅପ୍'ର ପ୍ରତିଯୋଗୀ ଆକାଂକ୍ଷା ଚାମୋଲା। ଶୋ' ଚାଲିଥିବା ସମୟରେ ନିଜ ପର୍ସନାଲ ଲାଇଫକୁ ନେଇ ଦେଇଥିବା ମନ୍ତବ୍ୟକୁ ନେଇ ଅନେକ ବିବାଦ ସୃଷ୍ଟି ହୋଇଥିଲା। ଯାହାର ଜବାବ ବର୍ତ୍ତମାନ ସେ ଦେଇଛନ୍ତି। ଏକ ସାକ୍ଷାତକାରରେ ଆକାଂକ୍ଷା ସ୍ପଷ୍ଟ କରିଛନ୍ତି ଯେ, ଗୌରବ ଶୋ'କୁ ତାଙ୍କୁ ସମର୍ଥନ କରିବା ପାଇଁ ନୁହେଁ, ବରଂ ନିଜର ନାମ କ୍ଲିୟର କରିବାକୁ ଆସିଥିଲେ। ସେ କହିଛନ୍ତି ଯେ ଯେଉଁ ବ୍ୟକ୍ତିଙ୍କଠାରୁ ସେ ଡିଭୋର୍ସ ନେବାକୁ ଯାଉଛନ୍ତି, ତାଙ୍କଠାରୁ ସେ କୌଣସି ସମର୍ଥନ ଆଶା କରୁନଥିଲେ। ଗୌରବଙ୍କ ଉପସ୍ଥିତି ଗେମ୍‌ରେ ତାଙ୍କୁ କୌଣସି ସାହାଯ୍ୟ କରିନଥିଲା। ଏହାସହ ଟ୍ରୋଲର୍ସମାନଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ ଲୋକମାନେ କେବଳ ଗୌରବଙ୍କ ନାମକୁ ନେଇ ସିଲେକ୍ଟିଭ୍ ଭାବେ ତାଙ୍କୁ ଟାର୍ଗେଟ୍ ନକରନ୍ତୁ। ବରଂ ସେ ଗୌରବଙ୍କୁ ନିଜ ପିତାମାତାଙ୍କ ସହ ସମାନ ସ୍ଥାନ ଦେଇଥିବା କଥାକୁ ମଧ୍ୟ ସ୍ୱୀକାର କରନ୍ତୁ। ଯଦି ସେ ଭୁଲ୍ ବୋଲି ପ୍ରମାଣିତ ହୁଅନ୍ତି ତେବେ କ୍ଷମା ମାଗିବାକୁ ପ୍ରସ୍ତୁତ ବୋଲି ଆକାଂକ୍ଷା ମତ ଦେଇଛନ୍ତି।

## ସୋସିଆଲ କୋଟ୍ସ



ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅରବ ଅରବ ଅର୍ଥର ରେଭିନ୍ୟୁ ରହିଛି। ଉତ୍ତର ଭାରତରେ ଥିବା କୌଣସି ଭାଷାର ଇଣ୍ଡଷ୍ଟ୍ରି ଆମ ଭଳି ବଡ଼ ନୁହେଁ।
**ଉଦୟନିଧି ଷ୍ଟାଲିନ୍, ଅଭିନେତା**



ମେରି ଜଙ୍ଗ ଫିଲ୍ମ ସମୟରେ ସୁବାସ ଘାଇଙ୍କ ସହିତ ମୋର ବିବାଦ ହୋଇଥିଲା। ଏହାପରେ ସେ ଅନ୍ୟ ଅଭିନେତ୍ରୀଙ୍କୁ ସାଇନ୍ କରାଇବାକୁ ଲାଗିଲେ।
**ମିନାକ୍ଷୀ ଶେଷାଦ୍ରି, ଅଭିନେତ୍ରୀ**



ରୋହିତ ସେଟ୍ଟିଙ୍କ ସହିତ କାମ କରିବା ଯେପରି ସ୍ୱପ୍ନ ଭଳି। ତାଙ୍କର ଭାଇବ୍ରେଣ୍ଟ ଏନର୍ଜି ମୋତେ ଖୁବ ପସନ୍ଦ ଆସିଥାଏ। ସେ ସେଟ୍‌ରେ ମୋତେ ହିରୋ ଭଳି ଲାଗନ୍ତି।
**ଅର୍ଜୁନ ଦ୍ୱିବେଦୀ, ଅଭିନେତା**

## ସ୍ୱାସ୍ଥ୍ୟପାଇଁ ହାନିକାରକ କାଗଜ କପ୍

ୟୁନିଭରସିଟିଅଫ୍‌କ୍ୱିନ୍ସଲ୍ୟାଣ୍ଡରସୋସାଇଟିଅଫ୍‌ଏନଭାଇରନମେଣ୍ଟାଲ ହେଲ୍‌ଥ୍ ସାଇନ୍ସର ଗବେଷକମାନଙ୍କ ଅନୁସାରେ, ଟେକ୍-ଅୱେ କଫି କିମ୍ବା ଅନ୍ୟାନ୍ୟ ଗରମ ପାନୀୟ ପାଇଁ ବ୍ୟବହୃତ ସିଙ୍ଗଲ-ୟୁଜ୍ ପେପର କପ୍‌ଗୁଡ଼ିକରୁ ଲକ୍ଷ ଲକ୍ଷ ମାଇକ୍ରୋପ୍ଲାଷ୍ଟିକ୍ ଏବଂ ନାନୋପାର୍ଟିକିଲ୍‌ସ ବାହାରିଥାଏ। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ପାଣି ପ୍ରତିରୋଧକ ଲାଇନିଂ ପାଇଁ କପ୍‌ରେ ବ୍ୟବହାର କରାଯାଉଥିବା ପଲିଏଥିଲିନ୍ ତୁଳନାରେ ପୋଲିଲାକ୍ଟିକ୍ ଏସିଡ୍ ଲାଇନିଂ ଥିବା କପ୍‌ଗୁଡ଼ିକରୁ ୧୭ ଗୁଣ ଅଧିକ ପ୍ଲାଷ୍ଟିକ୍ କଣିକା ନିର୍ଗତ ହୋଇଥାଏ। ଯାହା ପ୍ରତି ମିଲିଲିଟର ପାନୀୟରେ ପ୍ରାୟ ୪.୩ ନିୟୁତ ନାନୋପାର୍ଟିକିଲ୍‌ସ ସାମିଲ କରିଥାଏ। ଡକ୍ଟର ଏଲକିସ୍ ଓକୋଫୋଙ୍କ ଅନୁସାରେ, ଏହା କେବଳ ପରିବେଶ ସୁରକ୍ଷା ନୁହେଁ, ବରଂ ଗରମ ପାନୀୟ ସଂସ୍ପର୍ଶରେ ଆସି ଶରୀର ଭିତରକୁ ପ୍ରବେଶ କରୁଥିବା ପ୍ଲାଷ୍ଟିକ୍ କଣିକାର ଏକ ବଡ଼ ଉତ୍ସ ସାଜିଛି। ତେବେ ଲୋକମାନେ ପେପର କପ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ପରିବର୍ତ୍ତେ ନିର୍ମାତାମାନେ କମ୍ ପ୍ଲାଷ୍ଟିକ୍ ନିର୍ଗତ କରୁଥିବା ଲାଇନିଂ ତିଆରି କରିବା, ନିୟାମକମାନେ ଉତ୍ପାଦଗୁଡ଼ିକର ସୁରକ୍ଷା ଯାଞ୍ଚ କରିବା ଏବଂ ଗ୍ରାହକଙ୍କୁ ଏହି ଲାଇନିଂ ବିଷୟରେ ସଠିକ୍ ଲେବଲିଂ ମାଧ୍ୟମରେ ସଚେତନ କରିବା ନିହାତି ଆବଶ୍ୟକ।



## ଜୀବଜନ୍ତୁଙ୍କ ସହ ଚା' ପିଅ

ଜାପାନର ଅନିମଲ୍ କାଫେଗୁଡ଼ିକରେ ଲୋକମାନେ କେବଳ ଚେୟାର-ଟେବୁଲ୍ ନୁହେଁ, ବରଂ ବିଲେଇ, ପେଚା, ରାକୁନ୍ ଏବଂ ସାପ ଭଳି ଜଙ୍ଗଲୀ ଜନ୍ତୁଙ୍କ ଗହଣରେ ବସି କଫି ପିଇବା ସହ ସେମାନଙ୍କୁ ଛୁଇଁବା ଓ ଖେଳିବାର ସୁଯୋଗ ପାଉଛନ୍ତି। ତେବେ ଏକ ରିପୋର୍ଟ ଅନୁସାରେ, ଏସବୁ କାଫେରେ କେତେକ ବିଲୁପ୍ତପ୍ରାୟ ପ୍ରଜାତିର ଜୀବଜନ୍ତୁଙ୍କୁ ରଖାଯାଉଥିବା ବେଳେ କେତେକ ସ୍ଥାନରେ ସାଧାରଣ ସ୍ୱାସ୍ଥ୍ୟକର ପରିବେଶ ଓ ହାତ ଧୋଇବା ପରି ବେସିକ୍ ହାଇଜିନ୍ ବ୍ୟବସ୍ଥା ମଧ୍ୟ ନାହିଁ। ଅନ୍ୟପଟେ, ନିରନ୍ତର ଲୋକଙ୍କ ସ୍ପର୍ଶ, କୋଳାହଳ ଏବଂ କ୍ୟାମେରାର ଫ୍ଲାସ୍ ଲାଇଟ୍ ଯୋଗୁଁ ଏହି ଜୀବଜନ୍ତୁମାନେ ଅତ୍ୟଧିକ ମାନସିକ ଚାପର ଶିକାର ହେଉଥିବା ନେଇ ପ୍ରାଣୀ କଲ୍ୟାଣ ଗୃପଗୁଡ଼ିକ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଏହି ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ ଜାପାନର ପରିବେଶ ମନ୍ତ୍ରଣାଳୟ ଆଗାମୀ ମାସରୁ ଏହି କାଫେଗୁଡ଼ିକର ଏକ ସର୍ଭେ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଯେଉଁଥିରେ କାଫେର ସଂଖ୍ୟା, ସେଠାରେ ଥିବା ଜୀବଜନ୍ତୁ ଏବଂ ସ୍ୱଚ୍ଛତା ବ୍ୟବସ୍ଥାର ତଦାରଖ କରାଯିବ। ସୋସିଆଲ ମିଡିଆରେ ଏହି କାଫେଟି ଖୁବ ଭାଇରାଲ ହେବାପରେ ସମସ୍ତଙ୍କ ନଜରକୁ ଆସିଥିଲା।



## ଟେସଲାର ଦେଶୀ ଲୁକ୍





ଟେସଲା ସାଇବରଟ୍ରକ୍‌କୁ ମିଳିଛି ଏକ ନୂଆ 'ଦେଶୀ' ଲୁକ୍, ଯାହାର ରଙ୍ଗବେରଙ୍ଗୀ ଭାରତୀୟ ଟ୍ରକ୍ ଆର୍ଟ ବା ସ୍କିନ୍ ଆର୍ଟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। 'ଓରିଜିନାଲ୍ ଗ୍ଲୋବାଲ୍ ଗ୍ରାଫିକ୍' ନାମକ ଏକ ସଂସ୍ଥା ଦ୍ୱାରା ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରାଯାଇଥିବା ଏକ ଭିଡିଓ ବର୍ତ୍ତମାନ ଖୁବ ଭାଇରାଲ ହେଉଛି। ଏଥିରେ ସାଇବରଟ୍ରକ୍ ସାଧାରଣ ସିଲଭର୍ ବା ଷ୍ଟେନଲେସ୍ ଷ୍ଟିଲ୍ ରଙ୍ଗ ବଦଳରେ ଭାରତୀୟ ରାଜପଥରେ ଚାଲୁଥିବା ଗାଡ଼ିଗୁଡ଼ିକ ଭଳି ଆକର୍ଷଣୀୟ ନକ୍ସା, ଫୁଲର ଡିଜାଇନ୍ ଏବଂ ଆକର୍ଷଣୀୟ ବର୍ଡର ଲଗାଯାଇଛି। ଗାଡ଼ିର ସାମ୍ନାରେ ଭାରତୀୟ ଗାଡ଼ିଗୁଡ଼ିକରେ ପ୍ରାୟତଃ ଦେଖାଯାଉଥିବା ଲୋକପ୍ରିୟ ଧାଡ଼ି "ଦେଖୋ ମଗର ପ୍ୟାର୍ ସେ!" ଲେଖାଯାଇଛି। ଯାହା ଏହାକୁ ସମ୍ପୂର୍ଣ୍ଣ 'ଦେଶୀ ଟ୍ରକ୍'ର ଲୁକ ଦେଉଛି। ଆଧୁନିକ ଇଲେକ୍ଟ୍ରିକ୍ ଭେଇକିଲ୍ ଏବଂ ଭାରତୀୟ ଟ୍ରକ୍ ଆର୍ଟର ଏହି ନିଆରା ଯୋଡିକୁ ନେଇ ୟୁଜର୍ସମାନେ ବିଭିନ୍ନ ରୋଚକ ପ୍ରତିକ୍ରିୟା ଦେଉଥିବା ଦେଖିବାକୁ ମିଳୁଛି।

## ଇତିହାସ

୧୮୭୧- ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ସୟଦ ହସନ୍‌ଙ୍କ ଜନ୍ମ।
୧୮୮୧-ଆମେରିକାରେ ପ୍ରଥମଥର ପାଇଁ ଟେନିସ୍ ଚାମ୍ପିଅନ୍‌ସିପ୍ ଆୟୋଜିତ।
୧୯୧୯- ପ୍ରସିଦ୍ଧ କବୟିତ୍ରୀ, ଔପନ୍ୟାସିକା ତଥା ପ୍ରାବନ୍ଧିକା ଅମୃତା ପ୍ରିତମଙ୍କ ଜନ୍ମ।
୧୯୧୯-ଆମେରିକୀୟ କମ୍ୟୁନିଷ୍ଟ ପାର୍ଟି ଗଠିତ।
୧୯୫୬- ଭାରତର ତତ୍କାଳୀନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ରାଜ୍ୟ ପୁନର୍ଗଠନ ବିଲ୍‌କୁ ମଞ୍ଜୁରୀ।
୧୯୫୭- ବ୍ରିଟେନ୍ ଠାରୁ ମାଲେସିଆକୁ ସ୍ୱାଧୀନତା।
୧୯୫୯- ଆମେରିକୀୟ ବେସ୍‌ବଲ୍ ଖେଳାଳୀ ସ୍ୟାଣ୍ଡ କୋଫ୍ୟାକ୍ସଙ୍କ ନ୍ୟାସନାଲ୍ ଲିଗ୍ ରେକର୍ଡ।
୧୯୯୭- ବ୍ରିଟେନ୍ ରାଜକୁମାରୀ ଡାଇନାଙ୍କ କାର୍ ଦୁର୍ଘଟଣାରେ ମୃତ୍ୟୁ।
୨୦୨୦- ପଦ୍ମଶ୍ରୀ ସମ୍ମାନିତ ପ୍ରଖ୍ୟାତ୍ ଉର୍ଦ୍ଦୁ କବି କଶ୍ମୀରୀ ଲାଲ୍ ଜାକିରଙ୍କ ଦେହାନ୍ତ।



**ମେଷ:** ବ୍ୟବସାୟରେ ଉନ୍ନତି, ଶତ୍ରୁପୀଡ଼ା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଲୋକସମ୍ପର୍କରେ ଉନ୍ନତି, ଗୃହେ ଉତ୍ସବ, ନୂତନ କାର୍ଯ୍ୟ ଆରମ୍ଭ, ଦୂର ଯାତ୍ରା, ମାନସିକ ଶାନ୍ତି। ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗାଲଡେନ, ସଂଖ୍ୟା-୮, ଆରାଧନା- ମା' କନକଲକ୍ଷ୍ମୀ।

**ବୃଷ:** ଶାରୀରିକ ଅସୁସ୍ଥ, ବ୍ୟବସାୟରେ ଲାଭ, ଶତ୍ରୁ ନାଶ, ମକଦ୍ଦମାରେ ବିଜୟ, ଆଶା ସଫଳ, ଦାମ୍ପତ୍ୟ ଖୁସି, ପାରିବାରିକ ସହଯୋଗ, ବିଦ୍ୟାରେ ସଫଳତା। ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ପ୍ରଭୁ ହନୁମାନ।

**ମିଥୁନ:** ଯାନବାହନରେ ସତର୍କ, ଅର୍ଥ ଚିନ୍ତା, ଶାରୀରିକ ଅସୁସ୍ଥ, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି, ବନ୍ଧୁ ଲାଭ, ଦେବକାର୍ଯ୍ୟରେ ଆଗ୍ରହ, କଚେରୀ ମାମଲା ସମାଧାନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଦ୍ୟାରେ ସଫଳ। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ।

**କର୍କଟ:** ଆର୍ଥିକ ଲାଭ, ଧର୍ମକାର୍ଯ୍ୟରେ ସଫଳ, ନୂତନ ବନ୍ଧୁଲାଭ, ସମ୍ମାନ ପ୍ରାପ୍ତି, ଶତ୍ରୁ ପରାଜିତ, ବ୍ୟବସାୟରେ ଉନ୍ନତି, ଶୁଭ ଖବର, ପିଲାଙ୍କ ଚିନ୍ତା, ଦାମ୍ପତ୍ୟ କଳହ, ବିଦ୍ୟାରେ ସଫଳ। ଉତ୍ତରା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ।

**ସିଂହ:** ବନ୍ଧୁ ସାହାଯ୍ୟ, ଲୋକସମ୍ପର୍କ, ଶତ୍ରୁ ସମସ୍ୟା ସମାଧାନ, ଶୁଭ ଖବର, ବିଦ୍ୟା ଲାଭ, ଖୁସି ଖବର, ମକଦ୍ଦମାରେ ବିଜୟ, ସ୍ତ୍ରୀ ସହଯୋଗ। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' କିଚେକିଶ୍ୱରୀ।

**କନ୍ୟା:** ନୂତନ କାର୍ଯ୍ୟରେ ଖୁସି, ଶୁଭ ସମ୍ବାଦ, ଅନୁଚିତ କର୍ମେ ସଫଳତା, ବ୍ୟବସାୟରେ ଶତ୍ରୁତା, ବନ୍ଧୁ ଲାଭ, ସମ୍ମାନରେ ବାଧା, ପୁରାତନ କାର୍ଯ୍ୟ ପ୍ରତି ବିପଦ, ଦାମ୍ପତ୍ୟ ସୁଖ। ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମୀ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ।

**ତୁଳା:** ମାନସିକ ଅଶାନ୍ତି , ଦୂର ଯାତ୍ରାରେ ଅସନ୍ତୁଷ୍ଟ, ଶତ୍ରୁ ସମସ୍ୟା, କଚେରୀ ମାମଲାରେ ଖୁସି, ଶୁଭ ଖବର, ଦାମ୍ପତ୍ୟ କଳହ, ସମ୍ମାନରେ ବାଧା, ଗୁରୁଜନେ ଖୁସି, ଅର୍ଥ ଚିନ୍ତା, ପିଲାଙ୍କ ସମସ୍ୟା, ଗୃହେ ଅଶାନ୍ତି। ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୪, ଆରାଧନା- ଶଙ୍କର ଭଗବାନ।

**ବିଛା:** ସମ୍ମାନ ଲାଭ, ଶତ୍ରୁ ସମସ୍ୟା, ଶାରୀରିକ ସୁସ୍ଥ, ଲୋକସମ୍ପର୍କରେ ଉନ୍ନତି, ଦାମ୍ପତ୍ୟ ସୁଖ, ଭୂସମ୍ପତ୍ତି ଲାଭ, କଚେରୀ ମାମଲା ସମାଧାନ, ଯାନବାହନ କିଣାବିକା, ବିଦ୍ୟାରେ ସଫଳ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** କର୍ମ ପ୍ରତି ଅନାଗ୍ରହ, ଶତ୍ରୁ ସମସ୍ୟା, ବନ୍ଧୁ କଳହ, ପାରିବାରିକ ଖୁସି, ଶତ୍ରୁ ସମସ୍ୟାରେ କଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଦେବକାର୍ଯ୍ୟରେ ଖୁସି, ସ୍ତ୍ରୀ ହେତୁକ ଧନପ୍ରାପ୍ତି, ବିଦ୍ୟାରେ ଅସଫଳ। ଉତ୍ତରାଷାଢ଼ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା- ପ୍ରଭୁ ରାଧାବଲ୍ଲଭ।

**ମକର:** କର୍ମେ ଆନନ୍ଦ, ଶତ୍ରୁ ନାଶ, ଲୋକସମ୍ପର୍କ ବୃଦ୍ଧି, ତୀର୍ଥଯାତ୍ରା, ଭୂସମ୍ପତ୍ତି ଲାଭ, ଦାମ୍ପତ୍ୟ ସୁଖ, ଖୁସି ଖବର, ଉଚ୍ଚ ଆଶାରେ ଲାଭ, ଯାନବାହନେ ସତର୍କ, ବ୍ୟବସାୟରେ ଉନ୍ନତି, ପିଲାଙ୍କ ଖୁସି, ବିଦ୍ୟାରେ ସଫଳତା। ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ।

**କୁମ୍ଭ:** ମାନସିକ ଅଶାନ୍ତି, ଶତ୍ରୁକଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବକାର୍ଯ୍ୟରେ ଆଗ୍ରହ, ବନ୍ଧୁ ଲାଭ, ହଠାତ୍ ଦୂରଯାତ୍ରା, ଯାନବାହନେ ସତର୍କ, ଲୋକସମ୍ପର୍କ ହାନି, ଶାରୀରିକ କଷ୍ଟ, ଜମିଗଣ୍ଡଗୋଳ, ଦାମ୍ପତ୍ୟ ଖୁସି, ପିଲାଙ୍କ ସଫଳତା। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୨, ଆରାଧନା- ମା' ବଗଳାମୁଖୀ।

**ମୀନ:** କର୍ମରେ ସଫଳତା, ବ୍ୟବସାୟରେ ଲାଭ, ନୂତନ ନିଯୁକ୍ତି, ଦ୍ରବ୍ୟ ନଷ୍ଟ, ପୁରାତନ ରୋଗ ସମସ୍ୟା, ପାରିବାରିକ ଖୁସି, ଦାମ୍ପତ୍ୟ ସୁଖ, ଶତ୍ରୁ ନାଶ, କିଛି କିଣାବିକା କରିବେ, ଉଚ୍ଚଆଶା ସଫଳ, ବିଦ୍ୟାରେ ସଫଳତା। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୭, ଆରାଧନା- ମା' ଭଗବତୀ।

**ଭାଦ୍ରବ କୃଷ୍ଣ ପକ୍ଷ ତୃତୀୟା**
**୩୧.୮.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ୧୩୭ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ

# ମନ୍ କି ବାତ ଯୁବଶକ୍ତି ପାଇଁ ଅସରନ୍ତି ପ୍ରେରଣାର ଉତ୍ସ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୭ ତମ "ମନ୍ କି ବାତ' କାର୍ଯ୍ୟକ୍ରମ ରବିବାର ନୟାପଲ୍ଲୀସ୍ଥିତ ଶ୍ରୀବାଲୁଙ୍କେଶ୍ୱର ମହାଦେବ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନକୁ ଦେଶବାସୀଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ଭାବେ କହିଛନ୍ତି ।



ମନ୍ କି ବାତ କାର୍ଯ୍ୟକ୍ରମ ଦେଖିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ଓଡ଼ିଶାକୁ ଯଥେଷ୍ଟ ଗୁରୁତ୍ୱ ମିଳିଛି । ଓଡ଼ିଶାର ଇତିହାସ, ପ୍ରାକୃତିକ ପରିବେଶ, କଳା ଓ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଓଡ଼ିଆ ଲୋକଙ୍କ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖକୁ ଆଣିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱଟ୍ ଲାଇଟ ସେମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରୋତ୍ସାହିତ କରୁଛି ।

ଆତ୍ମ ନିର୍ଭର ଭାରତ ଗଠନ ପାଇଁ ଯୁବଶକ୍ତିର ସକ୍ରିୟ ସହଯୋଗ ଓ ସଠିକ୍ ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ । ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟ, ବକ୍ତବ୍ୟ ଓ ଚିନ୍ତାଧାରା କେବଳ ରାଷ୍ଟ୍ର ନିର୍ମାଣ ଉଦ୍ଦେଶ୍ୟରେ ସମର୍ପିତ । ଯୁବ ପ୍ରତିଭାମାନଙ୍କୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରି ସେ ସେମାନଙ୍କୁ ବିକଶିତ ଭାରତ ନିର୍ମାଣରେ ଭାଗିଦାର ହେବାକୁ ଉତ୍ସାହିତ କରୁଛନ୍ତି ।ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଖାଇଥିବା ବିକାଶ ଓ ସ୍ୱାବଲମ୍ବନର ମାର୍ଗରେ ଅଗ୍ରସର ହୋଇ ଏକ ଆତ୍ମନିର୍ଭର ଅତା ବିକଶିତ ଭାରତ ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି ।

## ଅଙ୍ଗନବାଡ଼ି କେନ୍ଦ୍ର ଉପରେ ବଜ୍ରପାତ, ୯ କର୍ମୀ ଆହତ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲା ପାଟଣା ବ୍ଲକ ମଲ୍ଲିପୋଷି ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ବୈଠକ ଚାଲିଥିବା ବେଳେ ବଜ୍ରପାତ ହୋଇଛି । ସୁପରଭାଇଜର ସନ୍ତାପୀ ମହାନ୍ତଙ୍କ ତ%୦ାବଧାନରେ ୨୩ ଜଣ ଅଙ୍ଗନଓ୍ୱାଡ଼ି କର୍ମୀ ଓ ସହାୟିକାଙ୍କୁ ନେଇ ସେକଟର ମିଟିଂ ଚାଲିଥିବା ବେଳେ ଶନିବାର ଅପରାହ୍ନରେ ବଜ୍ରପାତ ହୋଇଥିଲା । ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ୯ ଜଣ ଆହତ ହୋଇଥିଲେ ।ଆହତମାନଙ୍କୁ ତୁରନ୍ତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ୮ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ମୃଷାଖୋରୀ ସି-ସେଣ୍ଟରର ଅଙ୍ଗନଓ୍ୱାଡ଼ି କର୍ମୀ ପ୍ରଜ୍ଞାସ୍ମିତା ମୁର୍ମୁ, ଖମୁଆଁ "ଏ' ଅଙ୍ଗନବାଡ଼ି କର୍ମୀ ପୂର୍ଣ୍ଣମୀ ମହାନ୍ତ ରହିଛନ୍ତି । ବଜ୍ରପାତରେ ଯମୁନା ଦାସଙ୍କ ହାତ ପୋଡ଼ିଯାଇଥିବା ବେଳେ ପୂର୍ଣ୍ଣମୀ ମହାନ୍ତଙ୍କ ହାତରେ ଆଘାତ ଲାଗିଛି ।

## କୁନି ବୈଜ୍ଞାନିକଙ୍କ ପରିବେଶ ଚିନ୍ତା

# ଇକୋ ଫ୍ରେଣ୍ଡଲି ଇଣ୍ଡିଆ-୨୦୩୦ ଥିମରେ ବିଜ୍ଞାନ ଓ ହସ୍ତକଳା ପ୍ରଦର୍ଶନୀ

ପଦ୍ମପୁର,(ସବ୍ୟୁ): ପରିବେଶ ପ୍ରଦୂଷଣ ଓ ପ୍ରାକୃତିକ ସମ୍ପଦର ଅବକ୍ଷୟ ଆଜି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି । ଏଭଳି ସମୟରେ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଆଗେଇ ଆସିଛନ୍ତି ପଦ୍ମପୁରର କୁନି ବୈଜ୍ଞାନିକ । ବୈଜ୍ଞାନିକ ଚିନ୍ତାଧାରା, ସୃଜନଶୀଳତା ଓ ପରିବେଶ ପ୍ରତି ଦାୟିତ୍ୱବୋଧର ଅନନ୍ୟ ଝଲକ ଦେଖିବାକୁ ମିଳିଛି ୱିନର ବ୍ରାଇଟ ଫ୍ୟୁଚର ସ୍କୁଲର ଖୁଣ୍ଟପାଲି କ୍ୟାମ୍ପସରେ । ବିଦ୍ୟାଳୟ ପରିସରରେ ରବିବାର "ଇକୋ ଫ୍ରେଣ୍ଡଲି ଇଣ୍ଡିଆ-୨୦୩୦' ଥିମକୁ ନେଇ ବିଶାଳ ବିଜ୍ଞାନ ଓ ହସ୍ତକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନେ ମୋଟ ୩୬୮ଟି ପ୍ରକଳ୍ପ ପ୍ରଦର୍ଶନ କରି ଏକ ସ୍ୱଚ୍ଛ, ସବୁଜ ଓ ପରିବେଶ ଅନୁକୂଳ ଭାରତର ପରିକଳ୍ପନା ଉପସ୍ଥାପନ କରିଥିଲେ । ପୂର୍ବତନ ବରଗଡ଼ ଲୋକସଭା ସାଂସଦ ଡ. ପ୍ରଭାସ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀର ଉ˝ାଟନ କରିଥିଲେ । ସେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଉଦ୍ଭାବନୀ ଚିନ୍ତାଧାରା ଓ ପ୍ରତିଭାର ଉଚ୍ଚ ପ୍ରଶଂସା କରିଥିଲେ । ବିଜ୍ଞାନ ଓ ସୃଜନଶୀଳତାକୁ ଶିକ୍ଷାର ଅଭିନ୍ନ ଅଂଶ କରି ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।

ବିଦ୍ୟାଳୟର ଅଧ୍ୟକ୍ଷା ଅପାଲି ଅପରାଜିତା ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହାପରେ ବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥି ଡ. ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଦର୍ଶନୀରେ ପରିବେଶ ସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା, ନବୀକରଣୀୟ ଶକ୍ତି, ଜଳ ସଂରକ୍ଷଣ, ସ୍ୱଚ୍ଛତା ଓ ସବୁଜ ଭାରତ ଗଠନ ସମ୍ପର୍କିତ ବିଭିନ୍ନ ମଡେଲ ସ୍ଥାନ ପାଇଥିଲା । ଛାତ୍ରଛାତ୍ରୀଙ୍କ ହସ୍ତକଳା ପ୍ରକଳ୍ପରେ ବର୍ଜ୍ୟ ସାମଗ୍ରୀର ପୁନଃବ୍ୟବହାର ଓ ପରିବେଶ ସୁରକ୍ଷାର ବାର୍ତ୍ତା ଦେଖିବାକୁ ମିଳିଥିଲା ।ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ପାଇଁ ୧୩ ଜଣ ଅଭିଜ୍ଞ ବିଚାରକ ଯୋଗଦେଇଥିଲେ । ସେମାନେ ପ୍ରକଳ୍ପ ଗୁଡ଼ିକୁ ସୃଜନଶୀଳତା, ନୂତନତ୍ୱ, ବ୍ୟବହାରିକତା, ବୈଜ୍ଞାନିକ ଦୃଷ୍ଟିକୋଣ ଓ ପରିବେଶ ଉପଯୋଗିତା ଆଧାରରେ ମୂଲ୍ୟାୟନ କରିଥିଲେ । ଏହି ଅବସରରେ ବିଚାରକମଣ୍ଡଳୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛୋଟ ବୟସରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ



ପରିବେଶ ପ୍ରତି ଏଭଳି ସଚେତନତା ସୃଷ୍ଟି ଆଗାମୀ ପିଢ଼ି ପାଇଁ ଆଶାର କିରଣ ବୋଲି ମତ ପ୍ରକାଶ ପାଇଥିଲା । ପ୍ରଦର୍ଶନୀ ଆୟୋଜନ ପାଇଁ ଅଧ୍ୟକ୍ଷା ଅପାଲି ଅପରାଜିତା ଦାଶଙ୍କ ଉଦ୍ୟମକୁ ମଧ୍ୟ ପ୍ରଶଂସା କରାଯାଇଥିଲା । ଶେଷରେ ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂସଦ କମିଟିର ଭୁବନେଶ୍ୱର ଗସ୍ତ

# ବିଧାୟକ, ପୂର୍ବତନ ବିଧାୟକଙ୍କ ଦରମା, ଭତ୍ତା ସମ୍ପର୍କରେ ଆଲୋଚନା



ଭୁବନେଶ୍ୱର(ସବ୍ୟୁ): ଦରମା ଓ ଭତ୍ତା ସମ୍ପର୍କିତ ସଂସଦ ଯୁଗ୍ମ କମିଟି ଭୁବନେଶ୍ୱର ଗସ୍ତରେ ଆସିଥିବାବେଳେ ରବିବାର ପ୍ରଥମେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟିଛନ୍ତି । ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅଧିକାରୀମାନଙ୍କ ସହ ପୃଥକ ପୃଥକ ଭାବେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କର ଦରମା ଓ ଅନ୍ୟାନ୍ୟ ଭତ୍ତା ସହ ପୂର୍ବତନ ବିଧାୟକମାନଙ୍କର ପେନ୍ସନ୍ ଓ ଭତ୍ତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

ଓଡ଼ିଶାର ବିଧାୟକ ଓ ପୂର୍ବତନ ବିଧାୟକଙ୍କ ପାଇଁ ସଂସଦ ଓ ଅନ୍ୟ ରାଜ୍ୟର ବିଧାୟକମାନଙ୍କ ଦରମା, ଭତ୍ତା ଓ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିବା ସହ ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମିଳୁଥିବା ଦରମା ଓ ଭତ୍ତାର ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁଗ୍ମ କମିଟି ଅନୁଭବ କରିଥିଲେ । କମିଟିର ଅଧ୍ୟକ୍ଷ ସାଂସଦ ବୀରେନ୍ଦ୍ର ପ୍ରସାଦ ବୈଶ୍ୟଙ୍କ ସମେତ ସାଂସଦ ବିଜୟ କୁମାର ଦୁବେ, ବୀଣା ଦେବୀ, କେ. ଗୋପୀନାଥ, ବାବୁ ସିଂ କୁଶଓ୍ୱାହା, ରିଚାର୍ଡ ଭାମିଲାହମନଙ୍ଗିଆଙ୍କ ସହ ସଂସଦର ନିର୍ଦ୍ଦେଶକ ଭଟଶାଳା ଜୋଷୀ ପ୍ରମୁଖ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି ।

## କେଏମସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମେଗା ରକ୍ତଦାନ ଶିବିର

କଟକ, (ସବ୍ୟୁ):କଟକ ମହାନଗର ନିଗମର ୧୫୦ ବର୍ଷର ଗୌରବମୟ ଯାତ୍ରା ଏବଂ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ପାଳନ ଅବସରରେ ଆଜି କଟକ ମହାନଗର ନିଗମ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ରକ୍ତଦାନ ମହତ୍ ଦାନର ବାର୍ତ୍ତାକୁ ନେଇ ଆୟୋଜିତ ଏହି ଶିବିରରେ ପ୍ରତିକୂଳ ପାଗ ଓ ବର୍ଷା ସତ୍ତ୍ୱେ ନାଗରିକମାନଙ୍କ ମଧ୍ୟରେ ଉତ୍ସାହଜନକ ସହଭାଗିତା ପରିଲକ୍ଷିତ ହୋଇଥିଲା। କଟକ ମହାନଗର ନିଗମର ମେୟର ଶ୍ରୀ ସୁବାସ ସିଂହ ମେଗା ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦିନତମାମ ବର୍ଷା ଲାଗି ରହିଥିଲେ ମଧ୍ୟ ରକ୍ତଦାନ ପାଇଁ ନାଗରିକଙ୍କ ଉତ୍ସାହ କମିନଥିଲା। ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ରକ୍ତଦାତା ରକ୍ତଦାନ କରିଥିଲେ। ଏହି ଅବସରରେ କଟକ ମହାନଗର ନିଗମର ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଜନସ୍ୱାସ୍ଥ୍ୟ, ବିଦ୍ୟୁତ, ଜଳ ଯୋଗାଣ ଓ ପରିବେଶ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଶ୍ରୀମତୀ ଦିପ୍ତିମୟୀ ମୂଳିଆ, ଶିକ୍ଷା, ଚିତ୍ତବିନୋଦନ ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ମୋନାଲିସା ଦାସ, ଲାଇସେନ୍ସ ଓ ଅପିଲ୍ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଶ୍ରୀମତୀ ଏ. ଶ୍ରୀଦେବୀ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, ଶ୍ରୀମତୀ ବନଲତା ପ୍ରଧାନ, ଦୀପକ କୁମାର ଦାସ, ଡା. ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ନୃପେନ୍ଦ୍ର କୁମାର ଶତପଥୀ, ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସ, ରେଡ୍‌କ୍ରସ୍ ଅଧିକାରୀ ଡା. ରାମପ୍ରସାଦ ରାୟ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ ପ୍ରକ୍ରିୟାର ତଦାରଖ କରିଥିଲେ। ସୁବ୍ରତ କୁମାର ଭାରତୀୟ ଓ ଶ୍ରୀ ଅନୁଜ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ରେଡ୍‌କ୍ରସ୍ ପକ୍ଷରୁ ମଧ୍ୟ ଶିବିରକୁ ଆବଶ୍ୟକ ସହଯୋଗ ପ୍ରଦାନ କରାଯାଇଥିଲା।

# ଜାତୀୟ ରାଜପଥ ୫୭ରେ ଦୁର୍ଘଟଣା : ପ୍ରତିବାଦରେ ରାସ୍ତାରୋକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର-ସୋନପୁର ଏନ.ଏଚ ୫୭ରେ ଭୟାବହ ସଡ଼କ ଦୁର୍ଘଟଣା । କାର ଧକ୍କାରେ ଗୁରୁତର ହୋଇଥିବା ବାଇକ ଆରୋହୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ପୁଇଁତଲା ଥାନା ସାଉଁନ୍ତପୁର ଗାଁର ରଘୁ ନନ୍ଦ । ମୃତ୍ୟୁ ଖବର ପାଇବା ପରେ ଉତ୍ତେଜନା ଦେଖାଦେଇଥିଲା । ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ବଲାଙ୍ଗିର-ସମ୍ବଲପୁର ଏନ.ଏଚ ୨୬ର ଛୁଇଁବନ୍ଧ ଛକରେ ରାସ୍ତାରୋକ କରିଛନ୍ତି ଗାଁ ଲୋକେ । ଘଟଣାସ୍ଥଳରେ ପୁଇଁତଲା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛି । ସକାଳୁ ବଲାଙ୍ଗିର-ସୋନପୁର ଏନ.ଏଚ ୫୭ର ଶିବତଲା ଛକରେ ଘଟିଥିଲା ଏଭଳି ଦୁର୍ଘଟଣା । ଦୁର୍ଘଟଣାକୁ ନେଇ ଉଠିଛି ପ୍ରଶ୍ନ । ଦୁର୍ଘଟଣା ଘଟାଇଥିବା କାରଟି ପୁଇଁତଲା ବ୍ଲକ ଚେୟାରମ୍ୟାନ ସରୋଜ ପ୍ରଧାନଙ୍କର ବୋଲି ଜଣାପଡ଼ିଛି । ଦୁର୍ଘଟଣା ସମୟରେ ଚେୟାରମ୍ୟାନ ମଧ୍ୟ ଗାଡ଼ିରେ ଉପସ୍ଥିତ ଥିବା ସୂଚନା ମିଳିଛି । ତେବେ ଦୁର୍ଘଟଣାର ପ୍ରକୃତ କାରଣ ଏବଂ ଘଟଣା ସମୟରେ କାରଟି କିଏ ଚଳାଉଥିଲେ, ସେନେଇ ପୋଲିସ ତଦନ୍ତ କରୁଛି । ରଘୁଙ୍କ ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ମୃତଦେହ ଗାଁକୁ ନେବା ପୂର୍ବରୁ ଉତ୍ତେଜନା ଦେଖାଦେଇଥିଲା । ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଏବଂ ନ୍ୟାୟ ଦାବି କରି ଗାଁ ଲୋକେ ବଲାଙ୍ଗିର-ସମ୍ବଲପୁର ଏନ.ଏଚ ୨୬ର ଛୁଇଁବନ୍ଧ ଛକରେ ରାସ୍ତାରୋକ କରିଥିଲେ । ରାସ୍ତାରୋକ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା । ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା । ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଦୁର୍ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି କରିଥିଲେ ଗ୍ରାମବାସୀ । ସୂଚନା ପାଇ ପୁଇଁତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ରାସ୍ତାରୋକ କରୁଥିବା ଲୋକଙ୍କ ସହ ପୋଲିସ ଆଲୋଚନା କରିଥିଲା । ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ରାସ୍ତାରୋକ ହଟାଇବାକୁ ପୋଲିସ ଉଦ୍ୟମ ଜାରି ରଖିଥିଲା ।

## ଭାଲୁ କାମୁଡାରେ ଯୁବକ ଗୁରୁତର

ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ବୁରୁଡି ଗ୍ରାମର ଗୋବିନ୍ଦ ଟୁଡୁ (୪୫) ଭାଲୁ କାମୁଡିବାରୁ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି । ରବିବାର ଭୋର ସକାଳୁ ଗୋବିନ୍ଦ ନିଜ ଚାଷ ଜମିକୁ ପାଣି ଦେଖିବାକୁ ଯାଇ ପାଖ ପଡିଆରେ ଦୁଇ ପାଶ ବସିଥିଲା । ପାଖ ଜଙ୍ଗଲରୁ ଦୁଇଟି ଭାଲୁ ଛୁଆ ସହିତ ମା ଭାଲୁ ଆସି ଗୋବିନ୍ଦକୁ ଅତର୍କିତ ଆକ୍ରମଣ କରି କାମୁଡିଥିଲେ । ଗୋବିନ୍ଦ ଚିତ୍କାର ଶୁଣି କିଛି ଦୂରରେ ଥିବା ଲୋକ ମାନେ ପାଟି କରିବାରୁ ଭାଲୁ ତିନଟି ଜଙ୍ଗଲ କୁ ଦୌଡି ପଳାଇ ଥିଲେ । ଗୋବିନ୍ଦକୁ ସେଠାରୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ।

## ଟଙ୍କା ଲାଗି ବାପାଙ୍କୁ ହତ୍ୟା, ପୁଅ ଅଟକ

# କାଦୁଅ ରାସ୍ତାରେ ୧ କିମି ମୃତଦେହ ବୋହିଲା ପୁଲିସ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ପଥୁରୀ ଗ୍ରାମରେ ଟଙ୍କାକୁ ନେଇ ବାପା-ପୁଅଙ୍କ ମଧ୍ୟରେ ବିବାଦରୁ ଏକ ଅଭାବନୀୟ ହତ୍ୟାକାଣ୍ଡ ଘଟିଛି । ଟଙ୍କା ନ ଦେବାରୁ ପୁଅ ସୁମନ୍ତ ଦେହୁରୀ ଠେଙ୍ଗାରେ ପିଟି ନିଜ ବାପାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଘଟଣାରେ ପୁଲିସ ସୁମନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ପ୍ରାପ୍ତ ସୂଚନାନୁସାରେ, ମୃତକ ଘରକୁ ଆଣିଥିବା କିଛି ଟଙ୍କା ପୁଅ ସୁମନ୍ତ ମାଗିଥିଲେ । ବାପା ଟଙ୍କା ଦେବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଶନିବାର ରାତିରେ ଏହାକୁ ନେଇ ସୁମନ୍ତ ଉତ୍କ୍ଷିପ୍ତ ହୋଇ ଠେଙ୍ଗାରେ ବାପାଙ୍କୁ ଆକ୍ରମଣ କରିଥିଲେ । ଏଥିରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବରପାଇ ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ତେବେ ମୃତଦେହ ବୋହି ନେବାକୁ କେହି ନ ମିଳିବାରୁ ପୁଲିସ କର୍ମଚାରୀମାନେ ନିଜେ କାଦୁଅ ରାସ୍ତାରେ ପ୍ରାୟ ଏକ କିଲୋମିଟର ମୃତଦେହ ବୋହି ନେଇଥିବା ଜଣାପଡ଼ିଛି । ଘଟଣାକୁ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

## ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା : ସ୍ୱାମୀ ଗୁରୁତର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବଣକାଟି ପଞ୍ଚାୟତର ଜାମଦାପାଳ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ବୈଦ୍ୟନାଥ ସିଂ ଧାରୁଆ ଅସ୍ତ୍ରରେ ନିଜ ସ୍ତ୍ରୀ କୁନି ସିଂଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଥିବା ହୋଇଛନ୍ତି । ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳକୁ ଯାଇ ଗୁରୁତର ବୈଦ୍ୟନାଥଙ୍କୁ ଉଦ୍ଧାର କରି ପ୍ରଥମେ ବାରିପଦା ମେଡିକାଲକୁ ପଠାଇଥିଲା । ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପ୍ରାଥମିକ ତଦନ୍ତରୁ ପାରିବାରିକ କଳହକୁ ଘଟଣାର କାରଣ ବୋଲି ପୁଲିସ ସନ୍ଦେହ କରୁଛି । ତେବେ ଘଟଣାର ପ୍ରକୃତ କାରଣ ଓ ଅନ୍ୟାନ୍ୟ ପରିସ୍ଥିତି ନେଇ ପୁଲିସ ତଦନ୍ତ ଜାରି ରଖିଛି ।

## କମିଶନରେଟ ପୁଲିସ ପକ୍ଷରୁ ଗଣେଶପୂଜା ପ୍ରସ୍ତୁତି ବୈଠକ

# ସରସ ସୁନ୍ଦର ଓ ନିଶାମୁକ୍ତ ଉତ୍ସବ ପାଳନ ପାଇଁ ଆହ୍ୱାନ, ୧୪ ରେ ପୂଜା ୨୬ ରେ ଭସାଣି

ଜଟଣୀ, (ସବ୍ୟୁ) :ପବିତ୍ର ଗଣେଶ ପୂଜା ଉତ୍ସବ ଜଟଣୀର ଅନ୍ୟତମ ସାଂସ୍କୃତିକ ଓ ଭାଇଚାରାର ଉତ୍ସବ, ପୂଜା ପାଖେଇ ଆସିଲେ ଚଳ ଚଞ୍ଚଳ ହୋଇଉଠେ ସମଗ୍ର ସହର । ଚତୁର୍ଥୀ ଠାରୁ ଆରମ୍ଭ ହୋଇ ଇନ୍ଦୁ ପୂର୍ଣ୍ଣିମା ଦିନ ବିଭିନ୍ନ ଥାନରେ ପୂଜା ପାଉଥିବା ଠାକୁର ମାନେ ବିସର୍ଜନ ହୁଅନ୍ତି । ଜଟଣୀ ଗଣେଶ ପୂଜାର ଅନ୍ୟତମ ବିଶେଷତଃ ହେଲା ଏଠାରେ ଗଣେଶଙ୍କ ସହ ମା ଲକ୍ଷ୍ମୀ ଓ ସରସ୍ୱତୀ ଏକତ୍ର ପୂଜା ପାଆନ୍ତି । ଏଥି ସହ ଭିନ୍ନଭିନ୍ନ ମଣ୍ଡପରେ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ଭୋଗ ଲାଗି ହୁଏ । ଦୀର୍ଘ ବାରଦିନ ଧରି ଛୋଟ ବଡ଼ ହୋଇ ୧୦୦ ରୁ ଉର୍ଦ୍ଧ ପୂଜା ମଣ୍ଡପରେ ପ୍ରଭୁ ଗଜାନନ ପୂଜା ପାଉଥିଲେହେଁ ସ୍ୱୀକୃତି ପ୍ରାପ୍ତ ୧୮ ଟି ବଜାର କମିଟିର ମଣ୍ଡପ ଗୁଡିକୁ ପ୍ରାଧାନ୍ୟ ଦିଆଯାଇଥାଏ । ଏହି ପରିପ୍ରେକ୍ଷୀରେ କମିଶନରେଟ ପୁଲିସ ପକ୍ଷରୁ ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ପରିସରରେ ଜଟଣୀ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିସିପି ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ଆଇନ ପରିଧି ମଧ୍ୟରେ ରହି ପୂଜା ଉତ୍ସବ ପାଳନ




କରିବା ପାଇଁ ସମସ୍ତ ବଜାର କମିଟି ମୁଖ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଅତି ଉଚ୍ଚ ଶବ୍ଦ ଯୁକ୍ତ ଡିଜେ ବଜାଣ ନିଷେଧ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହିପରି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିବା ଜୋନ ତିନି ଏସିପି ପ୍ରଶାନ୍ତ କୁମାର ସାହୁ ପୂର୍ବରୁ ଯେଉଁଭଳି ଭାବେ ପରମିସନ ପାଇଁ ଥାନାରେ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା କରାଯାଇଥିଲା ସେହିଭଳି ଚଳିତ ବର୍ଷ ମଧ୍ୟ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର ଶିବାଶିଷ ପରିଡ଼ା , ପୌର ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ବିଡ଼ିଓ ବସନ୍ତ କୁମାର ହାତୀ, ନଗରପାଳ ଅନନ୍ତ ବେହେରା ଓ ବ୍ୟବସାୟୀ ମହାସଂଘର ସଭାପତି ସୁଦର୍ଶନ ସୁନ୍ଦରାୟ,ସାଂସଦଙ୍କ ପ୍ରତିନିଧି ସତିଶ ଶର୍ମା ବିଜେଡ଼ି ନେତା ଅନନ୍ତ ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ । ଏଥି ସହିତ ୱାଟକୋ ଅଧିକାରୀ, ବିଦ୍ୟୁତ ବିଭାଗ, ଆରପିଏଫ ଅଧିକାରୀ ଅଧିକାରୀ,ପୂର୍ତ୍ତବିଭାଗ ଯନ୍ତ୍ରୀ ଓ ଅଗ୍ନିଶମ ବିଭାଗ ଓ ଅବକାରୀ ଅଧିକାରୀ ମିତ୍ରାବିନ୍ଦା ପରିଡ଼ା , ଭସାଣି କମିଟି ଅଧକ୍ଷ ସଂଗ୍ରାମ କେଶରୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ଥାନାଧିକାରୀ ଶ୍ରୀ ବିଶ୍ୱାଳ ପୂଜା ଉତ୍ସବ ବାରଦିନ ଧରି ସମସ୍ତ ପୂଜା ମଣ୍ଡପ ସମ୍ମୁଖରେ ସିସି କ୍ୟାମେରା, ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା ଏବଂ ଆବଶ୍ୟକ ସ୍ଥଳେ ସିକ୍ୟୁରିଟି ବ୍ୟବସ୍ଥା ଆଦି ବାଧ୍ୟତା ମୂଳକ କାର୍ଯ୍ୟକାରୀ କରାଯିବା ପାଇଁ ସୂଚନା ଦେବା ସହିତ ନିଶାମୁକ୍ତ ଉତ୍ସବ ପାଳନ ପାଇଁ ଆୱାନ କରିବା ସହିତ ଉପସ୍ଥିତ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

# ପରିବାର ପୋଷଣ ସହ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବେ ଟେଟ୍ରାହେଡ୍ରନ ଅଧ୍ୟକ୍ଷ

କଟକ,(ସବ୍ୟୁ): ଟାଙ୍ଗୀ ହରିପୁର ରାସ୍ତା ବିଶ୍ୱନାହାକାଣୀ ଗରୁଡ଼ଗାଁ ମଝି ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଯୁବକ ଜଣକ ହେଲେ କଟକ ଜିଲ୍ଲା ଟାଙ୍ଗୀ ଥାନା ହଳଦୀବସନ୍ତ ଗ୍ରାମର ବିଷ୍ଣୁ ଚରଣ ଦେହୁରୀ (୪୦)। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ବିଷ୍ଣୁ ଚରଣ ଦେହୁରୀ କାମକରି ଘରକୁ ଫେରୁଥିବା ସମୟରେ ଏକ ବାଇକ୍ (OD33AL8284) ଆସି ଧକ୍କା ଦେଇଥିଲା। ଫଳରେ ବିଷ୍ଣୁ ଗୁରୁତର ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ସମୟରେ ମୃତ୍ୟୁବରଣ କରିଥିଲେ। ମୃତ ବିଷ୍ଣୁ ଘରେ ବୃଦ୍ଧା ମା, ସ୍ତ୍ରୀ ଓ ଛୋଟ ଛୋଟ ଚାରି ଝିଅ ଅଛନ୍ତି।ସେ ଶ୍ରମିକ ଭାବେ



କାମକରି ଘର ଚଳାନ୍ତି। ବର୍ତ୍ତମାନ ସୁଦ୍ଧିକ୍ରିୟା କର୍ମ ପାଇଁ ପଇସା ନାହିଁ। ଖବରପାଇ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ସେଠାରେ ପହଞ୍ଚି ବିଷ୍ଣୁର ଶବକୁ କାନ୍ଧରେ ନେଇଥିଲେ। ଶୁଦ୍ଧିକ୍ରିୟା ପାଇଁ ଯାହା ଖର୍ଚ୍ଚ ହେବ ଏବଂ ପରିବାର ଚଳାଇବା ସହ ପିଲାଙ୍କ ପାଠପଢା ନିମନ୍ତେ ମାସକୁ ୪ ହଜାର ଟଙ୍କା ଲେଖାଏଁ ଟେଟ୍ରାହେଡ୍ରନ ଟ୍ରଷ୍ଟ ପକ୍ଷରୁ ଦିଆଯିବ ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ସମୟରେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ, ଯୁବ ସମାଜସେବୀ ଗଙ୍ଗାଧର ବେହେରା, ବିଶ୍ୱଜିତ ଅଞ୍ଚଳ, ହୃଷୀକେଶ ସାମଲଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସରକାରୀ ଉଦ୍ୟୋଗ, ଲାଗୁ ହେବ ନୂଆ ନୀତି

ଭୁବନେଶ୍ୱର (ତଥ୍ୟ) ସରକାରୀ ଉଦ୍ୟାଗଗୁଡିକୁ ଅଧିକ ଦକ୍ଷ ଓ ଲାଭଜନକ କରିବାପାଇଁ ରାଜ୍ୟ ସରକାର ନୂତନ ପ୍ରବନ୍ଧନ ନୀତି ପ୍ରଣୟନ କରିବେ। ରାଜ୍ୟ ସରକାରୀ ଉଦ୍ୟୋଗ ବିଭାଗ ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଥିବା ଜଣାଯାଇଛି। ବର୍ତ୍ତମାନ ରାଜ୍ୟରେ ଥିବା ସରକାରୀ ଉଦ୍ୟୋଗଗୁଡିକ ମଧ୍ୟରୁ ହାତଗଣତି କେତୋଟି ସଂସ୍ଥାକୁ ବାଦ୍ ଦେଲେ ଅନ୍ୟମାନେ ଭଲ ପ୍ରଦର୍ଶନ କରୁନାହାନ୍ତି। ବହୁ ଉଦ୍ୟୋଗ କ୍ଷତିରେ ଚାଲୁଛନ୍ତି। ୨୦୧୨ ମସିହାରେ ରାଜ୍ୟ ସରକାର ପ୍ରଣୟନ କରିଥିବା ପ୍ରବନ୍ଧନ ମାର୍ଗଦର୍ଶିକା ଅନୁଯାୟୀ ଏମାନେ କାର୍ଯ୍ୟ କରୁଥିବାବେଳେ ଲାଭ କରୁଥିବା ଉଦ୍ୟୋଗଗୁଡିକ ବି ନାଲ୍‌କୋ, ଏନ୍‌ଟିପିସି, ଏମସିଏଲ୍ ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ସହିତ ଏମାନେ ସମକକ୍ଷ ହୋଇପାରୁ ନାହାନ୍ତି।

ରାଜ୍ୟକୁ ଏବେ ବିପୁଳ ପରିମାଣର ପୁଞ୍ଜି ଆସୁଥିବାବେଳେ ଡିଜିଟାଲ, ଏଆଇ, ଫାର୍ମାସିକିଟାଲ, ଅକ୍ଷୟଶକ୍ତି ଆଦି କ୍ଷେତ୍ରରେ ଅଧିକ ନିବେଶ ହେଉଛି। ହେଲେ ଏହିସବୁ କ୍ଷେତ୍ରରେ କାର୍ଯ୍ୟରତ ଉଦ୍ୟୋଗ ଗୁଡିକରେ ପେଶାଦାରୀ ଦକ୍ଷତାର ଅଭାବ ଥିବା ପରିଲକ୍ଷିତ ହେଉଛି। ସରକାରୀ ଉଦ୍ୟୋଗଗୁଡିକର ପରିଚାଳନା ମଣ୍ଡଳୀରେ ଯେଉଳି ସ୍ୱାଧୀନ ନିର୍ଦ୍ଦେଶକ ରହିବାକଥା ତାହା ହେଉନାହିଁ। ବରଂ ପରିଚାଳନା ନିର୍ଦ୍ଦେଶକଙ୍କ ନିଷ୍ପତ୍ତି ଅନୁସାରେ ହିଁ ଉଦ୍ୟୋଗ ପରିଚାଳିତ ହେଉଛି। ସରକାରୀ ଉଦ୍ୟୋଗଗୁଡିକର କାର୍ଯ୍ୟ ସଂକ୍ରାନ୍ତରେ ସରକାରୀ ବିଭାଗମାନେ ବହୁ ସମୟରେ ଅନ୍ଧାରରେ ରହୁଛନ୍ତି। ସରକାରୀ ବିଭାଗ ଓ ସରକାରୀ ଉଦ୍ୟୋଗ ମଧ୍ୟରେ ସମନ୍ୱୟର ଅଭାବ ରହୁଛି। ଅଧିକାଂଶ ସରକାରୀ ଉଦ୍ୟୋଗକୁ ଚଳାଇ ରଖିବାପାଇଁ ରାଜ୍ୟ ସରକାର ମୋଟା ଅଙ୍କର ଅର୍ଥ ଯୋଗାଇ ଦେଉଛନ୍ତି। ହେଲେ ଉଦ୍ୟୋଗଗୁଡିକର ପ୍ରଦର୍ଶନ ଆଦୌ ଉତ୍ସାହଜନକ ହୋଇପାରୁ ନାହିଁ। ଏପରିକି ବିଭିନ୍ନ ସଂସ୍ଥା ସହିତ ଉଦ୍ୟୋଗଗୁଡିକ କରୁଥିବା ବୁଝାମଣାପତ୍ର ସେତେଟା ପ୍ରଭାବଶାଳୀ ହୋଇପାରୁ ନାହିଁ। ତେଣୁ ଏଭଳି ବ୍ୟବସ୍ଥାରେ ସୁଧାର ଆଣି ସରକାରୀ ଉଦ୍ୟୋଗୁଡିକୁ ଦକ୍ଷ କରିବାପାଇଁ ସାଧାରଣ ଉଦ୍ୟୋଗ ବିଭାଗ ଅଣ୍ଟା ଭିଡିଛି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ନାଲ୍‌କୋ, ଏନଟିପିସି, ଭେଲ୍, ଏମସିଏଲ୍, ସେଲ୍, ହାଲ୍ ଭଳି ସରକାରୀ ଉଦ୍ୟୋଗ ପ୍ରତିଦ୍ୱନ୍ଦିତା ଭିତ୍ତିରେ ଉନ୍ନତ ପ୍ରଦର୍ଶନ କରି ନବରତ୍ନ ଓ ମହାରତ୍ନ ମାନ୍ୟତା ହାସଲ କରୁଥିବାବେଳେ ରାଜ୍ୟ ସରକାରଙ୍କ ଅଧିନରେ ଉଦ୍ୟୋଗଗୁଡିକ କିନ୍ତୁ ଅର୍ଥାଭାବରୁ କର୍ମଚାରୀ ଛଟେଇ କରିବାରେ ଲାଗିଛନ୍ତି। ଏପରିକି କେତେକ ଉଦ୍ୟୋଗ ନିଜର ବ୍ୟବସାୟକୁ ବିନା ଲାଭ ବିନା କ୍ଷତି ଓ ଆଉ କେତେକ ନିଜର କ୍ଷତି ହେଉଥିବା ଦର୍ଶାଇ ସରକାରଙ୍କ ଅନୁଦାନ ଉପରେ ନିର୍ଭର କରୁଛନ୍ତି। ସରକାରୀ ଉଦ୍ୟୋଗଗୁଡିକୁ ଏଭଳି ସ୍ଥିତିରୁ ରକ୍ଷାକରିବା ସହିତ ସେମାନେ କିଭଳି ଲାଭବାନ୍ ହୋଇ ରାଜ୍ୟ ଅର୍ଥନୀତିକୁ ସୁଦୃଢ କରିବେ ସେଥିପାଇଁ ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ 'କର୍ପୋରେଟ ଗଭର୍ଣ୍ଣାନ୍ସ ପଲିସୀ' ଲାଗୁ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ମିଳିଛି।

## ବେପରୁଆ ଗାଡ଼ି ଚାଳନା ହେଲା କାଳ

# ଯାତ୍ରୀବାହୀ ବସ ଦୁର୍ଘଟଣା ଗ୍ରସ୍ତ : ୨୫ରୁ ଊର୍ଦ୍ଧ୍ୱ ଆହତ, ୧୧ ଗୁରୁତର

ଚଣ୍ଡିଖୋଲ,(ସବ୍ୟୁ): ଡ୍ରାଇଭରର ବେପରୁଆ ଗାଡି ଚାଳନା ଯୋଗୁଁ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ-କଟକ ମଧ୍ୟସ୍ଥଳୀ କଡ଼ାଇଛକରେ ରବିବାର ଦିନ ପ୍ରାୟ ଗୋଟିଏ ବେଳେ ଯଶୋଦା(ଷଡ଼ଙ୍ଗୀ) ନାମକ ଏକ ଯାତ୍ରୀବାହୀ ବସ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହି ଭୟାନକ ଦୁର୍ଘଟଣାରେ ୨୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲା ବେଳେ ସେଥିରୁ ୫ଜଣ ଫୁଟବଲ ଖେଳାଳୀଙ୍କ ସହ ୧୧ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଭୁବନେଶ୍ୱରରୁ ବାରିପଦା ଯାଉଥିବା ଏହି ଏସିକୋଚ ବସଟିରେ ୪୮ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ଝିପି ଝିପି ବର୍ଷା ଚାଲିଥିଲେ ମଧ୍ୟ ତାହାକୁ ଖାତିର ନକରି ବସ ଚାଳକ ବେପରୁଆ ଭାବେ ଅତି ଦ୍ରୁତଗତିରେ ବସକୁ ଚଳାଇବା ନେବା କାରଣରୁ ଭାରସାମ୍ୟ ହରାଇ ବସଟି ରାସ୍ତାର ଡାହାଣ ପଟକୁ ଚାଲିଯାଇ ରାସ୍ତା ଉପରେ ଓଲଟି ପଡିଥିଲା। ବସଟି ଓଲଟିବା ସମୟରେ ଖୁଯୋରରେ ଶବ୍ଦ ହେବାସହ ପ୍ରବଳ ଧୂଆଁ ବାହାରି ଥିଲା। ବସର ସମସ୍ତ କାଚ ଚୁରମାର ହୋଇ ଯାତ୍ରୀ ମାନଙ୍କ ଦେହରେ ବାଜିବା ସହ ଭିତରୁ ବାହାରିବା ପାଇଁ ଯାତ୍ରୀ ମାନଙ୍କୁ ସୁଯୋଗ ମିଳି ନଥିଲା। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ




ପହଞ୍ଚି ବସର ଉପରପଟ ଡୋର କାଚ ଭାଙ୍ଗି ଯାତ୍ରୀ ମାନଙ୍କୁ ଭିତରଚ ଉଦ୍ଧାରକରି ବଡଚଣା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ବଡଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ୧୦ ଜଣ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛିକ୍ଷ ଘଟଣା ସ୍ଥଳରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବଡ଼ଚଣା ଥାନା ଅଧିକାରୀ ଜଗଦୀଶ କର ଓ ତାଙ୍କ ସହକର୍ମୀ ମାନେ ପୁଲିସ ଗାଡିରେ ଅହତ ଯାତ୍ରୀମାନଙ୍କୁ ଡାକ୍ତରଖାନାକୁ ନେଇଥିଲେ ଏବଂ ସେଠାରେ ଉପସ୍ଥିତ ରହି ଆହତଙ୍କ ଚିକିତ୍ସା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ତେବେ ଦୁର୍ଘଟଣା ପରେ ବସ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ପରେ ପୋଲିସ ବସକୁ ଯବତକରି ଅଧିକ ତଦନ୍ତ ଚଳାଇଛି। ଏହି ଦୁର୍ଘଟଣାରେ ପ୍ରଭାତ ପରିଡା(୧୫),ତୁଳସୀ ବେହେରା(୬୫),ମକର ସିଂହ(୪୫),ଲିଲି ମଲ୍ଲିକ(୩୦),ଚନ୍ଦ୍ର ଶେଖର ମହାନ୍ତି(୫୪),କରୁଣାକର କବି(୫୫), ଭାନୁମତି ସିଂହ(୪୫), ମୁକ୍ତିରଞ୍ଜନ ନାୟକ(୭୪), ତ୍ରିଦେବ ମୁଖି(୨୯), ସୁବାସ ଚନ୍ଦ୍ର ସିଂହ(୩୦),ଶିଶିର ନାୟକ(୨୯), ପିଣ୍ଟୁ ବେହେରା(୩୦), ସନ୍ତୋଷ ବେହେରା(୩୦), ଦେବେନ୍ଦ୍ର ତରାଇ(୪୭), ଶିବାନି ଚାନ୍ଦ(୨୫,ଚକ୍ରଧର ଦାସ(୨୬), ରୁପାଲୀ ପୁହାଣ(୨୩),ଅଭିଲିପସା ଜେନା(୨୭), ମନୋରଞ୍ଜନ ନାୟକ(୧୯),ସବିତା କବି(୩୯), ଅଶୋକ କୁମାର କବି(୩୬), ସୁରଞ୍ଜନ ବାରିକ(୫୦) ଓ ଅଞ୍ଜନ ବିବି ପ୍ରମୁଖ ଆହତ ହୋଇଥିବି ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

# ଚତୁର୍ଥ ସ୍ତମ୍ଭ ଆଜି ଅବହେଳିତ : ସାମ୍ବାଦିକଙ୍କ ସୁରକ୍ଷା ସହ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ନିହାତି ଆବଶ୍ୟକ

ବଲାଙ୍ଗିର,(ସବ୍ୟୁ): ଗଣତାନ୍ତ୍ରୀକ ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି। ଦେଶକୁ ସମୃଦ୍ଧ ତଥା ପ୍ରଗତିଶୀଳ କରାଇବାରେ ଗଣମାଧ୍ୟମ ନିଜକୁ ଉତ୍ସର୍ଗୀକୃତ ଭାବରେ ରଖି ସର୍ବଦା ସାଲିସବିହୀନ ସେବା ଭାବରେ ନିଜ ଦାୟିତ୍ୱ ବହନ କରି ଆସୁଛି। ଜନମଙ୍ଗଳ ରାଷ୍ଟ୍ରରେ ତିନୋଟି ସ୍ତମ୍ଭ ବେତନଭୋଗୀ ରହିଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସମୟସୀମା ପରେ ପେନସନ ପାଉଥିବା ବେଳେ ଉଭୟ ତିନୋଟି ସ୍ତମ୍ଭକୁ ପରୋକ୍ଷ ତଥା ପ୍ରତ୍ୟକ୍ଷ ଭାବରେ ସଂଗଠିତ କରୁଥିବା, ସମନ୍ୱୟ ରଖି କାର୍ଯ୍ୟକରୁଥିବା ତଥା ସେମାନଙ୍କ ସାଧାରଣ ଜନତା ପ୍ରତି ରହିଥିବା ଉତ୍ତରଦାୟିତ୍ୱବୋଧ କୁ ଜାଗ୍ରତ କରୁଥିବା ଗଣମାଧ୍ୟମ ଆଜି ଅବହେଳିତ ଅବସ୍ଥାରେ ରହିଛି । ନା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବେତନ ମିଳୁଛି ଆଉ ନା ପେନସନ ବ୍ୟବସ୍ଥା ରହିଛି । ସାଧାରଣ ସୁରକ୍ଷା ବ୍ୟବସ୍ଥା ବି ନାହିଁ। ଏଣୁ ଆଜି ଯିଏ ସମାଜର ଆଇନା ସାଜି ସମସ୍ତ ପରିସ୍ଥିତି ରେ ଖରା, ବର୍ଷା, ଶୀତ ସହିତ ଝଡ଼ ଝଞ୍ଜାକୁ ସାମ୍ନା କରି ଅହରହ ପରିଶ୍ରମ କରି ଖବର ସଂଗ୍ରହ କରିଆସୁଥିବା ସାମ୍ବାଦିକ ଟିଏ ଆଜି ଦିନ ମଜୁରିଆ ଠୁ ବି ଆହୁରି ନିମ୍ନଗାମୀ ହେବାରେ ଲାଗିଛି । ଯାହାକୁ ନେଇ ବକ୍ତା ମାନେ ରବିବାର ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ର ୬୫ ତମ ପ୍ରତିଷ୍ଠା ଦିବସ ରେ ପ୍ରକାଶ କରିବା ସହିତ ତୀବ୍ର ଉଦବେଗ ପ୍ରକାଶ କରିଛନ୍ତି ।

ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ରବି ଦାଶ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବର୍ତ୍ତମାନ ପରିସ୍ଥିତି ରେ ଗଣମାଧ୍ୟମ ପ୍ରତିନିଧି ମାନେ ଅବହେଳିତ




ଅବସ୍ଥା ରେ ରହିଥିବା ବେଳେ କୌଣସି ସରକାର ସାମ୍ବାଦିକ ମାନଙ୍କ ପାଇଁ ବିଧି ବ୍ୟବସ୍ଥା, ସୁରକ୍ଷା, ପେନସନ, ବେତନ ଉପରେ ପଦକ୍ଷେପ ନ ନେବା ଆହୁରି ଦୁଃଖଦାୟକ ବୋଲି କହିଛନ୍ତି । ପୂର୍ବତନ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ସାମ୍ବାଦିକ ମାନଙ୍କ ପାଇଁ ରହିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ସେବାକୁ ୫ ଲକ୍ଷ ପରିବର୍ତ୍ତେ ୧୦ ଲକ୍ଷ କୁ ବୃଦ୍ଧି କରିବା ସହିତ ସୁରକ୍ଷା ବ୍ୟବସ୍ଥା ଏବଂ ପେନସନ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଭବ୍ୟ ପ୍ରତିଷ୍ଠା ଦିବସ ସମାରୋହ ରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ସାମ୍ବାଦିକ ମାନଙ୍କ ସମସ୍ତ ସମସ୍ୟା ଏବଂ ଏହାର ନିରାକରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ଏବଂ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଆଶ୍ୱାସନା ଦେଇଛନ୍ତି ।

ଅନ୍ୟ ମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାକୁ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚରଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ଶିବ ପ୍ରସାଦ ପରିଡା, ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ପ୍ରମୁଖ ମଂଚାସୀନ ଥିଲେ । ଏହା ପୂର୍ବରୁ ଜିଲ୍ଲା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥି ଓ ସୁବାଷ ଚନ୍ଦ୍ର ପଣ୍ଡା ଧ୍ୱଜାବତୋରଣ କରିଥିଲେ । ଏହି ଅବସରରେ ଜିଲ୍ଲା ର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ନାରାୟଣ ପୃଷ୍ଠେଠ ସ୍ମୃତି ସମ୍ମାନ ମୁକେଶ ବହିଦାର, ସପନ ବହିଦାର ସ୍ମୃତି ସମ୍ମାନ ଅଭିଳାଷ ହୋତା,ଶଙ୍କର ପ୍ରସାଦ ସ୍ମୃତି ସମ୍ମାନ ଦୀପକ ପୁରୋହିତ, ସତ୍ୟନାରାୟଣ ବେହେରା ସ୍ମୃତି ସମ୍ମାନ ଅନୀଲ ତ୍ରିପାଠୀ,ବାଳକୃଷ୍ଣ ହୋତା ସ୍ମୃତି ସମ୍ମାନ ସୁବ୍ରତ ନାଏକ, ହୃଦାନନ୍ଦ ନନ୍ଦ ସ୍ମୃତି ସମ୍ମାନ ଦୀପକ କୁମାର ଦାସ ଯାଦବଙ୍କୁ ସମ୍ମାନିତ କରାଯାଇଥିଲା ।

## ଏଥର ଏନର୍ଜି ପକ୍ଷରୁ ଏହାର ନୂଆ ଇଲେକ୍ଟ୍ରିକ୍ ସ୍କୁଟର 'କୋନାର୍କ'ର ବଜାର ପ୍ରବେଶ

ଭୁବନେଶ୍ୱର (ସବ୍ୟୁ) : ଏଥର ଏନର୍ଜି, ବେଙ୍ଗାଲୁରୁରେ ଏହାର ଚତୁର୍ଥ 'ଏଥର କମ୍ୟୁନିଟି ଡେ' ୨୦୨୬ ଅବସରରେ ନୂଆ ଇଲେକ୍ଟ୍ରିକ୍ ସ୍କୁଟର କୋନାର୍କ ଉନ୍ମୋଚନ କରିଛି । କୋନାର୍କ ମୋଟ ୬ଟି ଭାରିଆଣ୍ଟ ସହ ଏସ୍ ଏବଂ ଜେଡ୍ ପ୍ରଡକ୍ଟ ଲାଇନ୍‌ରେ ଉପଲବ୍ଧ ହେବ । ଏସ୍ ଲାଇନ୍‌ରେ ୧୦୦ କିମି, ୧୨୫ କିମି, ୧୬୧ କିମି ଏବଂ ୨୦୦ କିମିର ଆଇଡିସି ରେଞ୍ଜ୍ ଥିବା ଚାରୋଟି ଭାରିଆଣ୍ଟ ରହିଛି, ଯେତେବେଳେ କି ଜେଡ୍ ଲାଇନ୍‌ରେ ୧୨୫ କିମି ଏବଂ ୧୬୧ କିମିର ଆଇଡିସି ରେଞ୍ଜ୍ ଥିବା ଦୁଇଟି ଭାରିଆଣ୍ଟ ରହିଛି । ଚଳିତ ବର୍ଷ ଏଥର କମ୍ୟୁନିଟୀ ଡେ ଅବସରରେ ୪ଟି ମୁଖ୍ୟ ଘୋଷଣା କରାଯାଇଛି, ଯେଉଁଥିରେ ରହିଛି, କୋନାର୍କ, ଏଥର ଟ୍ରୁ ହେଲ୍ଥ, ଏଥର ବେଡ ରକ ଏବଂ ଏଥର ନୋଡ । କୋନାର୍କରେ ଅନେକ ନୂଆ ଫିଚର୍ କମ୍ପାନୀ ପକ୍ଷରୁ ଉପଲବ୍ଧ ହୋଇଛି, ଯେପରିକି ମ୍ୟାଜିକ୍ କି, ଅଟୋପପ୍, ଏୟାରୱାକ ଏବଂ ଏଥରର ଆଡଭାନ୍ସଡ୍ ଇଲେକ୍ଟ୍ରୋନିକ୍ ବ୍ରେକିଂ ସିଷ୍ଟମ । ଏହା ବାଦ ଏଥର୍ ଟ୍ରୁ ହେଲ୍‌ଥ – ଗାଡ଼ିର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଯେପରି କମ୍ପୋନେଂଟର ସ୍ଥିତି, ବ୍ୟାଟେରୀ ସ୍ଥିତି ଏବଂ ସେବା ଇତିହାସ, ବ୍ୟାଟେରୀ, ମୋଟର, ଡ୍ୟାଶବୋର୍ଡ, ଚାର୍ଜିଙ୍ଗ ସିଷ୍ଟମ, ବେଲ୍ଟ ଓ ବ୍ରେକ ଆଦିର ସ୍ୱାସ୍ଥ୍ୟର ତଥ୍ୟ ଭଳି ସୂଚିତ କରିଥାଏ । ଏହାକୁ ଭିତ୍ତିକରି ଗାଡିର ରିସେଲ ମୂଲ୍ୟ ଆକଳନ ପ୍ରଦାନ କରିଥାଏ ।

# ତ୍ରିଶୁଳିଆରେ କ୍ରେଡାଇର ବୃକ୍ଷରୋପଣ ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): କ୍ରେଡାଇ ଭୁବନେଶ୍ୱର, କ୍ରେଡାଇ ଓଡ଼ିଶା ରାଜ୍ୟ ଫେଡେରେସନର ସହାୟତାରେ ପରିବେଶଗତ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଏବଂ ଏକ ସବୁଜ ଓ ସୁସ୍ଥ ଭବିଷ୍ୟତ ପ୍ରତି ଯୋଗଦାନ ଦେବାର ଲକ୍ଷ୍ୟରେ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପର ଅଂଶ ଭାବରେ କଟକର ତ୍ରିଶୁଳିଆରେ ଏକ ବୃକ୍ଷରୋପଣ ଅଭିଯାନ ସଫଳତାର ସହିତ ଆୟୋଜନ କରିଥିଲା । ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରି କ୍ରେଡାଇ ସଦସ୍ୟ, ପଦାଧିକାରୀ ଏବଂ ଅନ୍ୟାନ୍ୟ ଯୋଗଦାନକାରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ସହିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟିକା ସୋଫିଆ ଫିର୍ଦୋସ ଏବଂ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠି ପ୍ରମୁଖ ଯୋଗ ଦେଇଥିଲେ । ସେମାନଙ୍କ ଉପସ୍ଥିତି ଏବଂ ପ୍ରୋତ୍ସାହନ ଏହି ପ୍ରୟାସକୁ ଗୁରୁତ୍ୱ ପ୍ରଦାନ କରିଥିଲା ଏବଂ ପରିବେଶ ସୁରକ୍ଷା ପ୍ରତି ସାମୂହିକ କାର୍ଯ୍ୟର ଗୁରୁତ୍ୱକୁ ଦୃଢ଼ କରିଥିଲା । କ୍ରେଡାଇ ଭୁବନେଶ୍ୱର,କ୍ରେଡାଇ ଜାତୀୟ ଉପାଧ୍ୟକ୍ଷ ଏବଂକ୍ରେଡାଇ ଅଧ୍ୟକ୍ଷ ସ୍ୱଦେଶ କୁମାର ରାଉତରାୟ, କ୍ରେଡାଇ ଓଡ଼ିଶା ରାଜ୍ୟ ଫେଡେରେସନର ସଭାପତି ଅନିଲ କୁମାର ଅଗ୍ରୱାଲ ଏବଂ କ୍ରେଡାଇ କଟକର ସଭାପତି ପ୍ରିତି ରଞ୍ଜନ ମହାରଣାଙ୍କୁ ସେମାନଙ୍କର ମୂଲ୍ୟବାନ ଉପସ୍ଥିତି, ଉତ୍ସାହ ଏବଂ ସିଏସଆର ପଦକ୍ଷେପ ପ୍ରତି



ନିରନ୍ତର ସମର୍ଥନ ପାଇଁ ବିଶେଷ କୃତଜ୍ଞତା ପ୍ରକାଶ କରିଛି । ଏହି ଅବସରରେ,କ୍ରେଡାଇ ଭୁବନେଶ୍ୱରର ସଭାପତି ଶେଖ ମୈରାଜୁଲ ହକ୍ ଗୁରୁତ୍ୱାରୋପ କରିଥିଲେ ଯେ ପରିବେଶଗତ ଦାୟିତ୍ୱ ସହରାଞ୍ଚଳ ଏବଂ ରିଅଲ ଇଷ୍ଟେଟ୍ ବିକାଶ ସହିତ ସମନ୍ୱିତ ହେବା ଉଚିତ । ସେ କହିଥିଲେ ଯେ ବୃକ୍ଷରୋପଣ ଅଭିଯାନ ଭଳି ପଦକ୍ଷେପ ଭବିଷ୍ୟତ ପିଢ଼ି ପାଇଁ ସବୁଜ, ସୁସ୍ଥ ଏବଂ ସ୍ଥାୟୀ ସହର ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି କାର୍ଯ୍ୟକ୍ରମକୁ ଈRଡଉଅଔ ଭୁବନେଶ୍ୱରର ସଚିବ ଶ୍ରୀ କଳିଙ୍ଗ କେଶରୀ ରଥ ଏବଂ କ୍ରେଡାଇ ଭୁବନେଶ୍ୱରର କୋଷାଧ୍ୟକ୍ଷ ମନମୋହନ ଅଗ୍ରୱାଲାଙ୍କ ସହିତ କ୍ରେଡାଇ ଭୁବନେଶ୍ୱରର ଅନ୍ୟାନ୍ୟ ପଦାଧିକାରୀ ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥା ସଦସ୍ୟ ସକ୍ରିୟ ଭାବରେ ସମନ୍ୱିତ ଏବଂ ସମର୍ଥିତ କରିଥିଲେ । କ୍ରେଡାଇ କଟକର ସଦସ୍ୟ ଏବଂ ପ୍ରତିନିଧିମାନେ ମଧ୍ୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ବୃକ୍ଷରୋପଣ ଅଭିଯାନକୁ ଅର୍ଥପୂର୍ଣ୍ଣ ଏବଂ ସଫଳ କରିବାରେ ସେମାନଙ୍କର ସହଯୋଗ ବୃଦ୍ଧି କରିଥିଲେ । ଏହି ପଦକ୍ଷେପ ମାଧ୍ୟମରେ,କ୍ରେଡାଇ ଭୁବନେଶ୍ୱର ଏବଂକ୍ରେଡାଇ ଓଡ଼ିଶା ରାଜ୍ୟ ଫେଡେରେସନ ପରିବେଶ ସୁରକ୍ଷା, ସ୍ଥାୟୀ ବିକାଶ ଏବଂ ଦାୟିତ୍ୱପୂର୍ଣ୍ଣ ସମ୍ପ୍ରଦାୟ ସମ୍ପୃକ୍ତି ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛନ୍ତି । ଏହି ସଂଗଠନ ଏକ ସବୁଜ ଏବଂ ସ୍ଥାୟୀ ଓଡ଼ିଶା ଗଠନ ଦିଗରେ ଯୋଗଦାନ ଦେଉଥିବା ଅର୍ଥପୂର୍ଣ୍ଣ ସିଏସଆର କାର୍ଯ୍ୟକଳାପ ଜାରି ରଖିବ ।

## ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ୨୦୨୬

# ଡିଭାଇନ୍ ସଲିଟେୟାର୍ସ ପକ୍ଷରୁ ଆକର୍ଷଣୀୟ ପାର୍ବଣ ଅଫର୍

ଭୁବନେଶ୍ୱର (ସବ୍ୟୁ): ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ଡିଭାଇନ୍ ସଲିଟେୟାର୍ସର ପ୍ରମୁଖ ବାର୍ଷିକ ଗ୍ରାହକ ଅଭିଯାନ, ଯାହା ୧ ଅଗଷ୍ଟ ୨୦୨୬ରୁ ଦେଶବ୍ୟାପୀ ଏହାର ବିସ୍ତୃତ ପାର୍ଟନର୍ ଜୁଏଲର୍ ନେଟୱର୍କ ମାଧ୍ୟମରେ ଆରମ୍ଭ ହୋଇଥିଲା, ବର୍ତ୍ତମାନ ଏହାର ଅନ୍ତିମ ସପ୍ତାହରେ ପହଞ୍ଚିଛି। ଫେଷ୍ଟିଭାଲ୍ ଶେଷ ପର୍ଯ୍ୟାୟକୁ ଆସୁଥିବା ବେଳେ, ଡିଭାଇନ୍ ସଲିଟେୟାର୍ସ ଆକର୍ଷଣୀୟ ପାର୍ବଣ ଅଫର୍ ଘୋଷଣା କରିଛି। ଏହା ଗ୍ରାହକମାନଙ୍କୁ ପାର୍ବଣ ଋତୁରେ ବିଶେଷ ଲାଭ ଓ ପୁରସ୍କାର ଉପଭୋଗ କରିବା ପାଇଁ ଏକ ଅତିରିକ୍ତ ସୁଯୋଗ ପ୍ରଦାନ କରୁଛି। ୨୦୨୬ର ଏକ ଅବ୍ୟାହତ ଅଂଶ ଭାବରେ, ଡିଭାଇନ୍ ସଲିଟେୟାର୍ସ ନୂତନ ଏବଂ ଆକର୍ଷଣୀୟ ଅଫର୍ ଆଣିଛି। କ୍ରୟ କରୁଥିବା ଗ୍ରାହକମାନଙ୍କୁ ସେମାନଙ୍କର ନିଶ୍ଚିତ ଉପହାରରେ ଅପଗ୍ରେଡ୍ ପ୍ରଦାନ କରାଯିବ। ଏହା ସହିତ, ଯେଉଁ ଗ୍ରାହକମାନେ ନିଜ ଗହଣାକୁ ବ୍ୟକ୍ତିଗତ ରୂପ ଦେବାକୁ ଚାହାଁନ୍ତି, ସେମାନେ ଏହି ଦୁଇ ଦିନ ମଧ୍ୟରେ କୌଣସି ଅତିରିକ୍ତ ଶୁଳ୍କ ବିନା ନିଜର ନାମର ପ୍ରାରମ୍ଭିକ ଅକ୍ଷର ଖୋଦେଇ ପାରିବେ। ସାଧାରଣତଃ ଏହି ଖୋଦେଇ ସେବା ପାଇଁ ୨,୫୦୦ ଟଙ୍କାରୁ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ଲାଗୁଥିବା ବେଳେ, ଏହି ବିଶେଷ ପାର୍ବଣ ଅଫର୍ ଅନ୍ତର୍ଗତ ଏହି ସେବା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ। ଏହି ଅଫରଗୁଡ଼ିକ ଆପଣଙ୍କ ସହରର ନିମ୍ନଲିଖିତ ଶୋରୁମ୍‌ଗୁଡ଼ିକରେ ଉପଲବ୍ଧ । ଖିମଜି ଜୁଏଲର୍ସ – ଚନ୍ଦ୍ରଶେଖରପୁର, ଜନପଥ, ସାମନ୍ତରାପୁର, ସୌଭାଗ୍ୟ ନଗର ଏବଂ ଏପାରି ସଦାଶିବ ପ୍ରାଇଭେଟ୍ ଲିମିଟେଡ୍ – ଭୁବନେଶ୍ୱର।

# ଏକ୍ସଆଇଏମ୍‌ବିର ବିଜିନେସ୍ ଏକ୍ସିଲେନ୍ସ ସମ୍ମିଟ୍-୨୦୨୬

ଭୁବନେଶ୍ୱର, (ସବ୍ୟୁ): ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର (ଏକ୍ସଆଇଏମ୍‌ବି) ବିଜିନେସ୍ ଏକ୍ସିଲେନ୍ସ ସମିଟ୍-୨୦୨୬ ଅଷ୍ଟମ ସଂସ୍କରଣର ଶୁଭାରମ୍ଭ କରିଛି। ବିଲଡି ରେସିଲିଏଣ୍ଟ ବିଜିନେସ୍, ନ୍ୟାଭିଗେଟିଂ ରିସ୍କ-ଟୁ ସେଫ୍ ଏ ଷଷ୍ଟେନେବଲ୍ ଫ୍ୟୁଚର ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି। ଉକ୍ତ ଦୁଇ ଦିନିଆ ସମ୍ମିଳନୀରେ ଶିକ୍ଷଜଗତର ନେତୃବୃନ୍ଦ, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀମାନେ ଯୋଗଦାନ କରି ପ୍ରଯୁକ୍ତି ଓ ସ୍ଥାୟୀ ବିକାଶ ଉପରେ ଆଲୋଚନା କରିବେ। ସମ୍ମିଳନୀରେ ଡ. ବିଶ୍ୱସ୍ୱରୁପ ମିଶ୍ର ଉଦ୍‌ଘାଟନୀ ଅଭିଭାଷଣ ଦେଇଥିଲାବେଳେ ଡ. ଏଫ୍.ଆର, କାଶିମିର୍, ଏସ୍.ଜେ ବିଷୟ ବସ୍ତୁ




ଉପରେ ଅଭିଭାଷଣ ଦେଇଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ଇକୋସ୍, ବିଏସ୍‌ଇ ପତ୍ରିକା ଏବଂ ପୂର୍ବତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଉନ୍ନୟନ ପତ୍ରିକାର ଉନ୍ମୋଚନ କରାଯାଇଥିଲା। ମୁଖ୍ୟ ଅଧିବେଶନରେ ଟ୍ରଷ୍ଟ ମ୍ୟୁଚୁଆଲ ଫଣ୍ଡ ଟ୍ରଷ୍ଟର ସିଇଓ ସନ୍ଦିପ ବାଗଲା ଯୋଗ ଦେଇ ସ୍ଥିତି ସ୍ଥାପକତାର ୬ଟି ସ୍ତମ୍ଭ ବିଷୟରେ ଆଲୋଚନା କରିଥିଲେ। ଦିନର ପ୍ୟାନେଲ ଆଲୋଚନାରେ ଲିଡରସିପ୍, ଲିଡିଂ ଫର ଦି ଲଙ୍ଗରନ୍ ଏବଂ ଟେକ୍ନୋଲୋଜି, ବିଲ୍ଡ ଟୁ ବଣ୍ଡ, ନଟ୍ ଟୁ ବ୍ରେକ୍ ବିଷୟ ଉପରେ ଚର୍ଚ୍ଚା ହୋଇଥିଲା। ଏଥିରେ ଶିକ୍ଷଜଗତର ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

# ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ଶିଶୁ ମୃତ

ସମ୍ବଲପୁର, (ସବ୍ୟୁ) : ଲଗାଣ ବର୍ଷାରେ ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ବାମରା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ନ୍ୟୁ କଲୋନୀରେ ଜଣେ ସାଢ଼େ ୨ବର୍ଷର ଶିଶୁର ମୃତ୍ୟୁ ହୋଇଛି । ମୃତ ଶିଶୁ ମହୁଲପାଲି ଥାନା କନ୍ଧବଳଣ୍ଡା ଗ୍ରାମର ବିବେକ କର୍ସେଲଙ୍କ ପୁଅ ରାଜବୀର କର୍ସେଲ ବୋଲି ଜଣା ପଡିଛି । ବିବେକ ଝାରସୁଗୁଡ଼ାରେ କାମ କରୁଥିବାରୁ ତାଙ୍କ ପନୀ ରଞ୍ଜୁଲତା କର୍ସେଲ ଶିଶୁପୁତ୍ର ରାଜବୀରଙ୍କୁ ନେଇ ଗୋବିନ୍ଦପୁର ନ୍ୟୁ କଲୋନୀରେ ଗୀତାଞ୍ଜଳି ପାତ୍ରଙ୍କ ଘରେ ଭଡ଼ାରେ ରହି ଦିନ ମଜୁରିଆ କାମ କରୁଥିଲେ । ଗତ କିଛି ଦିନ ଧରି ବାମରା ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଥିବାବେଳେ ରବିବାର ମଧ୍ୟ ବର୍ଷା ଜାରି ରହିଥିଲ । । ଏହାର ପ୍ରଭାବରେ ଘରର ମାଟି କାନ୍ଥ ଦୁର୍ବଳ ହୋଇ ପଡ଼ିଥିଲା । ଆଜି ଦିନ ପ୍ରାୟ ସାଢେ ୧୨ଟା ସମୟରେ ହଠାଃ କାନ୍ଥଟି ଭୁଶୁଡ଼ି ପଡ଼ିବାରୁ ଘର ଭିତରେ ଥିବା ରାଜବୀର କାନ୍ଥ ତଳେ ଚାପି ହୋଇଯାଇଥିଲେ । ସ୍ଥାନୀୟ ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରାୟ ୪୫ ମିନିଟ ପରେ ଶିଶୁଟିକୁ କାନ୍ଥ ତଳୁ ଉଦ୍ଧାର କରାଯାଇ ଗୋବିନ୍ଦପୁର ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ଡାକ୍ତର ସେଠାରେ ରାଜବୀରଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଗୋବିନ୍ଦପୁର ପୋଲିସ ୨୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

# ଅବକାରୀ ବିଭାଗ ପକ୍ଷରୁ ୪କ୍ୱିଣ୍ଟାଲ ଗଞ୍ଜେଇ ଜବତ

ମାଲକାନଗିରି,(ସବ୍ୟୁ): ଚିତ୍ରକୋଣ୍ଡା ଅନ୍ତର୍ଗତ ସାରୁକୁବନ୍ଧ ଜଙ୍ଗଲ ନିକଟରୁ ୪କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ରବିବାର ସକାଳେ ଅବକାରୀ ବିଭାଗ ମାଲକାନଗିରି ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ ଓ ବାଲିମେଳା ଅବକାରୀ ବିଭାଗ ଥାନା ଅଧିକାରୀ ବ୍ରଜ ବିହାରୀ ନାୟକଙ୍କ ମିଳିତ ଚଢ଼ାଉରେ ସ୍ୱାଭିମାନ ଅଞ୍ଚଳ ପାପରମେଟଲା ଥାନା ଅନ୍ତର୍ଗତ ସାରକୁବନ୍ଧ ନିକଟସ୍ଥ ଜଙ୍ଗଲରୁ ୪୦୦ କେଜି ଗଞ୍ଜେଇ ଜବତ କରାଯାଇଥିବା ସୂଚନା ମିଳିଛି । ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଏହି ମିଳିତ ଚଢ଼ାଉରେ ବାଲିମେଳା ଅବକାରୀ ବିଭାଗ ଦାରା ୩୦୦ କେଜି ଜବତ ହୋଇଥିବା ବେଳେ ମାଲକାନଗିରି ଅବକାରୀ ବିଭାଗ ପକ୍ଷାରୁ ୧୦୦ କିଲୋ ଜବତ କରାଯାଇଥିଲା । ଜବତ ଗଞ୍ଜେଇର କୌଣସି ବ୍ୟକ୍ତି ଦାବିଦାର ନଥିବା ବେଳେ ବାଲିମେଳା କେଶ ନମ୍ବର ୧୦୯/ ୨୬ ଓ ମାଲକାନଗିରି କେଶ ନମ୍ବର ୪୫/୨୬ରେ ଭିନ୍ନ ଭିନ୍ନ ଦୁଇ ଟି ମାମଲା ରୁଜୁକରି କରାଯାଇଛି । ତେବେ ଏହି ମାମଲାରେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରା ଯାଇ ନାହିଁ । ଉକ୍ତ ଚଢାଉରେ ସହକାରୀ ଉପନିରୀକ୍ଷକ ରମଜାନ ଖାଁ , ସିପାହୀ ବବିନ୍ଦ ବେଂଜାମି , ସରିତା ନାୟକ , ପି. ନାଗେଶ , ମୁରଲୀ ରଜକ ପ୍ରମୁଖ ସହଯୋଗ କରିଥିଲେ ।

# ଶିଳାନ୍ୟାସକୁ ୧୫ ବର୍ଷ - କାମ ଆରମ୍ଭ କେବେ ?

ଭୁବନେଶ୍ୱର,(ତଥ୍ୟ) ପ୍ରତିବର୍ଷ ସ୍ୱାୟତ୍ତ ଶାସନ ଅବସରରେ ଅନେକ ପ୍ରକଳ୍ପ ଲାଗି ଶିଳାନ୍ୟାସ ହେବା ସହିତ କିଛି ନୂଆ ଘୋଷଣା ହୁଏ ଏବଂ ଆଉ କିଛି ଉଦ୍‌ଘାଟନ ସହିତ ସଭା, ସମିତି, ଶୋଭାଯାତ୍ରା ଆଦି କରାଯାଇଥାଏ। ଏହି କ୍ରମରେ ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ 'ଫୁଟ୍ ଓଭରବ୍ରିଜ୍' ନିର୍ମାଣ ପାଇଁ ପ୍ରାୟ ୧୫ବର୍ଷ ତଳେ ଶିଳାନ୍ୟାସ ହୋଇଥିଲେ ମଧ୍ୟ ଏଯାବତ୍ କିଛି କାମ ଆରମ୍ଭ ହୋଇନାହିଁ। ରାସ୍ତା ମଝିରେ ପ୍ରାୟ ଏକ ଡଜନ୍ ନେତାଙ୍କ ନାମ ଥିବା ଶିଳାନ୍ୟାସ ଫଳକଟି ଜରାଜୀର୍ଣ୍ଣ ଅବସ୍ଥାରେ ବ୍ୟବସ୍ଥାକୁ ଯେମିତି ଉପହାସ କରୁଛି। ୨୦୧୧ ମସିହାରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରମାଦେବୀ ସ୍ୱୟଂଶାସିତ ମହିଳା କଲେଜ୍ ସମ୍ମୁଖରେ ଏହି ଫୁଟ୍ ଓଭରବ୍ରିଜ୍‌ର ଶିଳାନ୍ୟାସ ହୋଇଥିଲା। ବେଶ୍ ଜାକଜକମରେ ଅନୁଷ୍ଠିତ ଏହି ପର୍ବରେ ରମାଦେବୀ ମହିଳା କଲେଜ୍‌ର ଛାତ୍ରୀମାନେ ଏକ ବଡ଼ କାମ ହୋଇଯିବ ବୋଲି ଆଶା ରଖି ଉପସ୍ଥିତ ନେତାମାନଙ୍କ ଜୟଜୟକାରରେ ଗଗନ ପବନ ମୁଖରିତ କରିଥିଲେ। ତେବେ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଓ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ତାଳମେଳ ଅଭାବରୁ ଏହି ଫୁଟ୍ ଓଭରବ୍ରିଜ୍ ନିର୍ମିତ ହୋଇପାରୁ ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ବିନା ଅର୍ଥ ମଞ୍ଜୁରୀ ଓ ପ୍ରକଳ୍ପର ବୈଷୟିକ ଅନୁମୋଦନ ବିନା ଏଠାରେ ଶିଳାନ୍ୟାସ କରାଯାଇଥିଲା।

୨୦୧୫ ମସିହାରେ ଏହି ମହିଳା କଲେଜ୍‌କୁ ବିଶ୍ୱବିଦ୍ୟାଳୟକୁ ଉନ୍ନିତ କରାଯାଇଥିଲା। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନେକବାର ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ କର୍ତ୍ତୃପକ୍ଷଙ୍କୁ ମନେ ପକାଇଛନ୍ତି। ଗଣମାଧ୍ୟମରେ ବି ବହୁଥର ଏ ପ୍ରସଂଗ ଉଠିଛି। କିନ୍ତୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖସ୍ଥ ବ୍ୟସ୍ତବହୁଳ ରାସ୍ତା ପାରି ହେବା ବେଳେ ଛାତ୍ରୀ, ଅଧ୍ୟାପିକାଙ୍କଠାରୁ ଆରମ୍ଭ କରି ଏଠାକୁ ଆସୁଥିବା ଅନେକ ବ୍ୟକ୍ତି ଦୁର୍ଘଟଣାର ଶିକାର ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିଲେ ମଧ୍ୟ ଫୁଟ୍ ଓଭରବ୍ରିଜ୍ ନିର୍ମିତ ହେଉନାହିଁ। ୨୦୧୧ ମସିହାରେ ଏଠାରେ ଯେଉଁ ଶିଳାନ୍ୟାସ କରାଯାଇଥିଲା ସେଥିରେ ସେତେବେଳର ନଗର ଉନ୍ନୟନ ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ମେୟର ଅନନ୍ତ ନାରାୟଣ ଜେନାଙ୍କ ସମେତ ବହୁ ରାଜନେତାଙ୍କ ନାମ ଖାଦିତ ହୋଇ ରହିଛି। ରମାଦେବୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖସ୍ଥ ରାସ୍ତାର ଡିଭାଇଡର୍ ମଝିରେ ଏହି ଫଳକଟି ସତେ ଯେମିତି ବିଦ୍ରୂପ କରୁଛି। ଏବେ ଫଳକଟିରୁ କିଛି ନାମ ଲିଭିଯିବାକୁ ବସିଲାଣି। ଅତୀତରେ ଯେଉଁମାନେ ଏହି ଫଳକ ପୋତା ରାଜନୀତିକୁ ସମାଲୋଚନା କରୁଥିଲେ ସେମାନେ ଏବେ ସରକାରରେ ଥିଲେ ମଧ୍ୟ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦିଗରେ ଧ୍ୟାନ ଦେଉ ନାହାନ୍ତି। ଦଳମତ ନିର୍ବିଶେଷରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ଏଥିନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ବିଗତ ଓ ବର୍ତ୍ତମାନର ବ୍ୟବସ୍ଥାକୁ ସମାଲୋଚନା କରୁଛନ୍ତି। ରାଜନୈତିକ ହସ୍ତକ୍ଷେପ ଫଳରେ ଜାତୀୟ ରାଜପଥ ଉପରେ ଭୁବନେଶ୍ୱରରେ ବହୁ ଫୁଟ୍ ଓଭରବ୍ରିଜ୍ ସୀମିତ ସମୟ ଭିତରେ ନିର୍ମିତ ହୋଇପାରୁଥିବାବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନର ୧୫ ବର୍ଷ ବିତିଯାଇଥିଲେ ମଧ୍ୟ କେବେ ଏହାର ନିର୍ମାଣ ସରି ଉଦ୍‌ଘାଟନ ହେବ ତାହାକୁ ସ୍ଥାନୀୟ ଅଞ୍ଚଳର ଲୋକେ ବି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

## ଏଏମ୍/ଏନ୍ଏସ୍ ଇଣ୍ଡିଆ ତରଫରୁ

# ଯାଜପୁର ଓ କେନ୍ଦୁଝରରେ ଜରୁରୀକାଳୀନ ବନ୍ୟା ରିଲିଫ୍ ସହାୟତା ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ସମ୍ପ୍ରତି ଆସିଥିବା ବନ୍ୟା ଯୋଗୁଁ ହଜାର ହଜାର ଲୋକଙ୍କ ଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ବେଳେ ଜରୁରୀକାଳୀନ ଆବଶ୍ୟକତା ପୂରଣ ଏବଂ ରିଲିଫ୍ ସହାୟତା ପ୍ରଦାନ ପାଇଁ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ତୁରନ୍ତ ପଦକ୍ଷେପ ନେଇ ଘଟଣାସ୍ଥଳରେ ଜରୁରୀକାଳୀନ ସହାୟତା ଯୋଗାଇ ଦେଇଛି। ଏଏମ୍/ଏନ୍ଏସ୍ ଇଣ୍ଡିଆ ଯାଜପୁର ଜିଲ୍ଲାରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛି। ଧର୍ମଶାଳାର ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁଙ୍କ ଅନୁରୋଧକ୍ରମେ ୩୦ ଟନ୍ ଗହମ ଅଟା (୧ କିଲୋଗ୍ରାମର ୩୦,୦୦୦ ପ୍ୟାକେଟ୍) ଏବଂ ୩୦ ଟନ୍ ସୁଜି (୧ କିଲୋଗ୍ରାମର ୩୦,୦୦୦ ପ୍ୟାକେଟ୍) ବଣ୍ଟନ କରାଯାଇଛି। ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ଶ୍ରୀମତୀ ଦେବଯାନୀ ପ୍ରଧାନଙ୍କ ଉପସ୍ଥିତିରେ ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






ଏହା ସହିତ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକରେ କମ୍ପାନୀ ପକ୍ଷରୁ ୫୦୦ଟି ଶୁଖିଲା ଖାଦ୍ୟ ପ୍ୟାକେଟ୍ ସମୁଦାୟର ନେତୃବୃନ୍ଦଙ୍କୁ ହସ୍ତାନ୍ତର କରାଯାଇଥିଲା ଯାହାକୁ ତୁରନ୍ତ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକ ମଧ୍ୟରେ ବଣ୍ଟନ କରାଯାଇଛି। ଗୁରୁତର ବନ୍ୟା ପରିସ୍ଥିତିରେ ସଂଘର୍ଷ କରୁଥିବା ପରିବାରଗୁଡ଼ିକୁ ଏହି ସହାୟତା ଅତ୍ୟାବଶ୍ୟକ ପୋଷଣ ଯୋଗାଇବାରେ ସହାୟକ ହୋଇଛି। ଏଏମ୍/ଏନ୍ଏସ୍ ଇଣ୍ଡିଆର ତ୍ୱରିତ ଏବଂ ସମନ୍ୱିତ ହସ୍ତକ୍ଷେପକୁ ପ୍ରଶଂସା କରି କେନ୍ଦୁଝର ସାଂସଦ ଅନନ୍ତ ନାୟକ କହିଛନ୍ତି "ଏଭଳି ମାନବିକ ପଦକ୍ଷେପ ସ୍ଥାନୀୟ ସମୁଦାୟର କଲ୍ୟାଣ ପ୍ରତି ଏଏମ୍/ଏନ୍ଏସ୍ ଇଣ୍ଡିଆର ଦୃଢ଼ ପ୍ରତିବଦ୍ଧତା ଏବଂ କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ କର୍ପୋରେଟ୍ ସହଯୋଗୀ ଭାବେ ଏହାର ଦାୟିତ୍ୱବୋଧକୁ ପ୍ରତିଫଳିତ କରୁଛି। ଏହି ସହାୟତା ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ଆଶ୍ୱସ୍ତି, ସାନ୍ତ୍ୱନା ଏବଂ ଆଶା ପ୍ରଦାନ କରିବାରେ ସହାୟକ ହୋଇଛି। ଏହି ଦ୍ରୁତ ପ୍ରତିକ୍ରିୟାମୂଳକ ପଦକ୍ଷେପର ସଫଳତା ପଛରେ ମାଇନ୍ସ ବିଭାଗ ମୁଖ୍ୟ ଅମିତ ଦୁବେ, ସିଏସ୍ଆର୍ ବିଭାଗ ମୁଖ୍ୟ ଡ. ବିକାଶ ଯାଦବେନ୍ଦୁ, ହେଡ୍ -, ଇନ୍ଦ୍ରକାନ୍ତ ସାହା, ଠାକୁରାଣୀ ମାଇନ୍ସ ମ୍ୟାନେଜର, ପ୍ରୋକ୍ୟୁରମେଣ୍ଟ ଅଫିସର ରୋହିତ ପାଣ୍ଡେ ଏବଂ ୱେଲଫେୟାର ଅଫିସର ଶ୍ରୀ ପ୍ରମୋଦ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ବିଭିନ୍ନ ବିଭାଗ ମଧ୍ୟରେ ହୋଇଥିବା ସୁସମନ୍ୱିତ ସହଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। କର୍ମଚାରୀ ସ୍ୱେଚ୍ଛାସେବକମାନେ ରେକର୍ଡ ସମୟ ମଧ୍ୟରେ ସମସ୍ତ ରିଲିଫ୍ ସାମଗ୍ରୀ ପ୍ୟାକେଜିଂ ଓ ପହଞ୍ଚାଇବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ବିଭିନ୍ନ ବିଭାଗର ଟିମ୍‌ଗୁଡ଼ିକୁ ଏକତ୍ର କରିବା ସହ ସ୍ଥାନୀୟ ସମୁଦାୟର ନେତୃବୃନ୍ଦଙ୍କ ସହ ମିଳିତ ଭାବେ କାର୍ଯ୍ୟ କରି ଏଏମ୍/ଏନ୍ଏସ୍ ଇଣ୍ଡିଆ ସଙ୍କଟ ସମୟରେ ସ୍ଥାନୀୟ ସମୁଦାୟ ସହ ସଦା ଠିଆ ହୋଇ ରହିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିଛି।

"ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬-ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ"

- ଆମେ ସମସ୍ତେ ମିଳିମିଶି ସଂକଳ୍ପ ନେବା, ପରିଷଦର ଟିକସ ଠିକ୍ ସମୟରେ ପୈଠ କରିବା, ଘର ଓ ପରିବେଶକୁ ସଫା ରଖିବା, ଆବର୍ଜନା ପାଣି ଘର ପାର୍ଶ୍ୱରେ ଜମା ନରଖିବା ତେବେ ଯାଇ ଆମେ ମଶା ମାଛିଙ୍କ ଦାଉରୁ ରକ୍ଷା ପାଇବା ।
- ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ପରିମଳ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
- ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନ୍ କୁ ସମ୍ପୂର୍ଣ୍ଣ ବର୍ଜନ କରନ୍ତୁ ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ନିର୍ମାଣାଧୀନ ଘରର ନକ୍ସାକୁ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ ।
- ସରକାରୀ ନାଳ, ନର୍ଦ୍ଦମା ଓ ରାସ୍ତାଘାଟକୁ ଅବରୋଧ କରନ୍ତୁ ନାହିଁ ।
- ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତାଘାଟକୁ ଛାଡନ୍ତୁ ନାହିଁ ।
- ଦୋକାନ ଘରର ଟ୍ରେଡ୍ ଲାଇସେନ୍ସ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ ।
- ଠିକ୍ ସମୟରେ ଘରର ହୋଲ୍ଡିଂ ଟିକସ ପୈଠ କରନ୍ତୁ ।
- ପରିବେଶ ସଫା ସୁତୁରା ପାଇଁ ପ୍ରତିମାସରେ ୟୁଜର ଫି ପୈଠ କରନ୍ତୁ ।
- ରାସ୍ତା ଉପରେ ଘର ତିଆରି ସାମଗ୍ରୀ (ବାଲି, ଗୋଡ଼ି, ଇଟା ଓ ପଥର) ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ଦୋକାନ ଆଗରେ ଓଡ଼ିଆରେ ନାମ ଫଳକ ଲେଖି ଟ୍ରେଡ୍ ଲାଇସେନ୍ସରେ ରିହାତି ପାଆନ୍ତୁ ।

(ପ୍ରତ୍ୟେକ ଟିକସ ଦାତା ଜଣେ ରାଜ୍ୟ ନିର୍ମାତା)

ପ୍ରାଣନାଥ ସେଠ୍, ଓ.ରା.ସେ. ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା | ଭଗବାନ ପ୍ରଧାନ ଉପାଧ୍ୟକ୍ଷ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା | ଶ୍ରୀମତୀ ସୁକାନ୍ତି ପାଇକରାୟ ଅଧ୍ୟକ୍ଷା ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା

## ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଉପଲକ୍ଷେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହରବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଆଗାମୀ ଦିନରେ ସହରବାସୀଙ୍କ ମୌଳିକ ସୁବିଧା ପ୍ରଦାନ ପାଇଁ ନିମ୍ନ ବର୍ଣ୍ଣିତ ପଦକ୍ଷେପ ।

୧. ଦଶପଲ୍ଲା ସହରବାସୀଙ୍କ ପାଇଁ କ୍ଷୁଦ୍ର ଜୈବିକ ଖତ ପସ୍ତୁତ କେନ୍ଦ୍ର (MCC), ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର (MRF), ମଳ ଉପଚାର କେନ୍ଦ୍ର (SeTP)ର କାର୍ଯ୍ୟକାରୀ ହୋଇଅଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ FSTP 2.0 ମାଧ୍ୟମରେ ମଳ ଉପଚାର କେନ୍ଦ୍ରର ବିଶ୍ରାମ କକ୍ଷ ତଥା ତାଲିମ କେନ୍ଦ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।
୨. ସହରର ସ୍ୱଚ୍ଛତା, ପରିମଳ ଓ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ ।
୩. MSBY ଯୋଜନା ମାଧ୍ୟମରେ ଉନ୍ନତିମୂଳକ କାର୍ଯ୍ୟଗୁଡିକର ସୁପରିଚାଳନା ଓ କର୍ମ ନିଯୁକ୍ତି ପ୍ରଦାନ କରାଯାଇଛି ।
୪. PMAY 2.0 ମାଧ୍ୟମରେ ବାସହୀନ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦେବାର ଯୋଜନା ।
୫. ୧ (ଏକ) ଏକର ପରିମିତ ଜମିରେ ଶିଶୁ ଉଦ୍ୟାନ ଓ ସ୍ମାର୍ଟ ପାର୍କ କାର୍ଯ୍ୟ ଚାଲୁ ରହିଛି ।
୬. ବିଭିନ୍ନ ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଛି ।
୭. ସହରର ସୌନ୍ଦର୍ଯ୍ୟକରଣ ପାଇଁ Selfee Point କରାଯାଇଛି ।

ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ଦାଶ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା | ଶ୍ରୀଯୁକ୍ତ ଅବିନାଶ ମହାନ୍ତି, ନିର୍ବାହୀ ଅଧିକାରୀ, ସମସ୍ତ ପାରିଷଦ ବର୍ଗ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା | ଇଂ ପୁନମ ପ୍ରିୟଦର୍ଶିନୀ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

॥ ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା ଆପଣଙ୍କ ସେବାରେ ॥

## ପୌର ପରିଷଦ ବାଲେଶ୍ୱର

### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ- ୨୦୨୬

ବାଲେଶ୍ୱର ପୌରପାଳିକାର ୧୫୦ ବର୍ଷର ଜନସେବା, ଗୌରବମୟ ଇତିହାସ ଓ ପୌର ବିକାଶର ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୫୦ତମ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଅଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି ।

ନିବେଦନ :-
୦୧- ପୌର ସମ୍ପତ୍ତି ଆପଣଙ୍କର, ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ ।
୦୨- ସହରର ରାସ୍ତା ଏବଂ ଡ୍ରେନ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ ।
୦୩- ସର୍ବସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହ ପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ ।
୦୪- ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୦୫- ଜଳ ନିଷ୍କାସନ ସୁରକ୍ଷିତ ଭାବେ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୦୬- ଗୃହର ବର୍ଜ୍ୟବସ୍ତୁକୁ ପୃଥକ ଭାବେ ରଖି ପୌରପାଳିକାର BOV ଗାଡିରେ ପ୍ରଦାନ କରନ୍ତୁ ।
୦୭- ନିୟମିତ ଭାବେ ଘର ଟିକସ, ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୦୮- ନିଜ ବାସଗୃହ ଏବଂ ବ୍ୟବସାୟ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ ।
୯- ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ ।
୧୦- ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ ବର୍ଷରେ ପୌରପାଳିକାର ସେପ୍‌ଟିକ ଗାଡ଼ି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ ଏବଂ +୯୧୭୨୮୯୬୧୭୭୪ ଏହି ନମ୍ବରରେ ସମ୍ପର୍କ କରି ବୁକିଂ କରିପାରିବେ ।
୧୧- ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ, ସ୍ୱାସ୍ଥ୍ୟକର, ସୁନ୍ଦର ଓ ସୁରକ୍ଷିତ କରି ଗଢି ତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।



ଶ୍ରୀଯୁକ୍ତ ଶିରିୟାଳ ଶୁଭ୍ର ପଟେଲ, ଓ.ପ୍ର.ସେ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା | ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ, ଉପାଧ୍ୟକ୍ଷ, ବାଲେଶ୍ୱର ପୌରପାଳିକା | ଶ୍ରୀମତୀ ସବିତା ସାହୁ, ପୌରାଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା

ଟ୍ୱିଟର ଆଇଡି ଇନ୍‌ଷ୍ଟାଗ୍ରାମ balasoremunici1 | balasoremunicipality@rediffmail.com | ଫେସ୍ ବୁକ୍ ଆଇଡି balasoremunicipality

## ପୌର ପରିଷଦ କାର୍ଯ୍ୟାଳୟ : ରାୟଗଡ଼

ଜିଲ୍ଲା - ରାୟଗଡ଼
ପିନ୍ କୋଡ - ୭୬୫୦୦୧ , ଓଡ଼ିଶା
E-mail ID - rayagadam.hud@od.gov.in
web-www.rayagadamunicipality.in
Phone- 06856-235052

### ସର୍ବସାଧାରଣ ନିମନ୍ତେ ସୂଚନା

ଏତଦ୍ୱାରା ରାୟଗଡ଼ ପୌରାଞ୍ଚଳ ସମସ୍ତ ଜନସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି କି,

- ରାୟଗଡ଼ ସହରକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ ।
- ଘରର ସମସ୍ତ ଓଦା ବା ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ ।
- ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ଆପଣମାନଙ୍କ ଠାରୁ ସଂଗୃହୀତ ହେଉଥିବା ଅଳିଆରୁ ଉତ୍କୃଷ୍ଟ ମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି । ଏହାର ଉପଯୋଗ କରନ୍ତୁ ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ ।
- ବ୍ୟବସାୟୀମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ୍ ଲାଇସେନ୍ସ ଓ ନବୀକରଣ ନିମନ୍ତେ ସୁଜୋଗ ପୋର୍ଟାଲରେ ଅନଲାଇନରେ ଆବେଦନ କରାଇ ନିଅନ୍ତୁ ଓ ବିଭିନ୍ନ ଟିକସ ଯଥା Holding Tax, User Fee, Hoarding Fee ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ ସମୟରେ ପୈଠ କରନ୍ତୁ ।
- ଭୂମି ଅଧିକାରୀ ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ବାଣିଜ୍ୟିକ ପ୍ରତିଷ୍ଠାନର ପ୍ରତିଷ୍ଠାନର ସୂଚନା ଫଳକ ( Display Board ) ୬୦ ଭାଗ ଓଡ଼ିଆ ଭାଷାରେ ଲେଖନ୍ତୁ । ନଚେତ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ ।
- ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ସେପ୍‌ଟିକ ଗାଡ଼ି ପାଇଁ ଟୋଲ ଫ୍ରି ନଂ. ୦୬୮୫୬-୨୩୫୦୫୨ରେ ଯୋଗାଯୋଗ କରନ୍ତୁ ।
- ରାସ୍ତାକଡ଼ ଡ୍ରେନ୍‌କୁ ଜବରଦଖଲ କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲକୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ।
- ପରିଷଦ ଇଲାକାରେ ଥିବା ସୈଇରାତ (ପୋଖରୀ ) ଗୁଡ଼ିକୁ ପରିଷ୍କାର ରଖନ୍ତୁ ।

ଶ୍ରୀ କୁଳଦିପ କୁମାର, ନିର୍ବାହୀ ଅଧିକାରୀ, ପୌରପରିଷଦ, ରାୟଗଡ଼ | ଶ୍ରୀ ପି. ମହେଶ ପଟ୍ଟନାୟକ, ଅଧ୍ୟକ୍ଷ, ପୌରପରିଷଦ, ରାୟଗଡ଼

## ପୌରପରିଷଦ କାର୍ଯ୍ୟାଳୟ, ଦେବଗଡ

ସ୍ୱାୟତ୍ତ ଶାସନ ଦିବସ ୨୦୨୬ ପାଳନ ଅବସରରେ ଦେବଗଡ ସହରବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ନିମ୍ନଲିଖିତ ବିଷୟ ଉପରେ ଦୃଷ୍ଟି ଆକର୍ଷଣ କରୁଅଛି ।

୧. ସହରାଞ୍ଚଳରେ ଛାତ ଘର ନଥିବା ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ଉଠାନ୍ତୁ ।
୨. ପରିବେଶର ସୁରକ୍ଷା ପାଇଁ ଗୃହ ସମ୍ମୁଖରେ ବୃକ୍ଷରୋପଣ କରନ୍ତୁ ।
୩. ଗୃହ ଉପକରଣ ବାଲି, ମାଟି, ଇଟା ଓ ପଥର ଇତ୍ୟାଦି ରାସ୍ତା ଉପରେ ପକାଇ ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୪. ସର୍ବସାଧାରଣ ତଥା ସରକାରୀ ଜାଗାକୁ ଜବରଦଖଲ କରନ୍ତୁ ନାହିଁ ।
୫. ପୌରପରିଷଦର ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ ଏବଂ ପୁରୁଣା ଯାନବାହାନ ରାସ୍ତା କଡରେ ରଖନ୍ତୁ ନାହିଁ ।
୬. ନୀତିଦିନ ନିଜ ଗୃହରୁ ଓଳିଆ, ଆବର୍ଜନାକୁ ପୌରପରିଷଦରୁ ଯାଉଥିବା ସଫାଇବାଲା ଗାଡିରେ ଓଦା ଏବଂ ଶୁଖିଲା ଅଲଗା କରି ଦିଅନ୍ତୁ । ଦୋକାନୀ ଭାଇମାନେ (dustbin)ରେ ଜମା କରନ୍ତୁ ।
୭. ପୌରାଞ୍ଚଳର କରଦାତାମାନେ ସମସ୍ତ ଦେୟ ଯଥା ଘର ଟିକସ, ଲାଇସେନ୍ସ ଫି ଓ ଦୋକାନ ଭଡା ଠିକ ସମୟରେ ପଇଠ କରନ୍ତୁ ।
୮. ରାସ୍ତା ଉପରକୁ ଗୃହପାଳିତ ପଶୁ ଛାଡନ୍ତୁ ନାହିଁ ।
୯. ପୌରସମ୍ପତ୍ତିର ସୁରକ୍ଷା ଓ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ ।
୧୦. ପୌରାଞ୍ଚଳରେ ଗୃହର ଓଳିଆ, ଆବର୍ଜନା ଯଥା ଶୁଖିଲା, ଓଦା ନିଆଯାଉଥିବା ୟୁଜର ଫି ଠିକ ସମୟରେ ୱାର୍ଡର ସ୍ୱଚ୍ଛ ସାଥୀଙ୍କୁ ପଇଠ କରନ୍ତୁ ।

ଶ୍ରୀ କଳିଙ୍ଗ ଆଶିଷ ଶତପଥୀ, ନିର୍ବାହୀ ଅଧିକାରୀ, ପୌରପରିଷଦ, ଦେବଗଡ଼ | ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ଦେବଗଡ଼ | ଶ୍ରୀମତୀ ଶାନ୍ତି ମଞ୍ଜରି ଦେଇ, ପୌର ଅଧ୍ୟକ୍ଷା, ପୌରପରିଷଦ, ଦେବଗଡ଼

## ଭବାନୀପାଟଣା ପୌରପରିଷଦ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛୁ । ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା ।

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ, ନିର୍ବାହୀ ଅଧିକାରୀ ତଥା ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ, ନଗରପାଳ
ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌରପାଳିକା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଏହି ପରିଷଦକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ।

### -ନିବେଦନ-

୧. ବାଣପୁର ସହରକୁ ସ୍ୱଚ୍ଛ, ସରସ ଓ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା
୨. ଅଳିଆ ଓ ଆବର୍ଜନାକୁ ପୃଥକୀକରଣ କରି ମଇଳା ସଂଗୃହିତ ଗାଡ଼ିରେ ଦିଅନ୍ତୁ ।
୩. ବ୍ୟବସାୟୀମାନେ Single use Plasticର ବ୍ୟବହାର ବର୍ଜନ କରନ୍ତୁ ।
୪. ସର୍ବସାଧାରଣ ରାସ୍ତାରେ ଗାଈ, ଗୋରୁ ଓ ମଇଳା ପାଣି ଛାଡ଼ନ୍ତୁ ନାହିଁ ।
୫. ସହରର ପରିଷ୍କାର ଓ ପରିଚ୍ଛନ୍ନତାକୁ ଦୃଷ୍ଟିରେ ରଖି ନିୟମିତ User Fee ପୈଠ କରନ୍ତୁ ।
୬. ପରିଷଦର ଟିକସ ଠିକ ସମୟରେ ନିୟମିତ ପୈଠ କରନ୍ତୁ ।
୭. ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟିକ ପ୍ରମାଣପତ୍ର (Trade License) କରି ବ୍ୟବସାୟ କରନ୍ତୁ ।
୮. ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସଦା ସର୍ବଦା ଆପଣଙ୍କ ସେବାରେ ।



ଅଧ୍ୟକ୍ଷ ଶ୍ରୀଯୁକ୍ତ ମିଟୁ ନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର | ଉପାଧ୍ୟକ୍ଷା ଶ୍ରୀମତୀ ପ୍ରାଚୀପ୍ରଭା ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର | କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସ୍ମୃତିରଞ୍ଜନ ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର

## ପୌରପରିଷଦ ପାରଳାଖେମୁଣ୍ଡି

### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୬

ଆମର ନିବେଦନ:
୧. ଘର ଟିକସ ଠିକ ସମୟରେ ପୈଠ କରନ୍ତୁ ।
୨. ରାସ୍ତା ଓ ନାଳକୁ ବେଆଇନ ଭାବେ ଦଖଲ କରି ଗମନାଗମନରେ ଅବରୋଧ ସୃଷ୍ଟି କରନ୍ତୁ ନାହିଁ ।
୩. ଦୋକାନ ଲାଇସେନସ ଫି ଠିକ ସମୟରେ ପୈଠ କରନ୍ତୁ ।
୪. ଗୃହରୁ ବାହାରୁଥିବା ଅଳିଆ ଆବର୍ଜନା ନାଳରେ ନ ପକାଇ ତାହାକୁ ଅଲଗା ଅଲଗା କରି ପୌରପରିଷଦର ଅଳିଆ ସଂଗ୍ରହକାରୀଙ୍କୁ ପ୍ରଦାନ କରନ୍ତୁ ।
୫. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁରଗୁଡିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ ।
୬. ବାହାରେ ମଳତ୍ୟାଗ ନକରି ନିଜ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ ।
୭. ପାରଳା ପୌରପରିଷଦକୁ ସବୁଜ ଓ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।
୮. ପଲିଥିନ ମୁକ୍ତ ପାରଳା ସହର ଗଠନ କରିବାରେ ଆମକୁ ସହାୟତା କରନ୍ତୁ ।
୯. ନିଜ ପାଇଖାନା ଟାଙ୍କିରୁ ନିର୍ଗତ ମଳକୁ ଏଣେ ତେଣେ ନ ପକାଇ ପରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ସେସ୍‌ପୁଲ ମାଧ୍ୟମରେ ସଫାକରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ ।



ଶ୍ରୀମତୀ ନିର୍ମଳା ସେଠୀ, ପୌରାଧ୍ୟକ୍ଷା, ପାରଳାଖେମୁଣ୍ଡି ପୌରପରିଷଦ



ଶ୍ରୀ ଲେଙ୍କା ମଧୁ, ଉପାଧ୍ୟକ୍ଷ, ପାରଳାଖେମୁଣ୍ଡି ପୌରପରିଷଦ

## କେନ୍ଦ୍ରାପଡା ପୌର ପରିଷଦ, କେନ୍ଦ୍ରାପଡା

''ନଖିଳ ଭାରତ ସ୍ୱାୟତ୍ତ ଶାସନ ୨୦୨୬'' ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

### ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚାଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଞ୍ଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।
୨. ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ ।
୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ ) ଗିନା, ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି । ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।
୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧ ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପରଭାଇଜର ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି । ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫିକୁ ପୌରସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌର ପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।
୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ । ଯଦି ପୂର୍ବରୁ ପୌର ସଂସ୍ଥାର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

ଶ୍ରୀଯୁକ୍ତ ତ୍ରିନାଥ ବେହେରା, ନିର୍ବାହୀ ଅଧିକାରୀ | ଆକବରୀ ଖାତୁନ, ଉପାଧ୍ୟକ୍ଷା | ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା

## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

### ନିବେଦନ

• ଆଗାମୀ ଦିନରେ ଏକ ଆଦର୍ଶ, ସୁସ୍ଥ ଏବଂ ସୌନ୍ଦର୍ଯ୍ୟମୟ ଆଧୁନିକ ସହର ଗଠନ ନିମନ୍ତେ ପ୍ରୟାସ ଜାରି ରଖିବାକୁ ସଂକଳ୍ପ ନେଇ ଏହି ପୌରପରିଷଦ ନିମ୍ନୋକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ପ୍ରଚେଷ୍ଟାରତ ।

୧. ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର ।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୩. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ । ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ ।
୪. କର୍ତ୍ତବ୍ୟରତ ପୌର କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହଯୋଗ କରନ୍ତୁ ।
୫. ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।
୬. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନକରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
୭. ନିୟମିତ କର ଦେଇ ପୌରପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୮. ପ୍ରତି ବର୍ଷ ଏପ୍ରିଲ ଓ ମେ ମାସରେ ଘର ଟିକସ ପୈଠ କରି ରିହାତିର ସୁଯୋଗ ନିଅନ୍ତୁ ।
୯. ପୌରାଞ୍ଚଳରେ ଗୃହ ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାରୁ ଗୃହ ନକ୍ସାକୁ ଅନୁମୋଦନ କରାଇ ନିଅନ୍ତୁ ।
୧୦. ଖୋଲା ସ୍ଥାନରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା, ଗୋଷ୍ଠୀ ପାଇଖାନା କିମ୍ବା ସର୍ବସାଧାରଣ ପାଇଖାନା ବ୍ୟବହାର କରନ୍ତୁ ।
୧୧. ପୌରସଂସ୍ଥାର ନାଳରେ ଗୃହର ପାଇଖାନା ମଇଳା ପାଣି ନଛାଡ଼ି ପୌରପାଳିକାର ସେପ୍‌ଟିକ ମେସିନ ମାଧ୍ୟମରେ ନିଷ୍କାସିତ କରନ୍ତୁ ।
୧୨. ପୌରାଞ୍ଚଳ ମଧ୍ୟରେ ଗୃହ ନିର୍ମାଣ କରିବା ପରେ ନିଜର ଗୃହକୁ ପୌର କାର୍ଯ୍ୟାଳୟରେ ମୂଲ୍ୟାଙ୍କନ କରାଇ ହୋଲଡିଂ ଟ୍ୟାକ୍ସରେ ଅର୍ନ୍ତଭୁକ୍ତ କରାନ୍ତୁ ।
୧୩. ପୌରାଞ୍ଚଳ ମଧ୍ୟରେ ଥିବା ସମସ୍ତ ବ୍ୟବସାୟୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକ ସେମାନଙ୍କର ବ୍ୟବସାୟର ଟ୍ରେଡ ଲାଇସେନ୍ସ ପୌର କାର୍ଯ୍ୟାଳୟରେ କରାଇ ନିଅନ୍ତୁ ।
୧୪. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା, ୨୦୧୬ ନିୟମ ଅନୁଯାୟୀ ସମସ୍ତେ ନିଜ ନିଜର ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ପୃଥକ ପୃଥକ ଭାବରେ (ସବୁଜ ଓଦା ବର୍ଜ୍ୟବସ୍ତୁ ଓ ନୀଳ ଶୁଖିଲା ବର୍ଜ୍ୟବସ୍ତୁ) ଦୁଇ ଗୋଟି ଡଷ୍ଟବିନରେ ରଖି ପ୍ରତିଦିନ ନିଜନିଜର ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟବିନରେ ରଖି ପୌରସଂସ୍ଥାକୁ ହସ୍ତାନ୍ତରେ କରନ୍ତୁ ଏବଂ ଏଥି ସହିତ ଢେଙ୍କାନାଳ ସହରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢି ତୋଳିବାରେ ସହଯୋଗ କରନ୍ତୁ ।
୧୫. ପୌରାଞ୍ଚଳ ମଧ୍ୟରେ ଥିବା ସରକାରୀ ଜମିକୁ ଜବରଦଖଲ କରନ୍ତୁ ନାହିଁ ।
୧୬. କୌଣସି ନିର୍ମାଣ କାର୍ଯ୍ୟ ବେଆଇନ ଭାବେ କରନ୍ତୁ ନାହିଁ ।

''ଆସନ୍ତୁ ଢ଼େଙ୍କାନାଳ ସହରକୁ ପଲିଥିନ ମୁକ୍ତ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ କରି ଗଢ଼ି ତୋଳି ଦୃଢ଼ ପ୍ରଗତି ପଥରେ ଆଗେଇ ନେବା''

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସ, ଓ.ପ୍ର.ସେ, ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା | ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର କୁଅଁର, ଉପାଧ୍ୟକ୍ଷ, ଢେଙ୍କାନାଳ ପୌରପାଳିକା | ଶ୍ରୀମତୀ ଜୟନ୍ତୀ ପାତ୍ର, ଅଧ୍ୟକ୍ଷା, ଢେଙ୍କାନାଳ ପୌରପାଳିକା

## ଅନୁଗୋଳ ପୌର ପାଳିକା, ଅନୁଗୋଳ

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଉପଲକ୍ଷେ ଅନୁଗୋଳ ପୌରପାଳିକା ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।



ଶ୍ରୀ ସତ୍ୟ ପ୍ରକାଶ ତ୍ରିପାଠୀ, ନିର୍ବାହୀ ଅଧିକାରୀ, ଅନୁଗୋଳ ପୌରପାଳିକା | ଶ୍ରୀମତୀ ଅନୁପମା ସାହୁ, ଉପାଧ୍ୟକ୍ଷା ଏବଂ ପାରିଷଦ ବର୍ଗ | ଶ୍ରୀ ଅକ୍ଷୟ କୁମାର ସାମନ୍ତ, ଅଧ୍ୟକ୍ଷ, ଅନୁଗୋଳ ପୌରପାଳିକା

## ପୌରପରିଷଦ କାର୍ଯ୍ୟାଳୟ, ଫୁଲବାଣୀ

ଫୁଲବାଣୀ ପୌରପରିଷଦ ପ୍ରଗତିପଥେ ଆଗକୁ ବଢେଇ ନେବା ପାଇଁ, ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଆପଣମାନେ

*****************

- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ ।
- ରାସ୍ତା କଡ଼ର ନାଳ ଉପରେ ଉଠା ଦୋକାନ ବା କ୍ୟାବିନ ପକାଇ ଜବର ଦଖଲ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡିରେ ଦିଅନ୍ତୁ ।
- ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣାଧିନ ସାମଗ୍ରୀ ଯଥା ବାଲି, ଗୋଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ ।
- ଗାଈ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡି ନିଜ ହେପାଯତରେ ରଖନ୍ତୁ ।
- ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ଟିକସ ସଠିକ ସମୟରେ ପଇଠ କରନ୍ତୁ ।
- ସର୍ବସାଧାରଣ ରାସ୍ତା ଉପରେ କୌଣସି ସାର୍ବଜନୀନ ସ୍ଥାନରେ ବିନା ଅନୁମତିରେ ଖାଲ କରିବା କିମ୍ବା ତୋରଣ ନିର୍ମାଣ କାମରୁ ନିବୃତ ରୁହନ୍ତୁ ।
- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦରୁ ବିଧିବଦ୍ଧ ଅନୁମତି ନିଅନ୍ତୁ ।
- ପ୍ରତ୍ୟେକ ଶନିବାର ଦିନ ଘରୁ ବାହାରୁ ଥିବା ଇଲେକ୍ଟ୍ରିକ ବର୍ଜ୍ୟବସ୍ତୁ ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ଗାଡିମାନଙ୍କରେ ଦିଅନ୍ତୁ ।
- ଫୁଲବାଣୀ ପୌରପରିଷଦରେ ଫେକାଲ ସ୍ଲେଜ ମ୍ୟାନେଜମେଣ୍ଟର ଅପରେସନ ମଡେଲ ନିର୍ମାଣ ହୋଇଅଛି, ଯେଉଁଠି ସହରର ପରିମଳ ସଂଗ୍ରହ ହେବା ସେବା ସହ ପରିମଳକୁ ଖତ ରୂପେ ପରିବର୍ତ୍ତନ କରାଯାଉଅଛି ।
- ଘରେ ରହି ପୌରପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବ ସାଇଟ ଯାଇ ସେବା ନିଅନ୍ତୁ ।

ଶ୍ରୀ ସମରେଶ ମହାନ୍ତି, ନିର୍ବାହୀ ଅଧିକାରୀ, ଫୁଲବାଣୀ ପୌରପରିଷଦ | ସମସ୍ତ ପାରିଷଦ ବୃନ୍ଦ, ଫୁଲବାଣୀ ପୌରପରିଷଦ | ଶ୍ରୀମତୀ ପାୟେଲ ବେହେରା, ଅଧ୍ୟକ୍ଷା, ଫୁଲବାଣୀ ପୌରପରିଷଦ

## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

ସ୍ୱାୟତ୍ତ ଶାସନ ଦିବସ– ୨୦୨୬ ଶୁଭେଚ୍ଛା ଓ ଅଭିନନ୍ଦନ ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ସର୍ବାଙ୍ଗୀନ ବିକାଶ

**ଆମର ସଂକଳ୍ପ**

୧. ଏକକ ବ୍ୟବହୃତ ପଲିଥନ କିଣିବା, ବିକିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ।
୨. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ ।
୩. ଘରର ଆବର୍ଜନା ଏଣେତେଣେ ନପକାଇ ପୃଥକୀକରଣ କରି ପୌର ପାଳିକା ଦ୍ୱାରା ପରିଚାଳିତ ଗାଡ଼ିରେ ଦିଅନ୍ତୁ ।
୪. ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ଦାଇତ୍ୱ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ ।
୫. ରାସ୍ତାଘାଟ, ଡ୍ରେନ, ପାର୍କ, ଖେଳପଡିଆ ନିର୍ମାଣ ପାଇଁ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ଉନ୍ନତିରେ ସହଯୋଗ କରନ୍ତୁ ।
୬. ପୌର ପରିଷଦର ଦେୟ ତଥା ଗୃହ ଟିକସ, ଲାଇସେନ୍ସ ଫିସ୍, ପରିମଳ ଫିସ୍ ଏବଂ ଦୋକାନ ଗୃହ ଭଡ଼ା ଠିକ ସମୟରେ ପୈଠ କରନ୍ତୁ ।

ସ୍ୱଚ୍ଛ ପାରାଦ୍ୱୀପ - ସୁସ୍ଥ ପାରାଦ୍ୱୀପ

ନିବେଦକ
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

## ପୌର ପରିଷଦ, ନୟାଗଡ଼

"ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"
"ପୌର ପରିଷଦ ସମ୍ପତ୍ତିର ସୁରକ୍ଷା, ଆମ ସମସ୍ତଙ୍କର ଦାୟିତ୍ୱ"

ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା, ଉପାଧ୍ୟକ୍ଷ | ଶ୍ରୀମତୀ ନିରୁପମା ଖଟେଇ, ଅଧ୍ୟକ୍ଷା
ଏବଂ ସମସ୍ତ ପାରିଷଦ ବର୍ଗ
ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ
ପୌର ପରିଷଦ, ନୟାଗଡ଼

## ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି

**ସହରର ଉନ୍ନତି ପାଇଁ**

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ଠିକ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନଘର ଭଡ଼ା, ଲାଇସେନ୍ସ ଫି ୟଜର୍ସ ଫି ପୈଠ କରନ୍ତୁ ।
୨. ଜନ୍ମମୃତ୍ୟୁ ପଞ୍ଜିକରଣ ଠିକ ସମୟରେ କରାଇ ନିଅନ୍ତୁ ।
୩. ରାସ୍ତାକଡ଼ କିମ୍ବା ୱାର୍ଡ଼ମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ ।
୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ।
୫. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୬. ପଲିଥିନ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ ।
୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗୃହୀତ ରଖି ପରିଷଦର କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ । ପଲିଥିନ ଜରି ଓ ବ୍ୟାଗ ସର୍ବଦା ବର୍ଜନ କରନ୍ତୁ ।
୮. ଗାଈଗୋରୁମାନଙ୍କୁ ରାସ୍ତା ଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ୍ୱ ଗୋଶାଳାରେ ବାନ୍ଧି ରଖନ୍ତୁ ।
୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡ଼ି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ । ଆପଣମାନଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ ।

ବଳୟ ଦେହୁରୀ, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ | ବି. ଶୁଭ୍ର ଶଙ୍କର ଜ୍ୟୋତି, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନ୍‌ସିଲର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ | ସସ୍ମିତା ରାଉତ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼

ଭୁବନେଶ୍ୱର-ବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୬ର ଅନେକ ଅନେକ ଶୁଭେଚ୍ଛା

## ସ୍ୱାୟତ୍ତ ଶାସନ ଦିବସ ଅବସରରେ

ନିମ୍ନ ଲିଖିତ ପ୍ରକଳ୍ପଗୁଡିକର

## ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ

୩୧ ଅଗଷ୍ଟ ୨୦୨୬

### ପ୍ରକଳ୍ପ ଲୋକାର୍ପଣ

- ଡିଫେନ୍ସ କଲୋନୀର ନବ ନିର୍ମିତ ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୭
- ଲୋକନାଥ ବିହାର ଠାରେ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୧୦
- ନବ ନିର୍ମିତ ପେଭର ବ୍ଲକ ରାସ୍ତା ଓ ଡ୍ରେନ୍, ଭୋଟପଡ଼ା ୱାର୍ଡ଼ ନଂ-୧୦
- ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୱାର୍ଡ଼ ନଂ-୬୫
- ୩ ଗୋଟି ୨ ସିଟ୍ ବିଶିଷ୍ଟ 'ଲୁ', ୱାର୍ଡ଼ ନଂ-୫୪
- ଟି.ଟି.ଏସ୍ ଗାଡ଼କଣରେ ୩୦ କେ.ଏଲ୍.ଡି ଇଫ୍ଲୁଏଣ୍ଟ ବିଶୋଧିକରଣ ପ୍ଲାଣ୍ଟ, ୱାର୍ଡ଼ ନଂ-୧୧
- ଦୈନିକ ୨୫ ଟନ୍ କ୍ଷମତା ବିଶିଷ୍ଟ ସବୁଜ ବର୍ଜ୍ୟ ପ୍ରକ୍ରିୟାକରଣରୁ ବାୟୋମାସ୍ ବ୍ରିକେଟ ଉତ୍ପନ୍ନ ପ୍ଲାଣ୍ଟ, ୱାର୍ଡ଼ ନଂ-୦୫
- ୧ ନମ୍ବର ମେନ୍ ଡ୍ରେନ୍ (ପଦ୍ମାବତୀ ବିହାର କଲଭର୍ଟ ରୁ ନନ୍ଦନକାନନ କଲଭର୍ଟ ପର୍ଯ୍ୟନ୍ତ), ୱାର୍ଡ଼ ନଂ-୦୬
- କପିଳେଶ୍ୱର ଶ୍ମଶାନ ଏବଂ ପାର୍କର ନିର୍ମାଣ, ୱାର୍ଡ଼ ନଂ-୬୦
- ରାସ୍ତାର ପୁନଃ ନିର୍ମାଣ, ୱାର୍ଡ଼ ନଂ-୬୫
- ପ୍ରାଚୀର ନିର୍ମାଣ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ (ଭୋଟପଡ଼ା ଖେଳ ପଡିଆ), ୱାର୍ଡ଼ ନଂ-୧୦
- ପଳାଶୁଣୀଠାରେ ଗୃହ ପାଳିତ ପଶୁଙ୍କ ଶ୍ମଶାନ, ୱାର୍ଡ଼ ନଂ-୦୫
- ୱାର୍ଡ଼ କାର୍ଯ୍ୟାଳୟ, ୱାର୍ଡ଼ ନଂ-୧୩, ୱାର୍ଡ଼ ନଂ-୨୪
- ବଡ଼ଗଡ଼ ବ୍ରିଟ କଲୋନୀ ପାଣ୍ଡବ ନଗର ପାର୍କ, ୱାର୍ଡ଼ ନଂ-୫୭
- ଭୋଟପଡ଼ା ଗ୍ରାମରେ ନିର୍ମିତ ଶ୍ମଶାନ, ୱାର୍ଡ଼ ନଂ-୧୦

### ଭିତ୍ତିପ୍ରସ୍ତର ସ୍ଥାପନ

- ଭୁବନେଶ୍ୱର ମହାନଗର ନିଗମର ୩୦ ଗୋଟି ପବ୍ଲିକ୍ ଟଏଲେଟ୍ ରେ ୫ କେ.ଏଲ୍.ଡି ବିଶିଷ୍ଟ ଏସ୍.ଟି.ପି
- ଦାରୁଠେଙ୍ଗଠାରେ ବାଲୁଙ୍କେଶ୍ୱର ମନ୍ଦିର ଏବଂ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ
- ଦାରୁଠେଙ୍ଗଠାରେ ଓପନ ପାର୍କ ଓ ଜିମ୍ ନିର୍ମାଣ
- ଦାରୁଠେଙ୍ଗଠାରେ ଷ୍ଟାଡିୟମ ନିର୍ମାଣ
- ଦାରୁଠେଙ୍ଗଠାରେ ରାସ୍ତା, ଡ୍ରେନ୍ ସହିତ ସୋଲାର ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ
- କଳିଙ୍ଗନଗର କେ-୪ ଅଞ୍ଚଳରେ ରାସ୍ତା ନିର୍ମାଣ, ୱାର୍ଡ଼ ନଂ-୨୩
- କଳିଙ୍ଗନଗର କେ-୮ ଅଞ୍ଚଳରେ, ରାସ୍ତା ଓ ଡ୍ରେନ୍ ନିର୍ମାଣ, ୱାର୍ଡ଼ ନଂ-୨୩

ଶ୍ରୀମତୀ ମଞ୍ଜୁଲତା କହଁର, ଡେପୁଟି ମେୟର, ବିଏମ୍‌ସି | ଶ୍ରୀମତୀ ସୁଲୋଚନା ଦାସ, ମେୟର, ବିଏମ୍‌ସି

ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ କର୍ପୋରେଟରବୃନ୍ଦ

## ଭୁବନେଶ୍ୱର ମହାନଗର ନିଗମ

OIPR: 13001/13002/1/26-27/0093    13001/1699/2627

## ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୬

### ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

**ନିବେଦନ :** ୧. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡ଼ି ରହିଛି । ଟୋଲ ଫି ନଂ. ୧୪୪୨୦ରେ ଯୋଗାଯୋଗ କରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।
୨. ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ ।
୩. ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନ୍‌କୁ ବେଆଇନ ଭାବେ ଅବରୋଧ କରନ୍ତୁ ନାହିଁ ।
୪. ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଦ୍ରିଚାଳିତ ଗାଡ଼ିରେ ଦୈନନ୍ଦିନ ଦିଅନ୍ତୁ ।
୫. କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ ।
୬. ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଅନଲାଇନ୍ ମାଧ୍ୟମରେ www.sujog.odisha.gov.in portal ରେ ଆବେଦନ କରି ପୌରପରିଷଦରୁ ଅନୁମତି ନିଅନ୍ତୁ ।
୭. ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
୮. ଅଦରକାରୀ ଇଲେକଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡ଼ିରେ ଦିଅନ୍ତୁ
୯. ଛୋଟ/ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର ଅନଲାଇନ ମାଧ୍ୟମରେ www.sujog.odisha.gov.in portal ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ ।
୧୦. ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

| | | |
|---|---|---|
| ଇଂ ସନ୍ଦିପ ସିଂହ (ଓ.ଏ.ଏସ) | ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ | ଶ୍ରୀମତୀ ଅର୍ଚ୍ଚନା ସିଂହ |
| ନିର୍ବାହୀ ଅଧିକାରୀ | ଉପାଧକ୍ଷ, ଏବଂ ସମସ୍ତ ପାରିଷଦ ବୃନ୍ଦ | ଅଧକ୍ଷା |
| ପୌରପରିଷଦ, ଜଗତସିଂହପୁର | ପୌରପରିଷଦ, ଜଗତସିଂହପୁର | ପୌରପରିଷଦ, ଜଗତସିଂହପୁର |

## ବ୍ରହ୍ମପୁର ମହାନଗର ନିଗମ

### ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ନିବେଦନ

**କରନ୍ତୁ :** ୧. ଆପଣଙ୍କ ଘର / ଅନୁଷ୍ଠାନ ର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦିକୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକରୀ ଯାନରେ ପକାନ୍ତୁ ।
୨. ବର୍ଜ୍ୟବସ୍ତୁ ସଂଗହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
୩. ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
୪. ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
୫. ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ :** ୧. ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
୨. ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା : କାଗଜ, ପ୍ଲାଷ୍ଟିକ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
୩. ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
୪. ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
୫. ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
୬. ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
୭. ଟାୟାର, ଫୁଲକୁଣ୍ଡ ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

| | | |
|---|---|---|
| ଶ୍ରୀ ସମୀର କୁମାର ଜେନା | ଶ୍ରୀମତୀ ସଂଘମିତ୍ରା ଦଳେଇ | ଶ୍ରୀ ଇ. ବିବେକ୍ ରେଡ୍ଡୀ |
| କମିଶନର | ମେୟର | ଡେପୁଟି ମେୟର |
| ବ୍ରହ୍ମପୁର ମହାନଗର ନିଗମ | ବ୍ରହ୍ମପୁର ମହାନଗର ନିଗମ | ବ୍ରହ୍ମପୁର ମହାନଗର ନିଗମ |

ଓ ସମସ୍ତ କର୍ପୋରେଟର ବୃନ୍ଦ, ବ୍ରହ୍ମପୁର ମହାନଗର ନିଗମ

## ଜଟଣୀ ପୌରପରିଷଦ, ଜଟଣୀ

### ସର୍ବସାଧାରଣ ନିମନ୍ତେ ସୂଚନା

**ଏତଦ୍ୱାରା ଜଟଣୀ ପୌରାଞ୍ଚଳ ସମସ୍ତ ଜନସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି କି,**

୧. ଜଟଣୀ ସହରକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ ।
୨. ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହାନ ଗାଡ଼ିରେ ଦିଅନ୍ତୁ ।
୩. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
୪. ଆପଣମାନଙ୍କ ଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍କୃଷ୍ଟ ମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି । ଏହାର ଉପଯୋଗ କରନ୍ତୁ ।
୫. ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ ।
୬. ବ୍ୟବସାୟୀମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ୍ ଲାଇସେନ୍ସ ଓ ନବୀକରଣ ନିମନ୍ତେ ସୁଯୋଗ ପୋର୍ଟାଲରେ ଅନ୍‌ଲାଇନରେ ଆବେଦନ କରାଇନିଅନ୍ତୁ ଓ ବିଭିନ୍ନ ଟିକସ ଯଥା ହାଉସିଂ ଟ୍ୟାକ୍ସ, ୟୁଜର ଫି, ହୋଡିଂ ଫି ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ ସମୟରେ ପୈଠ କରନ୍ତୁ ।
୭. ଭୂମି ଅଧିକାର ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
୮. ବାଣିଜ୍ୟିକ ପ୍ରତିଷ୍ଠାନର ସୂଚନା ଫଳକ (ଡିସ୍‌ପ୍ଲେ ବୋର୍ଡ) ୬୦ ଭାଗ ଓଡ଼ିଆ ଭାଷାରେ ସେପ୍ଟେମ୍ବର ମାସ ତା. ୩୦.୦୯.୨୦୨୫ ରିଖ ସୁଦ୍ଧା ଲେଖନ୍ତୁ । ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ଶହ ଟଙ୍କା ସଂପୃକ୍ତ ଦୋକାନୀ ଠାରୁ ଜୋରିମାନା ରାଶି ଆଦାୟ କରିବେ ।
୯. ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ଶେସ୍ ପୁଲ୍ ଗାଡ଼ି ପାଇଁ ଟୋଲ ଫି ନଂ. ୧୪୪୨୦ରେ ଯୋଗାଯୋଗ କରନ୍ତୁ ।
୧୦. ରାସ୍ତାକଡ଼ ଡ୍ରେନ୍‌କୁ ଜବର ଦଖଲ କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲକୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ।
୧୧. ଜଟଣୀ ପୌରପରିଷଦ ଇଲାକାରେ ଥିବା ସୈଇରାତ (ପୋଖରୀ) ଗୁଡିକୁ ପରିଷ୍କାର ରଖନ୍ତୁ ।
୧୨. ପୌରାଞ୍ଚଳରେ ଜନଗଣନା ପାଇଁ ୱାର୍ଡକୁ ଯାଉଥିବା କର୍ମଚାରୀଙ୍କୁ ସହଯୋଗ କରନ୍ତୁ ଓ ସଠିକ୍ ତଥ୍ୟ ପ୍ରଦାନ କରନ୍ତୁ ।

| | | |
|---|---|---|
| ଶ୍ରୀମତୀ ଆରତୀ ରାଉତ | ଶ୍ରୀମତୀ ଆକ୍ରିତୀ ଗୋଏଙ୍କା | ଶ୍ରୀଯୁକ୍ତ ଅନନ୍ତ ବେହେରା |
| ଉପାଧକ୍ଷା | ନିର୍ବାହୀ ଅଧିକାରୀ | ଅଧକ୍ଷ |
| ଜଟଣୀ ପୌର ପରିଷଦ | ଜଟଣୀ ପୌର ପରିଷଦ | ଜଟଣୀ ପୌର ପରିଷଦ |

13001/1692/2627

## ଜଳେଶ୍ୱର ପୌରପାଳିକା, ଜଳେଶ୍ୱର

ଜଳେଶ୍ୱର ପୌରପାଳିକା ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି । ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

୧. ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨. ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡ଼ିରେ ଅଲଗା ଅଲଗା କରି ଦିଅନ୍ତୁ ।
୩. ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪. ପାଇଖାନା କିମ୍ବା ସେପ୍‌ଟିକ ଟାଙ୍କିର ପାଇପକୁ ସିଧା ସଳଖ ଭାବରେ ଡ୍ରେନ୍‌କୁ ସଂଯୋଗ କରନ୍ତୁ ନାହିଁ ।
୫. ସର୍ବସାଧାରଣଙ୍କ ରାସ୍ତା ଉପରେ ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ ।
୬. ନିଜ ପଟ୍ଟାଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭. ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୮. ଟ୍ରାଫିକ୍ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ ।
୯. ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ ଫ୍ଲୁ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗଗୁଡିକ ପୌରାଞ୍ଚଳରେ ଦେଖା ଦେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ଏବଂ ଡେଙ୍ଗ ଓ ଗୁଣି ଗାରେଡି ଭଳି ଅନ୍ଧବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ ।

| | | |
|---|---|---|
| ଶ୍ରୀ ପ୍ରତିପ କୁମାର ପ୍ରଧାନ | ଶ୍ରୀ ହେମନ୍ତ କୁମାର ସିଂ ଓ.ଆର.ଏସ (ଏ) ଜେବି | ଶ୍ରୀମତୀ ପୁଷ୍ପପ୍ରିୟା କାମିଲା |
| ନଗରପାଳ | କାର୍ଯ୍ୟନିର୍ବାହୀ ଅଧିକାରୀ | ଉପ -ନଗରପାଳ |
| ଜଳେଶ୍ୱର ପୌରପାଳିକା | ଜଳେଶ୍ୱର ପୌରପାଳିକା | ଜଳେଶ୍ୱର ପୌରପାଳିକା |

ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା
ଜଳେଶ୍ୱର ପୌରପାଳିକା

OIPR : 13001/13126/1/26-27/0007

## ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ - ୨୦୨୬ ଉପଲକ୍ଷେ

### ଚୌଦ୍ୱାର ପୌରପରିଷଦ, ଚୌଦ୍ୱାର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

**ସହରର ଉନ୍ନତି ପାଇଁ :**
୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ସଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନ ଘର ଭଡ଼ା, ଲାଇସେନ୍ସ ଫି, ୟୁଜର୍ସ ଫି ପଇଠ କରନ୍ତୁ ।
୨. ଚୌଦ୍ୱାର ପୌରପରିଷଦର ସମସ୍ତ ବକେୟା କର ପୈଠ କରନ୍ତୁ ଓ ସରକାରଙ୍କ ସମସ୍ତ ସୁବିଧାକୁ ଉପଭୋଗ କରନ୍ତୁ ।
୩. ଚୌଦ୍ୱାର ପୌରପରିଷଦର ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ବେଆଇନ ଭାବରେ ଜବରଦଖଲ କରନ୍ତୁ ନାହିଁ ।
୪. ପୌରାଞ୍ଚଳର ବିଭିନ୍ନ ରାସ୍ତାରେ ନିଜର ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।
୫. ରାସ୍ତା ଗୁଡ଼ିକ ଉପରେ ନିଜ ନିଜ ଘରର ନିର୍ମାଣ ସାମଗ୍ରୀ ଯଥା : ବାଲି, ଗୋଡ଼ି, ଇଟା, ପଥର, ଚିପ୍ସ ଇତ୍ୟାଦି ଗଦା କରି ରଖନ୍ତୁ ନାହିଁ କିମ୍ବା ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୬. ଚୌଦ୍ୱାର ପୌରପରିଷଦର ବିଭିନ୍ନ ୱାର୍ଡରେ ଥିବା ସମ୍ପଦ କେନ୍ଦ୍ର (ଏମସିସି ଓ ଏମଆରଏଫ) କୁ ବିଭିନ୍ନ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀଙ୍କ ଜରିଆରେ ନିଜ ଗୃହର (ଓଦା ଓ ଶୁଖିଲା) ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରି ଦିଅନ୍ତୁ ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ଚୌଦ୍ୱାର ଗଠନ କରିବାରେ ସହଯୋଗ କରନ୍ତୁ ।
୭. ପଲିଥିନ ବ୍ୟବହାର ସର୍ବାଦା ବର୍ଜନ କରନ୍ତୁ ।
୮. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।


ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ମିଶ୍ର
ନିର୍ବାହୀ ଅଧିକାରୀ, ଚୌଦ୍ୱାର ପୌରପାଳିକା


ଶ୍ରୀଯୁକ୍ତ ଶୁଭେନ୍ଦୁ ସାମଲ
ଉପାଧକ୍ଷ, ଚୌଦ୍ୱାର ପୌରପରିଷଦ


ଶ୍ରୀମତୀ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ
ଅଧକ୍ଷା, ଚୌଦ୍ୱାର ପୌରପରିଷଦ

ଆପଣମାନଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ ।

## ପୌରପରିଷଦ କାର୍ଯ୍ୟାଳୟ, ଗୁଣପୁର

### ସ୍ୱାୟତ୍ତ ଶାସନ ଦିବସ

### ୩୧ ଅଗଷ୍ଟ ୨୦୨୬

ମହାଶୟା/ମହାଶୟ,
ଆସନ୍ତା ତା. ୩୧.୦୮.୨୦୨୬ ରିଖ ସୋମବାର ଦିନ ଗୁଣୁପୁର ପୌର ପରିଷଦ ତରଫରୁ "ସ୍ୱାୟତ୍ତ ଶାସନ ଦିବସ – ୨୦୨୬" ପାଳିତ ହେବାକୁ ଯାଉଅଛି । ଏହି ଅବସରରେ ପୌର ପରିଷଦ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି । ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ସହଯୋଗ କରନ୍ତୁ । ପୌର ପରିଷଦ ଗୁଣପୁର ସର୍ବଦା ଆପଣଙ୍କ ସେବାରେ ।

**ବାର୍ତ୍ତା**

୧. ସ୍ୱଚ୍ଛତାକୁ ଅଭ୍ୟାସ କରିବା, ପରିବେଶକୁ ସୁରକ୍ଷା କରିବା, ପୌର ସେବାରେ ସହଯୋଗ କରିବା ଓ ନିଜ ସହର ପ୍ରତି ଦାୟିତ୍ୱବାନ ହେବା, ସମସ୍ତଙ୍କ ସହଭାଗିତାରେ ସୁନ୍ଦର ସହର ଗଢ଼ିବା ।
୨. ଆସନ୍ତୁ ଗଛ ଲଗାଇବା ଗୁଣପୁର ସହରକୁ ସୁସ୍ଥ, ସବୁଜ ଓ ସୁନ୍ଦର ରଖିବା ।
୩. ଗୃହର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦର ଆବର୍ଜନା ସଂଗ୍ରହ ଗାଡ଼ିରେ ଦିଅନ୍ତୁ ।
୪. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁରମାନଙ୍କୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ ।
୫. ବାହାରେ ମଳତ୍ୟାଗ ନକରି ନିଜେ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ ।
୬ ଘରର ଲାଟିନ ଟାଙ୍କି ସଫା କରିବା ପାଇଁ ପରିଷଦର ସେସ୍‌ପୁଲ ଗାଡ଼ିକୁ ବ୍ୟବହାର କରନ୍ତୁ ।

॥ ଶ୍ରଦ୍ଧାର ସହ ॥
ଆପଣଙ୍କ ଗୁଣମୁଗ୍ଧ


ଶ୍ରୀଯୁକ୍ତ ଶିବ ପ୍ରସାଦ ଗୌଡ଼
ଉପାଧକ୍ଷ
ପୌର ପରିଷଦ, ଗୁଣପୁର


ଶ୍ରୀମତୀ ମମତା ଗୌଡ଼
ଅଧକ୍ଷା
ପୌର ପରିଷଦ, ଗୁଣପୁର


ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌର ପରିଷଦ, ଗୁଣପୁର

ପୌର ପରିଷଦର ସମସ୍ତ ପାରିଷଦ ବୃନ୍ଦ

13001/1686/2627

## ୨୦୨୬ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

### ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ" ନୀଳଗିରି

- ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ ।
- ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୁତ କରନ୍ତୁ ।
- ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
- ରାସ୍ତା କଡ଼ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ଗୃହପାଳିତ ପଶୁ ଯଥା : ଗାଈ, ଗୋରୁ, ଛେଳି ମେଣ୍ଢାମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
- ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
- ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କରାଇ ଗୃହନିର୍ମାଣ କରନ୍ତୁ ।
- ନୀଳଗିରିକୁ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ୍ୟ, ଏହାଦ୍ୱାରା ସହରକୁ ପ୍ରଦୂଷଣମୁକ୍ତ କରାଯାଇ ପାରିବ ।
- ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ ।

| | |
|---|---|
| ଶ୍ରୀ ଅଂଶୁମାନ ପରିଡା | ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା |
| ନିର୍ବାହୀ ଅଧିକାରୀ | ଭାରପ୍ରାପ୍ତ ନଗରପାଳ |
| ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି | ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି |

ସମସ୍ତ ସଭ୍ୟ/ସଭ୍ୟା ଓ କର୍ମଚାରୀ ବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

OIPR : 13001/13179/1/26-27/0005

13001/1696/2627

## ଝାରସୁଗୁଡା ପୌରପରିଷଦ, ଝାରସୁଗୁଡା

*ନିଖିଳ ଓଡ଼ିଶା ସ୍ୱାୟତ୍ତ ଶାସନ ଦିବସ - ୨୦୨୬* ଉପଲକ୍ଷେ ଝାରସୁଗୁଡା ପୌରପରିଷଦ ସହରବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଝାରସୁଗୁଡା ପୌରପରିଷଦ ସଦା ସହରର ସୁଚିତ୍ର, ସୁନ୍ଦର, ସବୁଜ ଓ ସମୃଦ୍ଧ ଭବିଷ୍ୟତ ପାଇଁ ପ୍ରତିବଦ୍ଧ ।

ଆସନ୍ତୁ, ଆମେ ସମସ୍ତେ ଏହି ଦିନରେ ଏକତାର ସହିତ ସହରର ଉନ୍ନତିରେ ନିଜର ଦାୟିତ୍ୱ ପାଳନ କରିବାର ପ୍ରତିଶ୍ରୁତି ନେବା ଏବଂ ନିମ୍ନ ପଦକ୍ଷେପ ଗୁଡିକୁ ନିୟମିତ ରଖିବା :

- ଘରୋଇ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ଝାରସୁଗୁଡା ପୌରପରିଷଦ ଦ୍ୱାରା ପରିଚାଳିତ ଆବର୍ଜନା ଯାନରେ ଦେବା ।
- ହୋଲଡିଂ ଟିକସ ଦୋକାନ ଭଡ଼ାକୁ କୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପଇଠ କରିବା ।
- ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ।
- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ନାମଫଳକ ଗୁଡିକୁ ଓଡ଼ିଆ ଭାଷାରେ ଲେଖିବା ।
- ସର୍ବସାଧାରଣଙ୍କ ରାସ୍ତା ଓ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା : ଇଟା, ବାଲି, ଗୋଡ଼ି ରଖି ରାସ୍ତା ଓ ନାଳ ଅବରୋଧ କରିବା ନାହିଁ ।
- ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବାକୁ ଛାଡିବା ନାହିଁ ।
- ସରକାରଙ୍କ ଏବଂ ପୌରପରିଷଦର ସମସ୍ତ ନିୟମ ମାନିବାକୁ ଅନୁରୋଧ ।

ଝାରସୁଗୁଡା ପୌରପରିଷଦ ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣ କରନ୍ତୁ ।

ଶ୍ରୀମତୀ ରାନୀ ହାତୀ
ଅଧକ୍ଷା
ଝାରସୁଗୁଡା ପୌରପରିଷଦ

ଶ୍ରୀ ବେଣୁଗୋପାଳ ପାଣିଗ୍ରାହୀ
ଉପାଧକ୍ଷ
ଝାରସୁଗୁଡା ପୌରପରିଷଦ

ଏବଂ ସମସ୍ତ କାଉନସିଲର ବୃନ୍ଦ
ଝାରସୁଗୁଡା ପୌରପରିଷଦ

OIPR : 13001/1365/1/26-27/0014

## ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବରେ ଗଢ଼ିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ ।

- ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ ।
- ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୨୬ କୁ ସମ୍ମାନର ସହ ପାଳନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି ।
- ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
- ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ ।
- ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ ।
- ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ ପାଇଁ ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ ।
- ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଟିକସ ଯଥା : ହୋଲ୍‌ଡିଂ ଟ୍ୟାକ୍ସ, ୟୁଜର ଫି' ଠିକ ସମୟରେ ପଇଠ କରନ୍ତୁ ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ । ଗୃହ କାର୍ଯ୍ୟ ସମୟରେ ବାଲି, ଇଟା, ଗୋଡ଼ି ଗଦାନ୍ତୁ ନାହିଁ ବି ରାସ୍ତାର ସୌନ୍ଦର୍ଯ୍ୟ ନଷ୍ଟ କରନ୍ତୁ ନାହିଁ ।
- ସହରରେ ରହୁଥିବା ସମସ୍ତ ଭଠାଦୋକାନୀ ମାନଙ୍କୁ ସରକାରଙ୍କ PMSVANIDHI ଯୋଜନାରେ ଋଣ ସହାୟତା ଏବଂ ଆର୍ଥିକ ଅନଗ୍ରସର ଓ ଗରିବ ପରିବାରଗୁଡିକୁ ସହଯୋଗ ଯୋଜନାରେ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ କରାଯାଉଛି ।
- ସ୍ୱଚ୍ଛ ରଣପୁର ଓ ସୁସ୍ଥ ରଣପୁର ଗଠନରେ ସହାୟକ ହୁଅନ୍ତୁ ।

| | |
|---|---|
| ଶ୍ରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର | ଶ୍ରୀମତୀ ରଙ୍ଗୀନ ମହାନ୍ତି |
| ନିର୍ବାହୀ ଅଧିକାରୀ | ଅଧକ୍ଷା |
| ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର | ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର |
| ଓ ସମସ୍ତ କର୍ମଚାରୀ ବୃନ୍ଦ | ଓ ସମସ୍ତ ପରିଷଦ ବର୍ଗ |

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ ଖୋରଧା ପୌର ପରିଷଦ ତରଫରୁ

13001/1694/2627

### ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ବିକଶିତ ସହର ଗଠନ କେବଳ ପୌରପରିଷଦର ଦାୟିତ୍ୱ ନୁହେଁ, ଏଥିପାଇଁ ପ୍ରଶାସନ ସହିତ ପ୍ରତ୍ୟେକ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ । ଏହି ଦିଗରେ ଖୋରଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା, ରାସ୍ତାଘାଟର ପରିଚ୍ଛନ୍ନତା, ନାଗରିକ ସେବା ଓ ସହରର ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ ।

ଖୋରଧା ହେଉଛି ଓଡ଼ିଶାର ଐତିହ୍ୟ, ସ୍ୱାଭିମାନ ଓ ଗୌରବର ଏକ ଅନନ୍ୟ ପରିଚୟ । ଏହି ଐତିହାସିକ ସହରକୁ ଆଧୁନିକ ନାଗରିକ ସୁବିଧା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର, ପରିବେଶବନ୍ଧୁ ଓ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ଆମ ସମସ୍ତର ସାମୂହିକ ଦାୟିତ୍ୱ ।

ପୌର ପରିଷଦର ସ୍ୱଚ୍ଛତା କର୍ମୀମାନେ ପ୍ରତିଦିନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ସହରକୁ ପରିଷ୍କାର ରଖିବାରେ ଯେଉଁ ଅବଦାନ ରଖୁଛନ୍ତି, ସେଥିପାଇଁ ସେମାନେ ବିଶେଷ ପ୍ରଶଂସା ଓ ସମ୍ମାନର ଅଧିକାରୀ । ସେହିପରି ପୌର ପରିଷଦର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ଓ ସଚେତନ ନାଗରିକଙ୍କ ମିଳିତ ପ୍ରୟାସ ହିଁ ଖୋରଧାକୁ ଆହୁରି ଆଗକୁ ନେଇପାରିବ ।

ଆଜିର ସଫଳତା ଆସନ୍ତାକାଲିର ବଡ଼ ସଫଳତା ପାଇଁ ପ୍ରେରଣାଦାୟକ ହେଉ । ଖୋରଧା ପୌରପରିଷଦ ଆଗମୀ ଦିନରେ ନାଗରିକଙ୍କୁ ଆହୁରି ଉତ୍ତମ, ସ୍ୱଚ୍ଛ, ପାରଦର୍ଶୀ ଓ ଦାୟିତ୍ୱଶୀଳ ପୌର ସେବା ପ୍ରଦାନ କରିବା ସହିତ ସହରର ସର୍ବାଙ୍ଗୀନ ବିକାଶରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁ – ଏହାହିଁ ଆମର ଆନ୍ତରିକ କାମନା ।

ଖୋରଧା ପୌରପରିଷଦର ସମସ୍ତ ପ୍ରୟାସ ସଫଳ ହେଉ, ଖୋର୍ଦ୍ଧା ସହର ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ହେଉ – ଏହି ଶୁଭକାମନା ସହିତ ପୌରପରିଷଦ ପକ୍ଷରୁ ପୁନର୍ବାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

"ସ୍ୱଚ୍ଛ ଖୋରଧା - ସୁନ୍ଦର ଖୋରଧା ସମୃଦ୍ଧ ଖୋରଧା - ଆମ ସମସ୍ତଙ୍କ ଖୋରଧା"

| | |
|---|---|
| କାବେରୀ ମୁଦୁଲି (ଓ.ପ୍ର.ସେ.) | ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି |
| ନିର୍ବାହୀ ଅଧିକାରୀ | ପୌରାଧକ୍ଷା |
| ପୌର ପରିଷଦ, ଖୋରଧା | ପୌର ପରିଷଦ, ଖୋରଧା |

ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ
ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

OIPR : 13001/13082/1/26-27/0007

## ପୌର ପରିଷଦ ହିଞ୍ଜିଳିକାଟୁ
## HINJILIKATU MUNICIPAL COUNCIL

At - Hinjilikatu, Dist - Ganjam, Pin - 761102
Contact : 06811-280025, Toll Free No : 14420
Email: Hinjilikatumunicipality@gmail.com
Hinjilikatu Municipality

### ପ୍ରଗତି ପଥେ ହିଞ୍ଜିଳିକାଟୁ ପୌରପରିଷଦ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌରପରିଷଦ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ପୌରପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛୁ । ହିଞ୍ଜିଳିକାଟୁ ପୌରପରିଷଦକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଗଣିତ କରିବା ନିମନ୍ତେ ସମସ୍ତ ଜନସାଧାରଣଙ୍କ ସକ୍ରିୟ ସହଯୋଗ ନିମନ୍ତେ ନିବେଦନ କରାଯାଉଅଛି ।

- ସମସ୍ତ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କର ସମ୍ମୁଖସ୍ଥ ନାଳକୁ ଓ ପାର୍କିଂ ସ୍ଥାନକୁ ଅବରୋଧ କରି ବ୍ୟବସାୟ କରନ୍ତୁ ନାହିଁ ।
- ଗୃହ ଟିକସ ନିୟମିତ ଭାବେ ପୌରପରିଷଦରେ ଜମା କରନ୍ତୁ ।
- ବ୍ୟବସାୟୀମାନେ ନିଜ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ କରନ୍ତୁ ।
- ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ଅଳିଆ ଆବର୍ଜନା ଏଣେ ତେଣେ ନପକାଇ ଓଦା ଅଳିଆ ପାଇଁ ସବୁଜ ଓ ଶୁଖିଲା ଅଳିଆ ପାଇଁ ନୀଳ ରଙ୍ଗର ଡଷ୍ଟବିନ୍ ଘରେ ବ୍ୟବହାର କରନ୍ତୁ ଏବଂ ପୌରପରିଷଦର ଅଳିଆ ସଂଗ୍ରହ ଗାଡ଼ିରେ ପକାନ୍ତୁ ।
- ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ଏକକ ବ୍ୟବହାର (ସିଙ୍ଗଲ ୟୁଜ) ପ୍ଲାଷ୍ଟିକ, ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ ।
- ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୌରପରିଷଦ ନିକଟରେ ଗୃହ ନକ୍ସା ମଞ୍ଜୁର କରାନ୍ତୁ ।
- ଘରର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଓ ବାଲି, ଇଟା, ଗୋଡ଼ି ଇତ୍ୟାଦି ରାସ୍ତାରେ ଜମା ନକରି ପୌରପରିଷଦ ସ୍ଥିତ C&D Waste Processing Unit ରେ ଜମା ଦିଅନ୍ତୁ କିମ୍ବା ଆବଶ୍ୟକୀୟ ୟୁଜର ଫି ଜମା କରି ଉକ୍ତ ସିଓଡି ୱେଷ୍ଟକୁ ସ୍ଥାନାନ୍ତରଣ କରିବା ନିମନ୍ତେ ପୌରପରିଷଦକୁ ଅବଗତ କରାନ୍ତୁ ।
- ଗୃହ ପାଳିତ ପଶୁକୁ ରାସ୍ତାରେ ଛାଡନ୍ତୁ ନାହିଁ ।
- ପ୍ରତି ତିନି ବର୍ଷରେ ଥରେ ସେପ୍‌ଟିକ୍ ଟ୍ୟାଙ୍କକୁ ସଫା କରିବା ବାଧ୍ୟତାମୂଳକ । Manual Scavenger ଦ୍ୱାରା ପାଇଖାନା ଟାଙ୍କି ସଫା କରିବା ଏକ ଦଣ୍ଡନୀୟ ଅପରାଧ । ତେଣୁ ଏଥିରୁ ନିବୃତ୍ତ ରୁହନ୍ତୁ । ଏଥି ନିମନ୍ତେ ଦେୟମୁକ୍ତ ୧୪୪୨୦ ରେ ଫୋନ୍ କରନ୍ତୁ ଓ ପୌରପରିଷଦର ସେସ୍ ପୁଲ୍ ଗାଡ଼ି ବ୍ୟବହାର କରନ୍ତୁ ।
- ଘରୋଇ ପାଇଖାନା ମଇଳା ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କରନ୍ତୁ ନାହିଁ କିମ୍ବା ସର୍ବସାଧାରଣ ଖୋଲା ଜାଗାରେ ନିଷ୍କାସନ କରନ୍ତୁ ନାହିଁ ।
- ଖୋଲାରେ ପରିସ୍ରା କରିବା ଏକ ଦଣ୍ଡନୀୟ ଅପରାଧ, ଏଥି ନିମନ୍ତେ ପୌରପରିଷଦର ଦେୟମୁକ୍ତ ପରିସ୍ରାଗାର ବ୍ୟବହାର କରନ୍ତୁ ।
- ପୁରୁଣା ପୋଷାକ ଦେବାକୁ ଚାହୁଁଥିଲେ ପୋଷାକ କେନ୍ଦ୍ରରେ ପ୍ରଦାନ କରନ୍ତୁ ଏବଂ ନେବାକୁ ଚାହୁଁଥିଲେ ବିନା ମୂଲ୍ୟରେ ପୋଷାକ କେନ୍ଦ୍ରରୁ ଗ୍ରହଣ କରନ୍ତୁ ।
- ଛାତ୍ର ଛାତ୍ରୀମାନେ ସୁସ୍ଥ ପରିବେଶରେ ପାଠ ପଢ଼ିବା ପାଇଁ ପୌରପରିଷଦର ଦେୟମୁକ୍ତ ପାଠାଗାର ବ୍ୟବହାର କରନ୍ତୁ ।
- ପୌରପରିଷଦର ସମସ୍ତ ସେବା ଓ ଅଭିଯୋଗ ନିମନ୍ତେ ସହାୟତା ନଂ–୮୨୮୦୩୩୩୫୮୩୦ ବ୍ୟବହାର କରନ୍ତୁ ।

| | | |
|---|---|---|
| ଶ୍ରୀ ସୁକାନ୍ତ ଚନ୍ଦ୍ର ବେଉରା, ଓପ୍ରସେ | ଶ୍ରୀମତୀ ସୁଚିତ୍ରା ପଣ୍ଡା | ଶ୍ରୀ ସୁବାଷ ଚନ୍ଦ୍ର ପଳେଇ |
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧକ୍ଷା | ଅଧକ୍ଷ |
| ପୌରପରିଷଦ, ହିଞ୍ଜିଳିକାଟୁ | ପୌରପରିଷଦ, ହିଞ୍ଜିଳିକାଟୁ | ପୌରପରିଷଦ, ହିଞ୍ଜିଳିକାଟୁ |

ଏବଂ ପୌରପରିଷଦର ସଭ୍ୟା, ସଭ୍ୟ ବୃନ୍ଦ

## ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

ସ୍ୱାୟତ୍ତ ଶାସନ ଦିବସ - ୨୦୨୬ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା ପକ୍ଷରୁ କେସିଙ୍ଗା ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । କେସିଙ୍ଗା ସହରକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ସହରରେ ପରିଣତ କରିବା ସହ ସହରରେ ଉତ୍ତମ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ବଜାୟ ରଖିବା ନିମନ୍ତେ ସହରବାସୀଙ୍କର ପୂର୍ଣ୍ଣ ସହଯୋଗ ଓ ସହଭାଗିତା କାମନା କରୁଛୁ ।

"'ସ୍ୱଚ୍ଛ କେସିଙ୍ଗା, ସୁସ୍ଥ କେସିଙ୍ଗା
ଆମ ସମସ୍ତଙ୍କର ଦାୟିତ୍ୱ''

ଅଧକ୍ଷା । ଉପାଧକ୍ଷ । ସମସ୍ତ କାଉନସିଲର ବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ,
କେସିଙ୍ଗା

## ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

- ଖୋଲା ଜାଗାରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ ।
- ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ବର୍ଜନ କରି "ପ୍ଲାଷ୍ଟିକ ମୁକ୍ତ ସହର' ଗଢ଼ିବା ।
- ଘରର ଶୁଖିଲା ଅଳିଆ ଓ ଓଦା ଅଳିଆକୁ ଅଲଗା ଅଲଗା କରି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଦିଅନ୍ତୁ ଏବଂ ପରିବାରକୁ ରୋଗମୁକ୍ତ ଓ ପରିବେଶକୁ ସୁସ୍ଥ ରଖିବାରେ ସହାୟକ ହୁଅନ୍ତୁ ।
- ମଳ ଉପଚାର ପ୍ଲାଣ୍ଟ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ସେସ୍‌ପୁଲ ଗାଡ଼ିର ମଳ ପକାଇବା ଏକ ଦଣ୍ଡନୀୟ ଅପରାଧ ।
- ପରିଷଦକୁ ସଠିକ୍ ସମୟରେ ଟିକସ ପରିଶୋଧ କରନ୍ତୁ ।
- ବ୍ୟବସାୟ ପ୍ରତିଷ୍ଠାନ ଗୁଡିକର ଟ୍ରେଡ୍ ଲାଓସେନ୍ସ କରାଇ ନିଅନ୍ତୁ ।
- ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡିକ ଉପରେ ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ ।
- ବୃକ୍ଷରୋପଣ ଭଳି ମହତ କାର୍ଯ୍ୟରେ ନିଜକୁ ସାମିଲ କରି ପରିବେଶ ସୁରକ୍ଷାରେ ସହାୟକ ହୁଅନ୍ତୁ ।
- ସରକାରୀ ଓ ଜନସାଧାରଣ ଜାଗାକୁ ଜବରଦଖଲରୁ ମୁକ୍ତ ରଖନ୍ତୁ ।
- ସ୍ୱଚ୍ଛ ରଣପୁର ଓ ସୁସ୍ଥ ରଣପୁର ଗଠନରେ ସହାୟକ ହୁଅନ୍ତୁ ।

ଏକ ପ୍ରଦୂଷଣ ମୁକ୍ତ, ସରସ ସୁନ୍ଦର, ସବୁଜ ଓ ସମୃଦ୍ଧ ସହର ଗଢ଼ିତୋଳିବା ଆମର ଲକ୍ଷ୍ୟ
ଏଥିରେ ସହରବାସୀଙ୍କ ଗଠନମୂଳକ ସହଯୋଗ ଆମର ଏକାନ୍ତ କାମ୍ୟ ।
"ସ୍ୱଚ୍ଛ ଖଣ୍ଡପଡ଼ା, ସୁସ୍ଥ ଖଣ୍ଡପଡ଼ା"

| | | |
|---|---|---|
| ଶ୍ରୀ ଅଭିଷେକ ମିଶ୍ର, ଓ.ରା.ସେ | ଶ୍ରୀ ମିହିର କୁମାର ମିଶ୍ର | ଶ୍ରୀମତୀ ଆରତୀ ପ୍ରଧାନ |
| ନିର୍ବାହୀ ଅଧିକାରୀ | ଉପାଧକ୍ଷ | ଅଧକ୍ଷା |

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା : ଗଞ୍ଜାମ

" ଦୈନିକ ଖବର କାଗଜମାନଙ୍କୁ ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।

ପରିଷଦ ତରଫରୁ ଆମର ସଂକଳ୍ପ :
୧. ଠିକ ସମୟରେ ପରିଷଦର ସମସ୍ତ ଟିକସ ପଇଠ କରନ୍ତୁ ।
୨. ବିଜୁ ଆଦର୍ଶ କଲୋନୀ ମାଧ୍ୟମରେ ସମସ୍ତ ବସ୍ତି ବାସିନ୍ଦା ନିମନ୍ତେ ବାସପୋଯୋଗୀ ସୁନ୍ଦର କଲୋନୀ ସ୍ଥାପିତ କରାଯାଇଛି ।
୩. ଅତ୍ୟାଧୁନିକ ଏବଂ ସୁନ୍ଦର ଶ୍ମଶାନ ରୂପାନ୍ତିକରଣ ।
୪. ଆବାସ ଯୋଜନାରେ ବାସହୀନ ପରିବାରମାନଙ୍କୁ ବାସଗୃହ ପ୍ରଦାନ କରାଯିବ ।
୫. ସମସ୍ତ ରାସ୍ତାର ଏଲିଡି ଲାଇଟ ଦ୍ୱାରା ଆଲୋକିକରଣ କରାଯାଇଅଛି ।
୬. ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଉଟି କଲ୍ୟାଣ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବଣ୍ଟନ କରାଯାଇଅଛି ।
୭. ଗାଈ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ ।
୮. ଗ୍ରୀନ ସିଟି ମିଶନରେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟ କରାଯାଇଅଛି ।
୯. ଅଳିଆ ଆବର୍ଜନା ପଡୁଥିବା ସ୍ଥାନକୁ ସୁନ୍ଦର ଏବଂ ମନୋରମ ସେଲଫୀ ପଏଣ୍ଟ (Selfie Point) ପରିବର୍ତ୍ତିତ କରାଯାଇଅଛି ।
୧୦. ଘରୁ ବାହାରୁଥିବା ଅଳିଆ ଆବର୍ଜନା ଗୁଡିକୁ ଏମ ସି ସି, ଏମ ଆର ଏଫ ପ୍ରଣାଳୀରେ ମୋ ଖତ ପ୍ରସ୍ତୁତ କରାଯାଇ ବହୁ ମାତ୍ରାରେ ଜନ ଆଦୃତ ହୋଇ ପାରୁଅଛି ।
୧୧. ବହୁ ମାତ୍ରାରେ ସଫା ଆପ୍ ବ୍ୟବହାର କରି ସେସ୍‌ପୁଲ ଗାଡ଼ି, ପାଣି ଟ୍ୟାଙ୍କର ଏବଂ କଲ୍ୟାଣ ମଣ୍ଡପର ସୁବିଧା ଦିଆଯାଉଅଛି ।
୧୨. ଓଦା ଏବଂ ଶୁଖିଲା ଆବର୍ଜନାକୁ ପୃଥମ ପୃଥକ କରି ଅଳିଆ ଗାଡ଼ିରେ ଅଳିଆ ପକାଇବା ଓ ମିଳିମିଶି ଆମସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ିତୋଳିବା ।
୧୩. ପୋଖରୀ ଗୁଡିକର ପୁନଃଦ୍ଧାର କରାଯାଇ ରୂପାନ୍ତିକରଣ କରାଯାଇଛି ।

ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ ।
"ସ୍ୱଚ୍ଛ କର୍ମୀଙ୍କ ମୁହଁରେ ଆଣିଛି ହସ, ଚିକିଟିକୁ ସ୍ୱଚ୍ଛ ରଖିବା ଆମର ପ୍ରୟାସ"
"ସ୍ୱଚ୍ଛ ଗଞ୍ଜାମ ............ ସୁସ୍ଥ ଗଞ୍ଜାମ .................ସ୍ୱଚ୍ଛ ଚିକିଟି .............ସୁସ୍ଥ ଚିକିଟି

| | | |
|---|---|---|
| ସ୍ୱା/- ଶ୍ରୀଯୁକ୍ତ ହର ପ୍ରସାଦ ଚୌଧୁରୀ | ସ୍ୱା/- ଶ୍ରୀମତୀ ଦୀପା କୁମାରୀ ସାହୁ | ସ୍ୱା/- ଶ୍ରୀ ସିଦ୍ଧାର୍ଥ ସୋରେନ |
| ଉପ ନଗରପାଳ | ନଗରପାଳିକା | କାର୍ଯ୍ୟନିର୍ବାହୀ ଅଧିକାରୀ |
| ବିଜ୍ଞାପିତ ଅଞ୍ଚଳପରିଷଦ, ଚିକିଟି | ବିଜ୍ଞାପିତ ଅଞ୍ଚଳପରିଷଦ, ଚିକିଟି | ବିଜ୍ଞାପିତ ଅଞ୍ଚଳପରିଷଦ, ଚିକିଟି |

## ଜୟପୁର ପୌର ପାଳିକା
## MUNICIPAL OFFICE: JEYPORE

Phone 06854- 231098 & 231214 ulbjeypore@gmail.com

1. ପୌରପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଆପଣଙ୍କର ଦାୟିତ୍ୱ ।
2. ସରକାରୀ ଜମି କିମ୍ବା ପୌରପରିଷଦର ଜମି ଜବରଦଖଲ କରନ୍ତୁ ନାହିଁ ଏବଂ ରାସ୍ତା ଅବରୋଧକରି କୌଣସି ବ୍ୟବସାୟ କରନ୍ତୁ ନାହିଁ ।
3. ରାସ୍ତା ପାଖରେ ବିକ୍ରି ହେଉଥିବା ଅଖାଦ୍ୟ କିମ୍ବା ଅପରିଷ୍କାର ଖାଦ୍ୟ ଖାଆନ୍ତୁ ନାହିଁ ଓ ରୋଗ ମୁକ୍ତ ରୁହନ୍ତୁ ।
4. ନାଳ ନର୍ଦ୍ଦମାରେ ଘରର ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ଏହାକୁ ନେବା ସକାଶେ ପୌରପରିଷଦ ଦ୍ୱାରା ନିୟୋଜିତ ଘରର ଅଳିଆ ସଂଗ୍ରହକାରୀଙ୍କୁ ଦିଅନ୍ତୁ ।
5. ରାସ୍ତାରେ ନିଜ ନିଜର ଗୋରୁଗାଈ ଇତ୍ୟାଦି ଗୃହପାଳିତ ପଶୁ ମାନଙ୍କୁ ଛାଡି ରାସ୍ତା ଅବରୋଧ କରନ୍ତୁ ନାହିଁ । କିମ୍ବା ରାସ୍ତା ଉପରେ ଗୃହ ନିର୍ମାଣ ଜିନିଷ ଯଥା ଇଟା ବାଲି ପଥର ଇତ୍ୟାଦି ରଖି ରାସ୍ତା ଅବରୋଧ କରି ଜନସାଧାରଣ ଓ ଯାନ ବାହାନ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
6. ଟ୍ରାଫିକ ନିୟମ ପାଳନକରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
7. ବୃକ୍ଷ ରୋପଣ କରି ଜୟପୁର ସହରକୁ ସବୁଜ ସୁନ୍ଦର କରିବା ସହ ପରିବେଶ ସୁରକ୍ଷାରେ ସାହାଯ୍ୟ କରନ୍ତୁ ।
8. ପୌରପରିଷଦର ଦେୟ ଯଥା ଗୃହ ଟିକସ ଦୋକାନ ଭଡ଼ା ଓ ଅନ୍ୟାନ୍ୟ ଲାଇସେନ୍ସ ଫିସ ଠିକ ସମୟରେ ପଇଠ କରନ୍ତୁ ।
9. ବୀନା ଗୃହ ନିର୍ମାଣ ନକ୍ସା ମଞ୍ଜୁରୀରେ ଘର ନିର୍ମାଣ କରନ୍ତୁ ନାହିଁ କିମ୍ବା ପୌରପରିଷଦ ଦ୍ୱାରା ଅନୁମୋଦନ ପ୍ରାପ୍ତ ହୋଇନଥିବା ଲେ-ଆଉଟ ଜମିରେ କ୍ରୟ କରନ୍ତୁ ନାହିଁ ।
10. ଯଥା ସମୟରେ ଜନ୍ମ ଓ ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜିକରଣ କରନ୍ତୁ ।
11. ଜୟପୁର ସହରକୁ ନିର୍ମଳ ପରିଷ୍କାର ଓ ବାହ୍ୟ ମଳ ମୁକ୍ତ ରଖିବା ପାଇଁ ପୌରପରିଷଦକୁ ସହଯୋଗ କରନ୍ତୁ ।


ବି ସୁନିତା, ଉପାଧକ୍ଷା


ନରେନ୍ଦ୍ର କୁମାର ମହାନ୍ତି, ଅଧକ୍ଷ


ପୂଜା ରାଉତ
କାର୍ଯ୍ୟନିର୍ବାହୀ ଅଧିକାରୀ

ଜୟପୁର ପୌରପରିଷଦ

## ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର

ନିଖିଳ ଭାରତ ସ୍ୱାୟତ୍ତ ଦିବସ-୨୦୨୬ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ । ଏହି ଅବସରରେ ସମସ୍ତେ ସୁଖ, ସମୃଦ୍ଧି, ଶାନ୍ତି ଓ ମୈତ୍ରୀରେ ସହବସ୍ଥାନ କରନ୍ତୁ । ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରର୍ଥନା ।


ଶ୍ରୀମତୀ ଲିକା ସାହୁ
ପୌରାଧକ୍ଷା
ପୌରସଂସ୍ଥା, ବଲାଙ୍ଗିର


ଗାୟତ୍ରୀ ଭୋଇ
ଉପ-ପୌରାଧକ୍ଷା
ପୌରସଂସ୍ଥା, ବଲାଙ୍ଗିର


ସସ୍ମିତା ନନ୍ଦ, ୱାର୍ଡ ନଂ-୧ | ସରିତା ଦାଶ, ୱାର୍ଡ ନଂ-୨ | ରଜନୀ ବନଛୋର, ୱାର୍ଡ ନଂ-୩ | ଅରବିନ୍ଦ ପରୁଆ, ୱାର୍ଡ ନଂ-୪ | ଲଲାଟେନ୍ଦୁ ପଟ୍ଟନାୟକ, ୱାର୍ଡ ନଂ-୫ | ପିଙ୍କି କବାଟ, ୱାର୍ଡ ନଂ-୬


ଶମ୍ଭୁ ନାଗ, ୱାର୍ଡ ନଂ-୭ | ନନ୍ଦିନୀ ପୋଦ୍ଧ, ୱାର୍ଡ ନଂ-୮ | ପ୍ରେମଲତା ନାଏକ, ୱାର୍ଡ ନଂ-୯ | କିଶୋର କୁମାର କୁମ୍ଭାର, ୱାର୍ଡ ନଂ-୧୦ | ପ୍ରଦୀପ କୁମାର ମିଶ୍ର, ୱାର୍ଡ ନଂ-୧୧ | ଅଞ୍ଜଳୀ ସାହୁ, ୱାର୍ଡ ନଂ-୧୨ | ଇସ୍‌ମତ୍ ଆରା ଖାନ୍, ୱାର୍ଡ ନଂ-୧୩


ସଞ୍ଜୁଲତା ଦସ୍ତା, ୱାର୍ଡ ନଂ-୧୪ | ମହେନ୍ଦ୍ର ବାଗ, ୱାର୍ଡ ନଂ-୧୫ | ସନ୍ତୋଷିନୀ କୁଅଁର, ୱାର୍ଡ ନଂ-୧୬ | ପ୍ରତୀମା ଛତ୍ରିଆ, ୱାର୍ଡ ନଂ-୧୭ | ଗଙ୍ଗାଧର ଚାନ୍ଦ, ୱାର୍ଡ ନଂ-୧୮ | ହରିଶଙ୍କର ଛତ୍ରିଆ, ୱାର୍ଡ ନଂ-୧୯ | ଶତ୍ରୁଘନ ବାଗ, ୱାର୍ଡ ନଂ-୨୧

**– ବାର୍ତ୍ତା –**

ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମ୍ଭେମାନେ ବଦ୍ଧପରିକର ।

**Executive Officer
Balangir Municipality**

# ବେସରକାରୀ ଜମିରେ ଗଚ୍ଛିତ ୧୭୦୦ ଟନ କୋଇଲା ଜବତ



ଠାକୁରଗଡ ,(ସବ୍ୟୁ) :କିଶୋରନଗର ବ୍ଲକ ହଣ୍ଡପା ରେଳ ଷ୍ଟେସନ ନିକଟରେ ଥିବା ବେସରକାରୀ ଜମି ରେ ଗଛିତ ଥିବା ୧୭୦୦ ଟନ କୋଇଲା କୁ ଶନିବାର ଦିନ ତାଳଚେର ଖଣି ବିଭାଗ ପକ୍ଷରୁ ଜବତ କରାଯାଇଛି । ଏଥିସହ ଖଣି ବିଭାଗ ପକ୍ଷରୁ ଠିକାସଂସ୍ଥା ନାମରେ ଏକ ମାମଲା ରୁଜୁ କରାଯାଇଛି । ଘଟଣା ରୁ ଜଣା ପଡିଛି ଯେ ହଣ୍ଡପା ଷ୍ଟେସନ ନିକଟରେ ଥିବା ଗୁଣ୍ଡୁରିମୁଣ୍ଡା ଅଞ୍ଚଳ ରେ ଥିବା କୋଇଲା ଷ୍ଟକୟାର୍ଡକୁ ତାଳଚେରର ବିଭିନ୍ନ ଖଣିରୁ କୋଇଲା ଆସି ଏଠାରେ ଅନଲୋଡ କରାଯାଇ ବିଭିନ୍ନ ଅଞ୍ଚଳକୁ ଟ୍ରେନ ମାଧ୍ୟମରେ ଚାଲାଣ କରାଯାଉଛି । ଏ ନେଇ ସରକାରୀ ଜମିରେ କୋଇଲା ଅନଲୋଡ କରାଯାଉଥିବା ବେଳେ କିଛି ଦିନ ହେବ ଏହାର ଠିକାସଂସ୍ଥା ପକ୍ଷରୁ ହଣ୍ଡପା ଷ୍ଟେସନ ନିକଟରେ ଥିବା ଉକ୍ତ ଅଞ୍ଚଳର ୩ ଜଣଙ୍କର ୨ ଏକର ୭୩ ଡିସିମିଲ ଜମିରେ କୋଇଲା ଗଛିତ କରାଯାଉଛି । ଏ ନେଇ ଅଭିଯୋଗ ହେବା ପରେ ତାଳଚେର ଖଣି ଅଧିକାରୀ ସୁଭେନ୍ଦୁ କୁମାର ସାମଲ , କନିଷ୍ଠ ଖଣି ଅଧିକାରୀ ଅଭିଜିତ କୁମାର ସାମଲ , ହଣ୍ଡପା ଷ୍ଟକୟାର୍ଡ କୁ ଯାଇ ତଦନ୍ତ କରିଛନ୍ତି । ବେସରକାରୀ ଜମିରେ ଗଛିତ ଥିବା ୧୭୦୦ ଟନ କୋଇଲା କୁ ଜବତ କରାଯାଇଛି । ଉକ୍ତ କୋଇଲା ତାଳଚେର ସ୍ଥିତ ଲିଙ୍ଗରାଜ ଖଣିରୁ ଆସିଥିବା ବେଳେ ଉକ୍ତ କୋଇଲା ଗୁଡିକ ନାଲକୋ ଦାମନଯୋଡି ଅଞ୍ଚଳକୁ ଚାଲାଣ କରାଯିବ । ଏହି ଅଞ୍ଚଳ ରେ ଯେତିକି ସରକାରୀ ଜମି ରହିଛି ଠିକାସଂସ୍ଥା ପକ୍ଷରୁ ଉକ୍ତ ଜମି ଗୁଡିକ ରେ କୋଇଲା ଗଛିତ କରାଯିବା ପରେ ପୁଣି ବେଆଇନ ଭାବରେ ବେସରକାରୀ ଜମିକୁ ଅକ୍ତିଆର କରାଯାଇ କୋଇଲା ଗଛିତ କରାଯାଉଥିବା ଅଭିଯୋଗ ହେଉଛି । ଏହି କୋଇଲା ଷ୍ଟକୟାର୍ଡ ପାଇଁ ସ୍ଥାନୀୟ ଅଞ୍ଚଳରେ ଅନେକ ଧାନ ଚାଷ ଜମି ନଷ୍ଟ ହେବାକୁ ବସିଲାଣି । ଚଳିତ ବର୍ଷ ଅନେକ ଚାଷୀ ଏହି ଷ୍ଟକୟାର୍ଡ ନିକଟରେ ଥିବା ଜମି ଗୁଡିକ ରେ ଧାନ ଚାଷ କରି ପାରି ନାହାନ୍ତି । ଷ୍ଟକୟାର୍ଡ କୁ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ବିରୋଧ କରୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । ଯାହାକି ଆଗାମୀ ଦିନରେ ଏହି ଅଞ୍ଚଳ ଦୂଷିତ ହେବା ସହ ଅନେକ ବିଭିନ୍ନ ରୋଗ ରେ ପୀଡିତ ହେବେ ବୋଲି ସାଧାରଣ ରେ ଅଭିଯୋଗ ହୋଇଛି । ଏ ନେଇ ହଣ୍ଡପା ଆଇଆଇସି ରାଜେସ ଶତପଥୀ କୁହନ୍ତି ପୋଲିସ ପକ୍ଷରୁ ଉକ୍ତ କୋଇଲାକୁ ଜବତ କରାଯାଇ ନାହି କି ପୋଲିସର ଏଥିରେ କୌଣସି ଭୂମିକା ନାହି । ପୋଲିସକୁ କେହି ଅବଗତ କରାଇ ନାହାନ୍ତି । ଏ ନେଇ ତାଳଚେର ଖଣି ବିଭାଗର ଉପ ନିର୍ଦ୍ଦେଶକ କୁହନ୍ତି ହଣ୍ଡପା କୋଇଲା ଷ୍ଟକୟାର୍ଡ କୁ ତାଳଚେର ଲିଙ୍ଗରାଜ କୋଇଲା ଖଣିରୁ କୋଇଲା ପରିବହନ ହୋଇଛି । ଉକ୍ତ କୋଇଲା ଗୁଡିକ ଠିକାସଂସ୍ଥା ବେସରକାରୀ ଜମିରେ ଗଛିତ କରି ରଖିଛନ୍ତି । ଏ ନେଇ ଅଭିଯୋଗ କରିବା ପରେ ଖଣି ବିଭାଗ ପକ୍ଷରୁ ଘଟଣା ସ୍ଥଳ କୁ ଯାଇ ତଦନ୍ତ କରାଯାଇ ୧୭୦୦ ଟନ କୋଇଲା ଜବତ କରାଯାଇଛି । ଉକ୍ତ କୋଇଲା ସୁରକ୍ଷିତ ଅବସ୍ଥା ରେ ରହିଛି । କୌଣସି ଅଞ୍ଚଳ କୁ ଚାଲାଣ କରାଯାଇ ନାହି । ଉକ୍ତ କୋଇଲା ନାଲକୋ ର ଦାମନଯୋଡି ଅଞ୍ଚଳକୁ ପରିବହନ କରାଜୀବ ।

# ନୁଭୋକୋର ଚ୍ୟାନେଲ୍ ପାର୍ଟନର ସମ୍ମାନିତ

ଯୋଡା,(ସବ୍ୟୁ) : ନୁଭୋକୋ ଭିଷ୍ଟାସ୍ କର୍ପ ଲିମିଟେଡ୍ ପକ୍ଷରୁ ନିଜର ବାର୍ଷିକ ଡିଲର ସମ୍ମିଳନୀ ତଥା ପ୍ରମୁଖ ପୁରସ୍କାର ଓ ସ୍ୱୀକୃତି ମଞ୍ଚ ନୁଭୋକୋ ଉତ୍କୃଷ୍ଟ ଶିଖର ୨୦୨୬' ମାଧ୍ୟମରେ ନିଜର ଚ୍ୟାନେଲ୍ ପାର୍ଟନରମାନଙ୍କ ଅବଦାନ ଏବଂ ସହଯୋଗିତାକୁ ଉତ୍ସବ ଭାବରେ ପାଳନ କରିଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଉତ୍ତର-ପୂର୍ବାଞ୍ଚଳ, ବିହାର ଓ ପୂର୍ବ ଉତ୍ତର ପ୍ରଦେଶ ଏବଂ ଛତିଶଗଡ଼ ଓ ପୂର୍ବ ମଧ୍ୟପ୍ରଦେଶ ଭଳି ପୂର୍ବାଂଚଳର ୧,୮୦୦ ରୁ ଅଧିକ ଚ୍ୟାନେଲ୍ ପାର୍ଟନର ଏକାଠି ହୋଇଥିଲେ । ନୁଭୋକୋ ଭିଷ୍ଟାସ୍ କର୍ପ ଲିମିଟେଡର ମାର୍କେଟିଂ, ଇନୋଭେସନ୍ ଏବଂ ସେଲ୍ସ ଏକ୍ସିଲେନ୍ସ ମୁଖ୍ୟ ଚିରାଗ ଶାହ କହିଛନ୍ତି, ଆମର ଚ୍ୟାନେଲ୍ ପାର୍ଟନରମାନେ ନୁଭୋକୋର ଅଭିବୃଦ୍ଧି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଆସିଛନ୍ତି, ଯାହା ଆମ ବ୍ରାଣ୍ଡଗୁଡ଼ିକୁ ମଜବୁତ କରିବାରେ, ବଜାରରେ ଉପସ୍ଥିତି ବଢାଇବାରେ ଏବଂ ଗ୍ରାହକଙ୍କ ସହିତ ସ୍ଥାୟୀ ସମ୍ପର୍କ ଗଢିବାରେ ଆମକୁ ସାହାଯ୍ୟ କରିଛି ।ନୁଭୋକୋ ଭିଷ୍ଟାସ୍ କର୍ପ ଲିମିଟେଡର ସେଲ୍ସ (ପୂର୍ବ) ମୁଖ୍ୟ ନିହାର ପରିଡ଼ା କହିଛନ୍ତି, ନୁଭୋକୋର ବଜାର ଉପସ୍ଥିତିକୁ ମଜବୁତ କରିବାରେ ଆମର ଚ୍ୟାନେଲ୍ ପାର୍ଟନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି ।

# ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



ବାଲେଶ୍ୱର,(ସବ୍ୟୁ) : ଫକୀର ମୋହନ (ଏଫଏମ) ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଉତ୍ସାହ ଓ କ୍ରୀଡ଼ା ଭାବନାର ସହ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ପକ୍ଷରୁ ଅଗଷ୍ଟ ୨୮ ଓ ୨୯ ତାରିଖରେ ପରିସରରେ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ମହାନ ଭାରତୀୟ ହକି ଖେଳାଳି ତଥା କ୍ରୀଡ଼ାଜଗତର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କର ଅସାଧାରଣ କ୍ରୀଡ଼ା ପ୍ରତିଭା, ନିଷ୍ଠା, ଶୃଙ୍ଖଳା ଓ ଦେଶ ପାଇଁ ଅବଦାନକୁ ସ୍ମରଣ କରାଯାଇଥିଲା। ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ସ୍ମରଣ କରି ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖରେ ଦେଶବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ପୁରୁଷ କର୍ମଚାରୀଙ୍କ ପାଇଁ କ୍ରିକେଟ ଏବଂ ମହିଳା କର୍ମଚାରୀଙ୍କ ପାଇଁ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିସହିତ ୨୯ ଚ୍ୟାଲେଞ୍ଜ ଅଧୀନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ଓ ସଚେତନତା ବୃଦ୍ଧି କରାଯାଇଥିଲା। ଶାରୀରିକ ସୁସ୍ଥତା, ଦଳଗତ ଭାବନା, ପାରସ୍ପରିକ ସମ୍ପର୍କ, ସହଯୋଗ ଓ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ସମନ୍ୱୟରେ କ୍ରୀଡ଼ା କାର୍ଯ୍ୟକ୍ରମଗୁଡ଼ିକ ସଫଳତାର ସହ ଆୟୋଜିତ ହୋଇଛି। ଏକାଠି ଖେଳିବା, ସୁସ୍ଥ ରହିବା ଓ ଉତ୍କର୍ଷ ପାଇଁ ପ୍ରେରଣା ନେବା ବାର୍ତ୍ତା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଶିକ୍ଷା ଓ ପ୍ରଶାସନିକ କାର୍ଯ୍ୟ ସହିତ କ୍ରୀଡ଼ା ମଧ୍ୟ ଏକ ସୁସ୍ଥ, ସକାରାତ୍ମକ ଓ ଉତ୍ପାଦନଶୀଳ କାର୍ଯ୍ୟ ପରିବେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ। କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତା ସହ ଏକତା, ସହଯୋଗ, ଶୃଙ୍ଖଳା ଓ ଦଳଗତ ମନୋଭାବ ଦୃଢ଼ ହୋଇଥାଏ ।

# ସ୍ତ୍ରୀଙ୍କୁ ନିର୍ଯାତନା : ଟାଉନ ଥାନା ଏସ୍ଆଇ ଗଣନାଥ ସେଠୀ ଗିରଫ



ଭଦ୍ରକ,(ସବ୍ୟୁ): :ସ୍ତ୍ରୀଙ୍କୁ ଦୀର୍ଘଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ଭଦ୍ରକ ଟାଉନ ଥାନାରେ କାର୍ଯ୍ୟରତ ଜଣେ ସବଇନ୍ସପେକ୍ଟରଙ୍କୁ ଟାଉନ ପୋଲିସ ଗିରଫ କରିଥିବା ସୂଚନା ମିଳିଛି। ଗିରଫ ଅଧିକାରୀ ହେଲେ ସବଇନ୍ସପେକ୍ଟର ଗଣନାଥ ସେଠୀ। ଜଣେ ପୋଲିସ ଅଧିକାରୀଙ୍କ ବିରୋଧରେ ତାଙ୍କ ନିଜ ପତ୍ନୀ ଏଭଳି ଅଭିଯୋଗ ଆଣିବା ଘଟଣା ଭଦ୍ରକ ପୋଲିସ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ,ଗଣନାଥ ସେଠୀ ଭଦ୍ରକ ଟାଉନ ଥାନାରେ ସବଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିରୋଧରେ ତାଙ୍କ ପତ୍ନୀ ଦୀର୍ଘଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିବା ଜଣାପଡ଼ିଛି। ପାରିବାରିକ ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ସମସ୍ୟା ଲାଗି ରହିଥିବାବେଳେ ଏହାର ସମାଧାନ ପାଇଁ ଏକାଧିକ ଥର ଉଦ୍ୟମ କରାଯାଇଥିବା ଅଭିଯୋଗରୁ ଜଣାପଡ଼ିଛି। ତେବେ ବିଭିନ୍ନ ସମୟରେ ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିଲା। ଏହାପରେ ମଧ୍ୟ ଗଣନାଥ ସେଠୀ ତାଙ୍କ ପତ୍ନୀଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଥିବା ପତ୍ନୀ ଅଭିଯୋଗ କରିଛନ୍ତି। ଏନେଇ ଗଣନାଥଙ୍କ ପତ୍ନୀ ଭଦ୍ରକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପତ୍ନୀଙ୍କ ଅଭିଯୋଗ ଆଧାରରେ ଟାଉନ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ସବଇନ୍ସପେକ୍ଟର ଗଣନାଥ ସେଠୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଏକ ପଟେ ଆଇନ ଶୃଙ୍ଖଳା ରକ୍ଷା ଓ ମହିଳାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ବିଭାଗର ଜଣେ ଅଧିକାରୀ ନିଜ ପତ୍ନୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଗିରଫ ହେବା ଘଟଣା ଏବେ ଚର୍ଚ୍ଚାରେ। ତେବେ ଅଭିଯୋଗର ସମ୍ପୂର୍ଣ୍ଣ ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବାବେଳେ ଗିରଫ ସବଇନ୍ସପେକ୍ଟରଙ୍କ ବିରୋଧରେ କେଉଁ କେଉଁ ଧାରାରେ ମାମଲା ରୁଜୁ ହୋଇଛି ଏବଂ ପରବର୍ତ୍ତୀ ଆଇନଗତ ପଦକ୍ଷେପ କ'ଣ ରହିବ,ସେନେଇ ପୋଲିସ ପକ୍ଷରୁ ଅଧିକ ସୂଚନା ଅପେକ୍ଷାରତ ରହିଛି।

# ଦେଶୀ ମଦ ସହ ବାଇକ୍ ଜବତ, ଅଭିଯୁକ୍ତ ଗିରଫ

ନୀଳଗିରି,(ସବ୍ୟୁ): ନୀଳଗିରି ଅବକାରୀ ବିଭାଗ ନୀଳଗିରି ଥାନା ଅନ୍ତର୍ଗତ ବଡଲଗଡ଼ିଆ ବଜାରରୁ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ତାଠାରୁ ୨୭ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରି କରିଛନ୍ତି। ଅଭିଯୁକ୍ତ ଜଣକ ସୋର ଥାନା ଅନ୍ତର୍ଗତ ମଙ୍ଗଳପୁର ଡିଗିଭଁରା ଗ୍ରାମର ରାମଚନ୍ଦ୍ର ରାଉତ ର ପୁଅ ଉମେଶ କୁମାର ରାଉତ। ଏନେଇ ଅବକାରୀ ବିଭାଗ ପକ୍ଷରୁ କେଶ୍ ନମ୍ବର ୧୫୯/୨୬ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ନୀଳଗିରି ଅବକାରୀ ବିଭାଗର ଓ.ଆଇ.ସି ଗଙ୍ଗାମଣି ହେମ୍ବ୍ରମ୍, ଏ.ଏସ.ଆଇ, ସୁଶାନ୍ତ ରାଉତ, ସନ୍ତୋଷ ବେହେରା, ତପନ କୁମାର ମଲ୍ଲିକ ସାମିଲ ଥିଲେ।

# ନୁଣିଆଯୋଡ଼ି ପୋଲ ଉପରେ ଭାରୀଯାନ ଚଳାଚଳ ବନ୍ଦ

ବାଲେଶ୍ୱର,(ସବ୍ୟୁ): ଇଂରେଜ ସମୟରୁ ତିଆରି ହୋଇଥିବା ନୁଣିଆଯୋଡ଼ି ପୋଲ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। । ବଢ଼ିପାଣି ଆସିବା ସମୟରେ ସହଦେବଖୁଣ୍ଟା ଥାନା ପୁଲିସକୁ ସେଠାରେ ଜଗି ରହିବାକୁ ପଡୁଥିଲା ।ତେବେ ରବିବାର ଠାରୁ ଜିଲ୍ଲା ପ୍ରଶାସନ କଡ଼ା ଆଭିମୁଖ୍ୟ ପୋଷଣକରି ସ୍ଥାୟୀ ଭାବେ ସେହି ପୋଲ ଉପରେ ଭାରୀଯାନ ଚଳାଚଳକୁ ବନ୍ଦ କରିଦେଇଛି। ପୋଲରେ ଭାରୀଯାନ ଯାତାୟାତକୁ ରୋକିବା ପାଇଁ ୨ ପାର୍ଶ୍ୱରେ ଲୁହାର ହାଇଟ୍ ବ୍ୟାରିଅର୍ ଲଗାଯାଇଛି । ଯାହାଫଳରେ କେବଳ ସେହି ବାର୍ ତଳ ଦେଇ ୪ ଚକିଆ ଓ ଛୋଟ ଗାଡ଼ି ଯାତାୟାତ କରିପାରିବ। ଏହାସହିତ ଆଉ ଏକ ବୋର୍ଡ ମଧ୍ୟ ପ୍ରଶାସନ ପକ୍ଷରୁ ଲଗାଯାଇଛି, ସେଥିରେ ଭାରୀଯାନ ଚଳାଚଳ ନିଷେଧ ବୋଲି ଲେଖାଯାଇଛି। ସେହି ପୋଲ ଦେଇ କୌଣସି ଭାରୀଯାନ ଓ ବସ୍ ଯାତାୟାତ କରିପାରି ନାହିଁ। ସବୁ ବସ୍ ରେମୁଣା ଗୋଲେଇ ଦେଇ ଯାତାୟାତ କରୁଛି।

# ନାବାଳିକ ଜନ୍ମ ଦେଲା କନ୍ୟା ସନ୍ତାନ : ମାମଲା ରୁଜୁ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକା କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଜଣାପଡ଼ିଛି। ଡାକ୍ତରଙ୍କ ରିପୋର୍ଟ ଆଧାରରେ ନନ୍ଦିପଦା ପୋଲିସ ଏନେଇ ମାମଲା ନଂ ୩୩୧/୨୬ରେ ଏକ ମାମଲା ରୁଜୁ କରିଛି।ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ସୂଚନା ଅନୁଯାୟୀ, ଗତ ଶନିବାର ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପୋଲିସ ନିକଟକୁ ଡାକ୍ତରଙ୍କ ଏକ ରିପୋର୍ଟ ଆସିଥିଲା। ଉକ୍ତ ରିପୋର୍ଟ ଆଧାରରେ ପୋଲିସ ମାମଲା ରୁଜୁ କରିଛି। ରିପୋର୍ଟରେ ଜଣେ ନାବାଳିକା କନ୍ୟା ସନ୍ତାନ ଜନ୍ମ ଦେଇଥିବା ଉଲ୍ଲେଖ ରହିଥିଲା।ସୂଚନାଯୋଗ୍ୟ, ଚଳିତ ମାସ ୨୮ ତାରିଖରେ ନାବାଳିକାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ନାବାଳିକା ଜଣକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଡାକ୍ତରୀ ରିପୋର୍ଟରୁ ଜଣାପଡ଼ିଛି।ଘଟଣାକୁ ନେଇ ନନ୍ଦିପଦା ପୋଲିସ ତଦନ୍ତ ଆରମ୍ଭ କରିଛି।

# ୧୩୮ କେଜି ଗଞ୍ଜେଇ ଜବତ, ୨ ଗିରଫ

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱରରୁ କଲିକତାକୁ ଏକ ଦାମୀ କାରରେ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରି ଚଢ଼ାଉ କରି ୧୩୮ କିଗ୍ରା ଗଞ୍ଜେଇ ଜବତ କରିଛି ପଶ୍ଚିମବଙ୍ଗର ଏସ୍ଓଜି (ସ୍ପେଶାଲ ଅପରେସନ ଗ୍ରୁପ୍)। ପୂର୍ବ ମେଦିନୀପୁର ଜିଲ୍ଲା ପାଁଶକୁରା ଥାନା ଅଧୀନ ସିଧା ଛକ ନିକଟରେ ଗାଡ଼ିଟି ଧରା ପଡ଼ିଥିବା ବେଳେ ୨ଜଣ ଆନ୍ତଃରାଜ୍ୟ ଚୋରା ଗଞ୍ଜେଇ ମାଫିଆଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇଜଣଙ୍କ ମଧ୍ୟରେ ଜଣେ ରାଇବଣିଆ ଥାନା ଅଞ୍ଚଳର ଜଣେ ଯୁବକ ଥିବା ବେଳେ ଅନ୍ୟଜଣେ ଦାନ୍ତୁନ ଥାନା ଅଞ୍ଚଳର ବଙ୍ଗୀୟ ଯୁବକ ବୋଲି ସୂଚନା ରହିଛି । ମାମଲା ରୁଜୁ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ରାଜପଥ ପାର୍ଶ୍ୱରୁ ଅଜଣା ମୃତଦେହ ଉଦ୍ଧାର

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଛତାବର ଛକ ନିକଟ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ନିକଟରୁ ରାତ୍ରରେ ଜଣେ ଅଜଣା ବ୍ୟକ୍ତିର ମୃତଦେହ ପୁଲିସ ଉଦ୍ଧାର କରିଛି। ଶନିବାର ମଧ୍ୟରାତ୍ରରେ ସଂପୃକ୍ତ ସ୍ଥାନରେ ଲୋକେ ଭିଡ଼ ହୋଇଥିବା ଦେଖି ପୁଲିସ ପାଟ୍ରୋଲିଂ ଦଳ ଗୋଟିଏ ମୃତଦେହ ପଡିଥିବା ଦେଖିଥିଲେ। ମୃତକଙ୍କ ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ମୃତବ୍ୟକ୍ତି ଗତ ଦୁଇ ତିନି ଦିନ ହେବ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଥିଲେ। ପୁଲିସ ପଞ୍ଚନାମା କରି ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଭଦ୍ରକ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୁଲିସ ପାଟ୍ରୋଲିଂ ଦଳ ଅଭିଯୋଗ କ୍ରମେ ଥାନାରେ ୪୧୭/୨୬ନଂ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

# ରୋଟାରୀ କ୍ଲବର ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ସ୍ଥିତ ରୋଟାରୀ କ୍ଲବ ତରଫରୁ ପଣ୍ଡୁଗଡ଼ିଆ ସ୍ଥିତ ଶିବମୁନି ଯୋଗାଶ୍ରମ (ଓଡ଼ିଶା ପ୍ରାନ୍ତ)ଠାରେ ବିଭିନ୍ନ ପ୍ରକାରର ଫଳ ବୃକ୍ଷ ଚାରା ରୋପଣ କରାଯାଇଛି । ରୋଟାରୀ କ୍ଲବର ସଭାପତି ଶ୍ୟାମ ପ୍ରସାଦ ମଡୁଆଳଙ୍କ ତତ୍ତ୍ୱାବଧାନରେ କ୍ଲବର ଉପସଭାପତି ରବିନ୍ଦ୍ର ନାଥ ମିଶ୍ର, ସଂପାଦକ ସଞ୍ଜୟ କୁମାର ଭୂୟାଁ, ସଦସ୍ୟ ଭଗିରଥ ପଣ୍ଡିତ, ସୁନୀଲ କୁମାର ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ । ବିଶେଷ ଅତିଥି ଭାବେ ଯୋଗ ଦେଇ ବେତନଟୀ ସିଭିଲ ସୋସାଇଟିର ସମ୍ପାଦକ ଆଡ଼ଭୋକେଟ ସଚ୍ଚିଦାନନ୍ଦ ମହାନ୍ତି ବୃକ୍ଷରୋପଣର ଉପକାରିତା ଓ ଏହାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଶିବମୁନି ଆଶ୍ରମର ସଂଚାଳକ ରତିକାନ୍ତ ମହାନ୍ତ ଓ ପ୍ରମୋଦ କୁମାର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ସତର୍କ ସଙ୍କେତ ଉପରେ ବୈତରଣୀ

ଭଣ୍ଡାରିପୋଖରୀ,(ସବ୍ୟୁ): ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇ ସତର୍କସଙ୍କେତ ଟପିଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ଆଖୁଆପଦାରେ ସତର୍କସଙ୍କେତ ସ୍ତର ୧୭.୮୩ମିଟର ଅତିକ୍ରମ କରି ୧୮.୦୧ ମିଟରରେ ପ୍ରବାହିତ ହେଉଛି। ଜଳସ୍ତର ଘଣ୍ଟାପ୍ରତି ୧ ମି.ମି. ବେଗରେ ବୃଦ୍ଧି ପାଉଛି। ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦ ମି.ମି. ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୨୧.୦ ମି.ମି., ସ୍ୱାମୀପାଟଣାରେ ୨୮.୮ ମି.ମି., କେଉଁଝରରେ ୧୨.୪ମି.ମି., ଆନନ୍ଦପୁରରେ ୧୩.୦ ମି.ମି. ଓ ଆଖୁଆପଦାରେ ୮.୦ ମି.ମି. ବର୍ଷା ରେକର୍ଡ କରାଯାଇଛି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର,(ସବ) : ରେମୁଣା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଶାଳବଣୀ ନିକଟରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଉଛନ୍ତି ସଦରଥାନା ହଳଦୀପଦା ରାଇସୁଆଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପୁଅ ଋତୁରାଜ(୨୪)। ସୂଚନା ମୁତାବକ, ଋତୁରାଜ ଏକ ଘରୋଇ ସୋରୁମରେ ଚାକିରି କରିଥିଲେ। ଋତୁରାଜ ଡ୍ୟୁଟି ସାରି ଶନିବାର ରାତି ପ୍ରାୟ ୯ଟା ସମୟରେ ଘରକୁ ଫେରୁଥିବାବେଳେ ଶାଳବଣୀ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟଲୋକେ ଶିଳ୍ପାଞ୍ଚଳ ପୁଲିସକୁ ଖବରଦେବା ସହ ଋତୁରାଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ରେମୁଣା ମେଡିକାଲକୁ ପଠାଇଥିଲେ । ସେଠାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି ।

# ଚାଷୀଙ୍କ ଆତ୍ମହତ୍ୟା

ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକ ସାହସପୁର ପଞ୍ଚାୟତ ଅଧୀନ ଲୋହସାହି ଗ୍ରାମର ଚାଷୀ ପ୍ରଭାକର ବେହୁରିଆ(୫୬) ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ରବିବାର ପୂର୍ବାହ୍ନ ସମୟରେ ମୃତକଙ୍କ ଜଣେ ସମ୍ପର୍କୀୟ ମହିଳା ଘର ବାଡ଼ି ପଟକୁ ଯାଇଥିଲାବେଳେ ପ୍ରଭାକର ବେକରେ ରଶି ଗୋଡେଇ ଏକ ଗଛରେ ଝୁଲି ପଡିଥିବା ଦେଖିଥିଲେ। ଏ ସମ୍ପର୍କରେ ମୃତ ପ୍ରଭାକରଙ୍କ ପୁଅ ସ୍ୱରାଜଙ୍କ ଅଭିଯୋଗ କ୍ରମେ ଧୂଷୁରୀ ପୁଲିସ ଲୋହସାହି ଗ୍ରାମସ୍ଥିତ ଘଟଣା ସ୍ଥାନରୁ ଶବ ଜବତ କରିବା ସହ ଅପମୃତ୍ୟୁ ମାମଲା ସଂଖ୍ୟା-୨୩/୨୬ରୁଜୁ କରିଛି ଏବଂ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରଭାକର ଜଣେ ମେଳାପି ଓ ଶାନ୍ତ ସ୍ୱଭାବର ବ୍ୟକ୍ତି ଥିଲେ। କିନ୍ତୁ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାର ପ୍ରକୃତ କାରଣ ଜଣା ପଡ଼ିନାହିଁ। କିନ୍ତୁ ମାନସିକ ଭାରସାମ୍ୟ ହରାଇ ସେ ଏଭଳି କରିଥିବା ସନ୍ଦେହ କରାଯାଉଛି। ପ୍ରଭାକରଙ୍କ ପତ୍ନୀଙ୍କର କିଛି ବର୍ଷ ତଳେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା।

# ଅଙ୍ଗନବାଡି କର୍ମୀଙ୍କ ବିୟୋଗ

ହିନ୍ଦୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଭଗବାନପୁର ଅଞ୍ଚଳର ବରିଷ୍ଠ ଅଙ୍ଗନବାଡି କର୍ମୀଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା। ହିନ୍ଦୋଳବ୍ଲକ ନୂଆବଗ ପଂଚାୟତ ଭଗବାନପୁରବାସି ତଥା ୧ନଂ ଅଙ୍ଗନବାଡିରେ କାର୍ଯ୍ୟରତ ବରିଷ୍ଠକର୍ମୀ ସବିତା ମିଶ୍ରଙ୍କର ଗତକାଲି ହୃଦଘାତରେ ପରଲୋକ ହୋଇଯାଇଛି।ଗତକାଲି ସନ୍ଧ୍ୟାରେ ଘର ବାରଣ୍ଡାରେ ବସିଥିବାବେଳେ ହଟାତ ହୃଦଘାତ ହେବାରୁ ତାଙ୍କୁ ଭୁବନେଶ୍ୱର ଚିକିତ୍ସାପାଇଁ ନିଆଯାଉଥିବା ସମୟରେ ବାଟରେ ଦେହାନ୍ତ ହୋଇଥିଲା।ତେବେ ତାଙ୍କ ପରଲୋକ ଖବରପାଇ ଆଖପାଖ ଅଞ୍ଚଳର ଜନସାଧାରଣ ତାଙ୍କ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ଆଜି ପୁରୀ ସ୍ୱର୍ଗଦ୍ୱାରରେ ସବିତା ଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ଅନ୍ତିମ ସମୟରେ ପୁଅ, ଝିଅ, ଜ୍ୱାଇଁ ଓ ସ୍ୱାମୀ ତଥା ପରିଜନ ଉପସ୍ଥିତ ଥିବାବେଳେ ସ୍ୱର୍ଗତ ସବିତା ମିଶ୍ର ଜଣେ ପରୋପକାରୀ, ମେଳାପୀ ଛାତ୍ରବତ୍ସଳ ଅଙ୍ଗନବାଡି କର୍ମୀ ଥିବାବେଳେ ବହୁବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ବଜ୍ରାଘାତ : ୧୧ଗୋରୁଙ୍କ ମୃତ

ତାଳଚେର,(ସବ୍ୟୁ) :ଆଜି ହଠାତ୍ ଅପରାହ୍ଣ ୨ଘଟିକା ସମୟରେ ତାଳଚେର ଅଂଚଳରେ ବର୍ଷା ସହିତ ବିଜୁଳି ଚଢ଼କ ମାରିଥିଲା। ଫଳରେ ତାଳଚେର ବ୍ଲକ କଣ୍ଠାଳ ପଂଚାୟତ ଗ୍ରାମ ବଡ଼ବନ୍ଧ ନିକଟରେ ୧୧ଗୋଟି ଗୋରୁଗାଈଙ୍କ ମୃତ୍ୟ ଘଟିଥିବା ଜଣାପଡ଼ିଛି। ମୃତ ଗୋରୁଗାଈ ଗୁଡ଼ିକ ଚିହ୍ନଟ ହୋଇନଥିଲେ ମଧ୍ୟ କଣ୍ଠାଳ ସରପଂଚ ଯଶୋବନ୍ତୀ ବେହେରା ଗୋରୁଗାଈ ଗୁଡ଼ିକୁ ମାଲିକମାନେ ଚିହ୍ନଟ କରି ନେବାପାଇଁ ଅନୁରୋଧ କରିବା ସହିତ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ରାଶି ପ୍ରାପ୍ତ ହୁଅନ୍ତୁ ବୋଲି ହ୍ୱାଟସାପ୍ ମଧ୍ୟମରେ ମେସେଜ୍ କରିଛନ୍ତି ।

# ରାସ୍ତା ପାଲଟିଲା ପୋଖରୀ, ପାଣି ଭିତରେ ଗ୍ରାମବାସୀ

ଠାକୁରମୁଣ୍ଡା, (ସବ୍ୟୁ):ଠାକୁରମୁଣ୍ଡା ବନ୍ଧ ସାହି ରାସ୍ତାର ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। ରାସ୍ତା ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଛି। ଗ୍ରାମବାସୀ,ସ୍କୁଲ ଛାତ୍ର, ଛାତ୍ରୀ ଛତା ଧରି ଆଣ୍ଠୁଏ ପାଣିରେ ଯିବାକୁ ବାଧ୍ୟ ହେଉଛନ୍ତି।ଲଘୁଚାପ ବର୍ଷା ପରେ ଠାକୁରମୁଣ୍ଡା ବନ୍ଧରୁ ବାହାରିଥିବା ପଙ୍କ ବନ୍ଧ ସାହି ଚତୁଃପାର୍ଶ୍ୱରେ ପଡି ରହିଥିବାରୁ ଜଳ ନିଷ୍କାସନ ରାସ୍ତା ବନ୍ଦ ହୋଇଯାଇଛି। ଟିକିଏ ବର୍ଷା ହେଲେ ରାସ୍ତାରେ ଲହଡି ମାରୁଛି ପାଣି।ବଜାରକୁ ଯିବା ମୁଖ୍ୟ ରାସ୍ତା ଏବେ ଏତେ କଦର୍ଯ୍ୟ ହୋଇଛି ଯେ ସାଇକେଲ ତ ଦୂରର କଥା, ଚାଲି ଚାଲି ଯିବା ବି ମୁସ୍କିଲ ହୋଇପଡିଛି। ସ୍କୁଲ ପିଲାମାନେ ସବୁଠୁ ଅଧିକ ହନ୍ତସନ୍ତ ହେଉଛନ୍ତି।ତୁରନ୍ତ ପଙ୍କ ହଟାଇ ଡ୍ରେନ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଜେପି ଉପରେ ବର୍ଷିଲେ ପୂର୍ବତନ ବିଧାୟକ, ଉପାଧ୍ୟକ୍ଷ

# ଦାଣ୍ଡରେ ପଡି ହାଟରେ ପଡିଲାଣି ଘର କଳି

ଢେଙ୍କାନାଳ , (ସବ୍ୟୁ) : ଢେଙ୍କାନାଳ ପୌରସଂସ୍ଥାକୁ ନେଇ ବିଜେପି ଏକ ସାମ୍ବାଦିକ ସମ୍ମିଳନୀ କରି ପୌରସଂସ୍ଥାର ଉପାଧ୍ୟକ୍ଷ ପ୍ରକାଶ କୁଅଁର ଏବଂ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ଉପରେଦୋଷ ଦେବା ପରେ ଆଜି ବିଜେଡି ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀ କରାଯାଇ ବିଜେପି ଉପରେ ବର୍ଷିବା ସହିତ କାଉଣ୍ଟର ଆଟାକ କରିଥିବା ଜଣାପଡିଛି। ଏହାକୁ ନେଇ ଦିର୍ଘଦିନ ଧରି ବିଜେପି ଏବଂବିଜେଡି ମଧ୍ୟରେ ରହିଥିବା କୁଟୀଳ କଟାକ୍ଷ ଏବଂ ତୁତୁ ମେଁ ମେଁକୁ ନେଇ ରାଜନିତୀ ବେଶ ଚଳଚଞ୍ଚଳ ହୋଇପଡିଛି। ରାଜନିତୀ ନୁହଁ ବରଂ ଘର କଳି ଏବେ ରାସ୍ତାରେପଡି ହାଟରେ ଗଡୁଛି ବୋଲି ଚର୍ଚ୍ଚା ହେଉଛି।

ବିଜେପିର ସାମ୍ବାଦିକ ସମ୍ମିଳନୀ ପରେ ଆଜି ବିଜେଡି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ବିଜେପିର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହିତ ଜମି କିଏ ହଡପ କରିଛି ଏବଂ କିଏ ସରକାରୀ ଜମି ଜବରଦଖଲକରିଛି ତାହାକୁ ନେଇ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୦୧୯ରୁ ୨୦୨୪ ମଧ୍ୟରେ ବିଜେଡି ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି। ଏହା ମଧ୍ୟରେ ଗ୍ରୀନ ଫିଲଡ ପେଭର ରୋଡ ପାଇଁ ୨୧କୋଟି ୩୬ଲକ୍ଷ,୧୬ଟି ଜଳାଶୟର ପୁନଃରୁଦ୍ଧାର ପାଇଁ ୯କୋଟି,ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୧୦୧କୋଟି,୪ଟି କଲ୍ୟାଣ ମଣ୍ଡପ ପାଇଁ ୮କୋଟି,୪ନମ୍ବର ୱାର୍ଡରେ କଲ୍ୟାଣ ମଣ୍ଡପ,ମୁକ୍ତା ଯୋଜନାରେ ୧୪.୨୮କୋଟି,ରୋଡ ଇନଫ୍ରା ଗ୍ରାଣ୍ଟପାଇଁ ୫କୋଟି ୬୦ଲକ୍ଷ, ଅଡିଟୋରିୟମ ପାଇଁ ୨.୫କୋଟି, ସ୍ମାର୍ଟ ପାର୍କ ପାଇଁ ୧କୋଟି, ସ୍ମାର୍ଟ ଶ୍ମଶାନ ପାଇଁ ୧କୋଟି,ଜାଗା ମିଶନରେ୪୨ଟି ବସ୍ତିରେ ୨ ହଜାର ୨୮୩ ଲୋକଙ୍କୁ ଚିହ୍ନଟ ହୋଇଥିବା ବେଳେ ସରକାରଙ୍କ ପରିବର୍ତ୍ତନ ଯୋଗୁ ହୋଇ ନପାରିବା, କୋରିଆଁରେ ରିହାବିଲିଟେସନ, ମଧୁବାବୁ ପେନସନ ଯୋଜନାରେ ୪ ହଜାର ୩୧୨ଜଣଙ୍କୁ ଭତ୍ତା ପ୍ରଦାନ,ବଳରାମ ମନ୍ଦିର ପାଇଁ ୨କୋଟି ୯୨ଲକ୍ଷ, ଯାଉଁଳିପୋଖରୀ ପାଇଁ ୨.୯୩କୋଟି,ଢେଙ୍କାନାଳ କଲେଜ ଅଡିଟୋରିୟମ ପାଇଁ ୧.୫କୋଟି,ସାନ୍ଧ୍ୟ ମହାବିଦ୍ୟାଳୟପାଇଁ ୧କୋଟି,ମହିଳା ମହାବିଦ୍ୟାଳୟ ପାଇଁ ୧କୋଟି, ଆମ ଚିକିତ୍ସାଳୟ ପାଇଁ ୫.୪୨କୋଟି,ଇନଡୋରହଲରେ ଭାରଉତ୍ତୋଳନ ପାଇଁ ୨କୋଟି,ଅନ୍ୟାନ୍ୟ କାର୍ଯ୍ୟପାଇଁ ୧.୭୭ କୋଟି,ଏଭଳି ବହୁ ଉନ୍ନୟନ ମୂଳକ କାର୍ଯ୍ୟ ବିଜେଡି ସରକାର ସମୟରେ ପୌରସଂସ୍ଥାରେ କରାଯାଇଛି। ତେବେ ବିଜେପିର ବିକାଶ ଉପରେପ୍ରଶ୍ନ ଉଠାଯିବା ସହିତ ମିଥ୍ୟା ତଥ୍ୟ ଦେଇ ଲୋକଙ୍କୁ ଭ୍ରମିକ କରାଯାଉଥିବାର ସାମ୍ବାଦିକ ସମ୍ମିଳନୀରେ ମତପ୍ରକାଶ ପାଇଛି। ଘଟଣାକୁ ନେଇ ଉପାଧ୍ୟକ୍ଷ ପ୍ରକାଶ କୁଅଁର ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ଯେ ସେ ଜଣେ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିବା ବେଳେ ଚାନ୍ଦମାରି ସାହିର ବସ୍ତିରେ ସେ ରହୁଥିଲେ। ତାଙ୍କ ପରିବାର ସରକାରଙ୍କ ଜଗାମିଶନରେ ଯୋଗ୍ୟ ବିବେଚିତ ହେବା ପରେ ତାଙ୍କୁ ୨୦୧୮ ମସିହାରେ ଜାଗା ମିଳିଥିଲା। ସେହି ଜମିରେ ସେ ଘର କରିବା ସହିତ ୨୦୨୧ ମସିହାରେସେ ସହରରେ ଏକ ଜମି କିଣିଛନ୍ତି। ୨୦୧୮ ମସିହା ପୂର୍ବରୁ ତାଙ୍କ ନାମରେକିମ୍ବା ତାଙ୍କ ପରିବାର ନାମରେ କୌଣସି ଜମି ନଥିବାର ସେ କହିଛନ୍ତି। ସେ ଅନ୍ୟାୟ ଭାବରେକୌଣସ ଜମି ହଡପ କରିନଥିବାର କହିବା ସହିତ ପାଟିରେ କହିଦେଲେହେବ ନାହିଁ। ତଥ୍ୟ ଦେଖାନ୍ତୁ ମୁଁ ମୋ ରାଜନିତୀ ଛାଡି ସନ୍ୟାସ ନେଇଯିବି ବୋଲି କହିଥିଲେ। ସହରରେ ଅଧ୍ୟକ୍ଷ, ତାଙ୍କ ସ୍ୱାମୀ ଏବଂ ପରିବାର ଗରୀବ ,ଖଟିଖିଆ, ଦିନ ମଜୁରିଆଙ୍କ ଜମି ହଡପ କରିବା ସହିତ ସରକାରୀ ଜମି ଜବରଦଖଲ କରିଛନ୍ତି ବୋଲି କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ସୁଧୀର କୁମାରସାମଲ କହିଛନ୍ତି ଯେ,ପୌରାଞ୍ଚଳରେ କିଏ ଜମି ହଡପ କରିଛି ତାହା ଲୋକ ଜାଣିଛନ୍ତି। ଗତ ୨ ହଜାର ମସିହାରୁ ୨୦୨୬ଯାଏ ଆଦିବାସୀ,ହରିଜନଙ୍କ ଜମି ମାଡିବସିଛନ୍ତି। ଯେଉଁମାନେ ସରକାରୀ ଜମି ଦଖଲ କରିଛନ୍ତି ତାକୁ ଭୋଗ କରିବାକୁ କେହି ରହନ୍ତି ନାହିଁ ବୋଲି କହିଛନ୍ତି। ସେ ପୁଣି କହିଛନ୍ତି ଯେ,ଜିଲ୍ଲାର ଏତିହ୍ୟ ମଣ୍ଡନ କରୁଥିବା ଶ୍ରୀ ଚନ୍ଦ୍ରଶେଖର କପିଳାସ ପୀଠ ଏବଂ ମହିମା ଯୋରନ୍ଦାଗାଦୀକୁ ଯିବାକୁ ବାଜି ଚୌକ ଠାରେ ରାସ୍ତା ସଂକୀର୍ଣ୍ଣ ହେଉଛି ତାକୁ ପ୍ରଥମେ ଜବର ଦଖଲ ହଟାନ୍ତୁ ,ରାସ୍ତା ପ୍ରଶସ୍ତିକରଣ କରନ୍ତୁ ।ଦକ୍ଷିଣ କାଳୀରୋଡ ପ୍ରଶସ୍ତିକରଣ ପାଇଁ ଉଚ୍ଛେଦ କରନ୍ତୁବୋଲି କହିଛନ୍ତି। ବିଜେପି ପରେ ଏବେ ବିଜେଡିର ସାମ୍ବାଦିକ ସମ୍ମିଳନୀକୁ ନେଇ ବେଶ ଚର୍ଚ୍ଚା ଚାଲିଥିବା ବେଳେ ବିଜେଡି ବିଜେପି ମଧ୍ୟ ରାଜନିତୀ ନୁହଁ ବରଂ ଘର କଳି ଏବେ ପଦାରେ ପଡୁଛି ବୋଲି ଚାରିଆଡେ ଚର୍ଚ୍ଚା ହେଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡିର ସମସ୍ତ କାଉନସିଲର ଏବଂ କର୍ମୀମାନେ ଉପସ୍ଥିତ ରହିଥିଲେ।

# ସ୍କ୍ରବ ଟାଇଫସରେ ଜଣେ ମୃତ : ୩୦ରୁ ଅଧିକ ଆକ୍ରାନ୍ତ



ପାଲଲହଡା,(ସବ୍ୟୁ) :ଅନୁଗୁଳ ଜିଲ୍ଲା ପାଲଲହଡ଼ା ବ୍ଲକ ଅନ୍ତର୍ଗତ ପବିତ୍ରପୁର ପଂଚାୟତ ସାନବାଗଦରୀ ଗ୍ରାମରେ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହୋଇ ସୁମନ୍ତ ସେଠିଙ୍କର ମୃତ୍ୟୁ ଏବଂ ତିରିଶରୁ ଅଧିକ ଆକ୍ରାନ୍ତ ହେବା ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଦେଇଥିବାବେଳେ ପ୍ରଭାବିତ ସାନବାଗଦରି ଗ୍ରାମକୁ ଆଜି ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି।

ଗ୍ରାମବାସୀଙ୍କ ସହ ଆଲୋଚନା କରି ବିଧାୟକ ଶ୍ରୀ ମହାନ୍ତି କହିଛନ୍ତି ଯେ, ଏଥିରେ ଆତଙ୍କିତ ହେବାର କୌଣସି ଆବଶ୍ୟକତା ନାହିଁ। ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି ଏବଂ ସେ ନିଜେ ନିରନ୍ତର ସରକାର ଓ ପ୍ରଶାସନ ସହ ସମ୍ପର୍କରେ ରହିଛନ୍ତି। ଆସନ୍ତାକାଲିଠାରୁ ଗାଁରେ ଘରକୁ ଘର ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ସମସ୍ତ ଗ୍ରାମବାସୀଙ୍କୁ ସ୍କ୍ରିନିଂ ଟେଷ୍ଟ ପାଇଁ ଆଗେଇ ଆସିବାକୁ ଏବଂ ଡାକ୍ତରୀ ଦଳର ପରାମର୍ଶ ମାନିବାକୁ ସେ ଅନୁରୋଧ କରିଛନ୍ତି।ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଲୋକଙ୍କ ସ୍କ୍ରିନିଂ କରାଯିବ ବୋଲି ବିଧାୟକ କହିବା ସହିତ ଜିଲ୍ଲା ରେଡ଼କ୍ରସ ପାଣ୍ଠି ତରଫରୁ ଦଶ ହଜାର ଟଙ୍କା ମୃତକ ସୁମନ୍ତଙ୍କ ପରିବାରକୁ ପ୍ରଦାନ କରିଥିବାବେଳେ ସମସ୍ତଙ୍କୁ ସ୍କ୍ରବ ଟାଇଫସର ମଲମ ବଣ୍ଟନ କରିଥିଲେ ।ଏହି ଅବସରରେ ସିଡିଏମ ଓ ପିଏଚଓ ଡା. ମଦନ ମୋହନ ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ ଜଣଙ୍କ ସ୍କ୍ରିନିଂ କରାଯାଇଛି, ସେଥିମଧ୍ୟରୁ ଫିଲ୍ଡ କିଟ ପରୀକ୍ଷାରେ ପ୍ରାୟ ୩୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତ ପଜିଟିଭ ଚିହ୍ନଟ ବ୍ୟକ୍ତିଙ୍କୁ ଔଷଧ ଦିଆଯାଇଛି। ଚୂଡ଼ାନ୍ତ ନିଶ୍ଚିତକରଣ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଲାଇଜାଟେଷ୍ଟ ପରେ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

## ସମ୍ପାଦକୀୟ



# ‘ସଙ୍ଗୀତମୟ ତମେ, ସଙ୍ଗୀତମୟ ହେ’...

ପ୍ରକୃତରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ସର୍ବଶ୍ରେଷ୍ଠ ପୁସ୍ତକ ‘ଜୀବନ ସଙ୍ଗୀତ’ରୁ ଉପରୋକ୍ତ ଶିରୋନାମାର ପଦଟିଏ ହିଁ ପ୍ରଯୁଜ୍ୟ ଆଧୁନିକ ଯୁଗର ସଙ୍ଗୀତ ସମ୍ରାଟ ପ୍ରଣବ ପଟ୍ଟନାୟକଙ୍କ ପାଇଁ । ତାଙ୍କ ଗଜଲ, ତାଙ୍କର ନିଜସ୍ୱ ଶୈଳୀର ଆଧୁନିକ ସଙ୍ଗୀତ ମୁଗ୍ଧ କରି ଦେଉଥିଲା ଓଡ଼ିଆମାନଙ୍କୁ କେବଳ ଓଡ଼ିଶାରେ ନୁହେଁ କି ଭାରତରେ ନୁହେଁ, ବିଦେଶରେ ମଧ୍ୟ । ଅକ୍ଷୟ ମହାନ୍ତି, ସିକନ୍ଦର ଆଲମ ବା ପ୍ରଫୁଲ୍ଲ କରଙ୍କଠାରୁ ନିଜର ମୌଳିକ ସ୍ୱରରେ ସେ ଥିଲେ ସ୍ୱତନ୍ତ୍ର । ତାଙ୍କ ଗାୟନଶୈଳୀରେ ଯେଉଁ ବୈଶିଷ୍ଟ୍ୟ ଥିଲା, ତାହା ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରି ପାରିଥିଲା । ଦିଲ୍ଲୀ-ଓଡ଼ିଆ ଅସ୍ମିତାର ସଭାନେତ୍ରୀ, ସୁଲେଖିକା ଡାକ୍ତର ଅନିତା ପଣ୍ଡା ସେଥିପାଇଁ ତା ୨୧/୦୮/୨୦୨ରେ ତାଙ୍କର ବିୟୋଗ ଖବର ପାଇ ବ୍ୟସ୍ତ ହୋଇ କହି ପକାଇଲେ- ‘ଏତେ ଚେଷ୍ଟା କରି ମଧ୍ୟ ସେପରି ଜଣେ କଣ୍ଠଶିଳ୍ପୀଙ୍କ ପାଇଁ ମୁଁ ‘ପଦ୍ମଶ୍ରୀ’ ଉପାଧି କରାଇ ପାରିଲି ନାହିଁ ।’

ମନେ ହୋଇଥାଏ, କାନ୍ତକବିଙ୍କର ସରଳ ତରଳ ଭାଷାରେ ଲିଖିତ ସେଇ ପ୍ରଭାବଶାଳୀ ପଦଟି ଯେପରି ତାଙ୍କ ପାଇଁ ହିଁ ପ୍ରଯୁଜ୍ୟ ଥିଲା । ସେହି ପଦଟି ଆରମ୍ଭରୁ ଏହିପରି-‘ସଙ୍ଗୀତମୟ ତମେ, ସଙ୍ଗୀତମୟ ହେ, ନବଘନ ଗରଜନ ସାଗର ନର୍ତ୍ତନ/ ପ୍ରଖର ପ୍ରଭଞ୍ଜନ ଗାଏ ତବ ଜୟ ହେ’...ଏବଂ ଶେଷ ପଦଟି ଏହିପରି-‘ଅନାହତ ସଙ୍ଗୀତ ସଧୀରେ ପ୍ରବାହିତ/ଅନ୍ତରେ ଅନ୍ତରେ ଅମର ଅକ୍ଷୟ ହେ ।’ ଅନ୍ତିମ ଜୀବନରେ ସେ ଶଯ୍ୟାଶାୟୀ ହୋଇ ରହିଥିଲେ । ପତ୍ନୀ କସ୍ତୁରିକା ପଟ୍ଟନାୟକଙ୍କ ସେବାଯତ୍ନ ସହିତ ସଙ୍ଗୀତ ହିଁ ତାଙ୍କୁ ବଞ୍ଚାଇ ରଖିଥିଲା ।

**ଦେଖିବାକୁ ସେ ସୁନ୍ଦର ଥିଲେ । ପିତା ଲାଲମୋହନ ପଟ୍ଟନାୟକ ଥିଲେ ଓଡ଼ିଆ ବିଧାନସଭାର ବାଚସ୍ପତି । ଏବେ ବାଚସ୍ପତି ବା ମନ୍ତ୍ରିମାନଙ୍କର ମର୍ଯ୍ୟାଦା ତ ରହିଛି, ମାତ୍ର ଅତୀତରେ ଲୋକେ ସେମାନଙ୍କୁ ଯେପରି ଭଲ ପାଉଥିଲେ ଓ ସମ୍ମାନ ଦେଉଥିଲେ, ଏବେ ସେ ଭଲ ପାଇବା ଓ ସମ୍ମାନ ଦେବା କଥାକୁ ମନେ ପକାଇଲେ, ଦୁଃଖ ହୁଏ । ଏବେ ସେପରି ହେଉନାହିଁ । ଜଣେ ବାଚସ୍ପତିଙ୍କ ପୁତ୍ର ଭାବେ ତାଙ୍କର ଗର୍ବ ଓ ଅହଙ୍କାର ଆଦୌ ନଥିଲା ।**

ଦେଖିବାକୁ ସେ ସୁନ୍ଦର ଥିଲେ । ପିତା ଲାଲମୋହନ ପଟ୍ଟନାୟକ ଥିଲେ ଓଡ଼ିଆ ବିଧାନସଭାର ବାଚସ୍ପତି । ଏବେ ବାଚସ୍ପତି ବା ମନ୍ତ୍ରିମାନଙ୍କର ମର୍ଯ୍ୟାଦା ତ ରହିଛି, ମାତ୍ର ଅତୀତରେ ଲୋକେ ସେମାନଙ୍କୁ ଯେପରି ଭଲ ପାଉଥିଲେ ଓ ସମ୍ମାନ ଦେଉଥିଲେ, ଏବେ ସେ ଭଲ ପାଇବା ଓ ସମ୍ମାନ ଦେବା କଥାକୁ ମନେ ପକାଇଲେ, ଦୁଃଖ ହୁଏ । ଏବେ ସେପରି ହେଉନାହିଁ । ଜଣେ ବାଚସ୍ପତିଙ୍କ ପୁତ୍ର ଭାବେ ତାଙ୍କର ଗର୍ବ ଓ ଅହଙ୍କାର ଆଦୌ ନଥିଲା । ବାଲ୍ୟକାଳରୁ ସେ ସଙ୍ଗୀତ ପ୍ରତି ଆକୃଷ୍ଟ ହୋଇଥିଲେ । ପିତା ଲାଲ ମୋହନ ପଟ୍ଟନାୟକଙ୍କଠାରୁ ସେ ସଙ୍ଗୀତ ସକାଶେ ପ୍ରେରଣା ମଧ୍ୟ ଲାଭ କରିଥିଲେ । କୁନାଲ ଆଦି ନାରାୟଣ ରାଓଙ୍କଠାରୁ ସମ୍ଭବତଃ ସେ ସଙ୍ଗୀତ ଶିକ୍ଷା କରିଥିଲେ, ଆଦ୍ୟଗୁରୁ ଭାବରେ । ଶ୍ରୀ ବିଜୟ କୁମାର ମହାନ୍ତି ତାଙ୍କ ସମ୍ପର୍କରେ ଲେଖିଛନ୍ତି- ‘ଅଣ-ଚଳଚ୍ଚିତ୍ର ସଙ୍ଗୀତରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ବେତାର, ଦୂରଦର୍ଶନ ଓ ଆଲବମ ମାଧ୍ୟମରେ ସେ ବହୁ ଭଜନ ଓ ଆଧୁନିକ ସଙ୍ଗୀତ ଓଡ଼ିଆ ଶ୍ରୋତାଙ୍କୁ ଭେଟି ଦେଇଛନ୍ତି । ୧୯୯୨ ମସିହାରେ ତାଙ୍କର ପ୍ରଥମ ଗଜଲ ଆଲବମ ମୁକ୍ତିଲାଭ କରିଥିଲା । ଏହି ଆଲବମରେ ପଣ୍ଡିତ ହରିପ୍ରସାଦ ଚୌରାସିଆ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଓ ଶ୍ରୀମତୀ ଦେବକୀ ପଣ୍ଡିତ, ପ୍ରଣବ ପଟ୍ଟନାୟକଙ୍କ ସହିତ କଣ୍ଠଦାନ କରିଥିଲେ । ପ୍ରଣବ ପ୍ରଥମ ଓଡ଼ିଆ ଯିଏ କି ଗଜଲ ଶିଳ୍ପୀର ମାନ୍ୟତା ପାଇଛନ୍ତି । ... ନୂଆଦିଲ୍ଲୀର ସେଣ୍ଟ୍ରାଲ ଅଡିସନ ବୋର୍ଡରେ ସେ ଏ ନେଇ ଆଡମିଶନ ନେଇଥିଲେ । ’( ‘ରେବତୀ’, ଆମ ମାଟିର ସ୍ୱର ନଭେମ୍ବର ସଂଖ୍ୟା ୨୦୧୮) ।

ପ୍ରକୃତରେ ଉର୍ଦ୍ଦୁ ସମେତ ତୁର୍କୀ, ଆରବିକ ଓ ପାର୍ସୀ ଭାଷା ମିଶ୍ରିତ ପ୍ରେମ ଓ ବିରହ ସଙ୍ଗୀତ ଗଜଲ ଗାଇବାରେ ପ୍ରଣବ ଥିଲେ ସଙ୍ଗୀତ ଜଗତର ବାଦଶାହା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ସେ ଜନ୍ମ ହୋଇଥିଲେ ୧୯୩୮ ମସିହା ଜାନୁଆରୀ ୨୦ ତାରିଖରେ ଆଉ ତାଙ୍କର ଦେହାନ୍ତ ହେଲା ଗତ ଅଗଷ୍ଟ ୨୧(୨୦୨୬) ତାରିଖରେ । ୮୮ ବର୍ଷ ବୟସରେ । ଗତ ବର୍ଷ ତାଙ୍କୁ ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ‘ସରଳା ଦେବୀ ସମ୍ମାନ’ ପ୍ରଦାନ କରା ଯାଇଥିଲା । ମାତ୍ର ସେ ଅସୁସ୍ଥ ଥିବାରୁ ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ଆମେ କେତେଜଣ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ଭେଟି ସମ୍ବର୍ଦ୍ଧନା ଦେଲାବେଳେ ସେ ନିଜ ଶଯ୍ୟାରୁ ଉଠି ବସି ପଡ଼ିଲେ କଷ୍ଟରେ ଓ ଭାବବିହ୍ୱଳ ହୋଇଗଲେ । କିଛି ସମୟ କଥାବାର୍ତ୍ତା ହେବା ପରେ ଆମେ କେତେଜଣ ତାଙ୍କଠାରୁ ବିଦାୟ ନେଇ ଫେରିବାକୁ ଚାହିଁଲୁ । ଆଶ୍ଚର୍ଯ୍ୟ ! ସେ ସହଜରେ ଛାଡ଼ିଲେ ନାହିଁ । ଏ ଲେଖକର ହାତ ଧରି ଟାଣିଲେ ଓ ପାଖରେ ବସାଇଲେ । ଆମମାନଙ୍କ ଅନୁରୋଧ ରକ୍ଷା କରି କିନ୍ତୁ ସେ ବୋଲିଥିଲେ-ଭକ୍ତକବି ମଧୁସୂଦନ ରାଓଙ୍କ ସେହି ଚିତ୍ତାକର୍ଷକ ଗୀତଟି-‘ ରେ ଆତ୍ମନ ନିଦ୍ରା ପରିହରି’ । କି ସୁମଧୁର କଣ୍ଠଟିଏ ଈଶ୍ୱର ତାଙ୍କୁ ଦେଇ ନଥିଲେ ସତ ! ତାଙ୍କର ଏକାଦଶାହରେ ତାଙ୍କ ସ୍ମୃତି ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି । ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଆମର ।

(ଗୁରୁକଲ୍ୟାଣ ମହାପାତ୍ର)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ସ୍ୱାୟତ୍ତ ଶାସନ ଦିବସ: ସଶକ୍ତ ନଗର ଶାସନ, ସମୃଦ୍ଧ ଓଡ଼ିଶାର ସଂକଳ୍ପ

**ଡଃ କୃଷ୍ଣଚନ୍ଦ୍ର ମହାପାତ୍ର**

ସ୍ୱାୟତ୍ତ ଶାସନ ଦିବସ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ସେହି ମୌଳିକ ଆଦର୍ଶକୁ ପୁନର୍ଜୀବିତ କରିବାର ଏକ ମହାର୍ଘ୍ୟ ଅବସର, ଯେଉଁଠି ଶାସନ କ୍ଷମତାର କେନ୍ଦ୍ରବିନ୍ଦୁ ସଚିବାଳୟର ବନ୍ଦ କୋଠରୀରେ ନୁହେଁ, ବରଂ ଜନସାଧାରଣଙ୍କ ଦ୍ୱାରଦେଶରେ ଥାଏ । ଭାରତୀୟ ଗଣତନ୍ତ୍ରର ମୂଳଦୁଆ ସ୍ଥାନୀୟ ସ୍ୱାୟତ୍ତ ଶାସନ ଉପରେ ପ୍ରତିଷ୍ଠିତ । ଏହି ଦିବସ ଆମକୁ ସ୍ମରଣ କରାଇଦିଏ ଯେ, ବିକାଶର ପ୍ରକୃତ ସଂଜ୍ଞା କେବଳ ଭୌତିକ ଭିତ୍ତିଭୂମିର ନିର୍ମାଣ ନୁହେଁ, ବରଂ ନାଗରିକଙ୍କ ଆବଶ୍ୟକତା, ଅଭିଳାଷ ଓ ସହଭାଗିତାରେ ଏକ ଆତ୍ମନିର୍ଭରଶୀଳ ସମାଜ ଗଠନ କରିବା । ଆମର ସହର ଓ ନଗରଗୁଡ଼ିକ ହେଉଛି ତୃଣମୂଳ ଗଣତନ୍ତ୍ରର ସବୁଠାରୁ ଜୀବନ୍ତ ତଥା ସ୍ପନ୍ଦନଶୀଳ ଅଭିବ୍ୟକ୍ତି ।

**ଐତିହ୍ୟରୁ ଆଧୁନିକତା: ଓଡ଼ିଶାର ନଗର ଚେତନା**

ଓଡ଼ିଶାର ନଗର ଶାସନ ଓ ସହରୀୟ ସଭ୍ୟତାର ଇତିହାସ ଅତ୍ୟନ୍ତ ପ୍ରାଚୀନ ତଥା ଗୌରବମୟ । କଳିଙ୍ଗର ପ୍ରାଚୀନ ବାଣିଜ୍ୟିକ ନଗରୀ, ଶିଶୁପାଳଗଡ଼ର ସୁଚିନ୍ତିତ ଦୁର୍ଗ ଓ ନଗର ନିର୍ମାଣ ଶୈଳୀ କିମ୍ବା ଶ୍ରୀକ୍ଷେତ୍ର ପୁରୀ ଭଳି ତୀର୍ଥ ନଗରୀର ସାମାଜିକ-ପୌର ବ୍ୟବସ୍ଥା ଆମର ଉନ୍ନତ ନଗର ପରିକଳ୍ପନାର ପ୍ରମାଣ ଦିଏ । ପାରମ୍ପରିକ ଗ୍ରାମ୍ୟ ପଞ୍ଚାୟତ ଓ ନଗର ଶାସନର ମୂଳ ଆଦର୍ଶ ଥିଲା ସାମୂହିକ ନିଷ୍ପତ୍ତି ଓ ଜନକଲ୍ୟାଣ । ଆଜି ସ୍ୱାଧୀନ ଭାରତର ସମ୍ବିଧାନର ୭୪ତମ ସଂଶୋଧନ ମାଧ୍ୟମରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସାମ୍ବିଧାନିକ ମାନ୍ୟତା ମିଳିଛି, ଯାହା ଏହି ଐତିହ୍ୟକୁ ଆଧୁନିକ ଗଣତାନ୍ତ୍ରିକ ଢାଞ୍ଚାରେ ଆହୁରି ସୁଦୃଢ଼ କରିଛି ।

ଆଜି ଓଡ଼ିଶା ଏକ ଅଭୂତପୂର୍ବ ଦ୍ରୁତ ନଗରୀକରଣ ପର୍ଯ୍ୟାୟ ଦେଇ ଗତି କରୁଛି । ସହରଗୁଡ଼ିକ ଆଉ କେବଳ ଜନବସତି ହୋଇ ରହିନାହାନ୍ତି ଏଗୁଡ଼ିକ ରାଜ୍ୟ ଅର୍ଥନୀତିର ପ୍ରମୁଖ ଚାଳିକାଶକ୍ତି, ନୂତନ ଉଦ୍ୟୋଗ ଓ କର୍ମନିଯୁକ୍ତିର ଉତ୍ସ ତଥା ଯୁବପିଢ଼ିଙ୍କ ଆଶା ଓ ଆକାଂକ୍ଷାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଗ୍ରାମାଞ୍ଚଳରୁ ସହରମୁଖୀ ପ୍ରବାହ, ଶିଳ୍ପ, ବାଣିଜ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର କେନ୍ଦ୍ରୀକରଣ ଯୋଗୁଁ ନଗର ନିକାୟଗୁଡ଼ିକ ଉପରେ ଚାପ ବୃଦ୍ଧି ପାଇଛି । ତେଣୁ ଆମର ଆଜିର ଯୋଜନା କେବଳ ସାମ୍ପ୍ରତିକ ସମସ୍ୟାର ସମାଧାନ ପାଇଁ ସୀମିତ ରହିବା ଉଚିତ ନୁହେଁ ଏହା ଆଗାମୀ ପିଢ଼ି ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ‘ଭବିଷ୍ୟତ ନଗର ଓଡ଼ିଶା’ର ଦୃଢ଼ ମୂଳଦୁଆ ସ୍ଥାପନ କରିବା ଆବଶ୍ୟକ ।

**ସମାବେଶୀ ବିକାଶ: ଅନ୍ତ୍ୟୋଦୟରୁ ସର୍ବୋଦୟ**

ଏକ ସହରର ପ୍ରକୃତ ବିକାଶ ବଡ଼ ବଡ଼ ଅଟ୍ଟାଳିକା କିମ୍ବା ଚିକ୍କଣ ରାସ୍ତାରେ ମପାଯାଇପାରିବ ନାହିଁ । ବିକାଶର ପ୍ରକୃତ ପରିମାପକ ହେଉଛି ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ଜୀବନଧାରଣର ମାନ । ଆମର ନଗର ଉନ୍ନୟନ ଦର୍ଶନ ‘ଅନ୍ତ୍ୟୋଦୟ’ ଉପରେ ଆଧାରିତ । ସହରର ଅର୍ଥନୀତିକୁ ଗତିଶୀଳ ରଖୁଥିବା ଶ୍ରମିକ, ଦିନମଜୁରିଆ, ଉଠାଦୋକାନୀ, ନିମ୍ନ ଆୟକାରୀ ବର୍ଗ, ମହିଳା, ବୃଦ୍ଧ, ଦିବ୍ୟାଙ୍ଗ ଏବଂ ତୃଣମୂଳ ସ୍ତରର ଲୋକମାନେ ଯେପରି ବିକାଶର ସୁଫଳ ପାଇବେ, ତାହା ସୁନିଶ୍ଚିତ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ । ବିକାଶ ସମସ୍ତଙ୍କ ପାଇଁ, ସୁଯୋଗ ସମସ୍ତଙ୍କ ପାଇଁ ଏବଂ ସମ୍ମାନଜନକ ଜୀବନ ସମସ୍ତଙ୍କ ପାଇଁ-ଏହା ହିଁ ଆମର ମୂଳମନ୍ତ୍ର ।

**ପୌର ସଂସ୍ଥାର ସଶକ୍ତୀକରଣ ଓ ଆର୍ଥିକ ସ୍ୱାବଲମ୍ବନ**

ସ୍ୱାୟତ୍ତ ଶାସନର ମୂଳ ଲକ୍ଷ୍ୟ ହେଉଛି ସ୍ଥାନୀୟ ସଂସ୍ଥାଗୁଡ଼ିକୁ ଆତ୍ମନିର୍ଭରଶୀଳ ଓ କାର୍ଯ୍ୟକ୍ଷମ କରିବା । ମହାନଗର ନିଗମ, ପୌରପାଳିକା ଏବଂ ଏନ୍‌ଏସିଗୁଡ଼ିକ ହେଉଛନ୍ତି ସାଧାରଣ ନାଗରିକଙ୍କ ସହ ଶାସନ ବ୍ୟବସ୍ଥାର ପ୍ରଥମ ପ୍ରତ୍ୟକ୍ଷ ସମ୍ପର୍କ । ପାନୀୟ ଜଳ, ଆଲୋକ,ସ୍ୱଚ୍ଛତା, ରାସ୍ତା, ଡ୍ରେନେଜ୍, ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ଆଦି ସେବା ପାଇଁ ଜଣେ ନାଗରିକ ପ୍ରଥମେ ନିଜ ପୌର ସଂସ୍ଥା ଉପରେ ହିଁ ନିର୍ଭର କରେ । ତେଣୁ ସ୍ଥାନୀୟ ସଂସ୍ଥା ଯେତିକି ଦକ୍ଷ, ସ୍ୱଚ୍ଛ ଓ ଉତ୍ତରଦାୟୀ ହେବ, ପ୍ରଶାସନ ପ୍ରତି ଲୋକଙ୍କ ଆସ୍ଥା ସେତିକି ବୃଦ୍ଧି ପାଇବ ।

ଏହି ପରିପ୍ରେକ୍ଷୀରେ ପୌର ସଂସ୍ଥାଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ଓ ଆର୍ଥିକ ସ୍ୱୟଂସମ୍ପୂର୍ଣ୍ଣତା ଏକାନ୍ତ ଅପରିହାର୍ଯ୍ୟ । କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନକରି ନିଜସ୍ୱ ରାଜସ୍ୱ ସଂଗ୍ରହ ବୃଦ୍ଧି, ଟିକସ ବ୍ୟବସ୍ଥାର ସରଳୀକରଣ, ଆର୍ଥିକ ଶୃଙ୍ଖଳା ଏବଂ ଡିଜିଟାଲ୍ ରାଜସ୍ୱ ପରିଚାଳନା ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସ୍ୱାବଲମ୍ବୀ କରିବାକୁ ପଡ଼ିବ । ଆର୍ଥିକ ସ୍ୱାଧୀନତା ହିଁ ସ୍ଥାନୀୟ ବିକାଶ ଯୋଜନାକୁ ତ୍ୱରାନ୍ୱିତ କରିପାରିବ ।

**ସୁନିୟୋଜିତ ନଗର ଯୋଜନା ଓ ଟିଅର-୨, ଟିଅର-୩ ସହରର ଉତ୍ଥାନ**

ଅନିୟନ୍ତ୍ରିତ ଓ ଅଣଯୋଜନାବଦ୍ଧ ସହରୀକରଣ ଭବିଷ୍ୟତରେ ଜଳବାୟୁ, ପରିବେଶ ଓ ଯାତାୟାତ ପାଇଁ ବିରାଟ ଆହ୍ୱାନ ସୃଷ୍ଟି କରେ । ତେଣୁ ଦୀର୍ଘମିଆଦୀ ମାଷ୍ଟରପ୍ଲାନ୍, ଜମିର ସୁବିନ୍ୟାସିତ ବ୍ୟବହାର, ଆବାସିକ ଓ ବାଣିଜ୍ୟିକ କ୍ଷେତ୍ରର ସନ୍ତୁଳନ ଏବଂ ପ୍ରାକୃତିକ ସବୁଜ ବଳୟର ସୁରକ୍ଷା ଆମ ନଗର ଯୋଜନାର ପ୍ରାଥମିକତା । ଏହାସହ, କେବଳ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର କିମ୍ବା ରାଉରକେଲା ଭଳି ବୃହତ୍ ସହରରେ ସୀମିତ ନରହି, ରାଜ୍ୟର ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ (Tier-2 Tier-3) ସହରଗୁଡ଼ିକୁ ଭବିଷ୍ୟତର ପ୍ରମୁଖ ବିକାଶ କେନ୍ଦ୍ର ଭାବେ ଗଢ଼ିତୋଳିବା ଆମର ଲକ୍ଷ୍ୟ । ଏହାଦ୍ୱାରା ବଡ଼ ସହରଗୁଡ଼ିକ ଉପରୁ ଜନସଂଖ୍ୟାର ଚାପ ହ୍ରାସ ପାଇବା ସହ ସମଗ୍ର ରାଜ୍ୟରେ ଏକ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ ।

**ଆଧୁନିକ ଭିତ୍ତିଭୂମି: ନଗର ଗତିଶୀଳତା ଓ ବୈଜ୍ଞାନିକ ଡ୍ରେନେଜ୍**

ସହରର ବିକାଶର ଅର୍ଥ କେବଳ ଚାରିଲେନ୍ କିମ୍ବା ଛଅଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ନୁହେ । ଆମର ନଗର ଗତିଶୀଳତା (Urban Mobility) ଯୋଜନାର କେନ୍ଦ୍ରରେ ରହିଛନ୍ତି ମଣିଷ-ବିଶେଷକରି ପାଦଚାରୀ, ସାଇକେଲ ଆରୋହୀ, ମହିଳା, ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ । ସୁଲଭ, ସୁରକ୍ଷିତ ଓ ପରିବେଶ-ଅନୁକୂଳ ଗଣପରିବହନ ବ୍ୟବସ୍ଥାର ପ୍ରସାର, ଫୁଟପାଥ୍ ନିର୍ମାଣ ଏବଂ ଇ-ଯାନ ଚଳାଚଳକୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ ।

ଅନ୍ୟପକ୍ଷରେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହେଉଥିବା ଅସମୟ ବର୍ଷା ଓ ସହରୀୟ ବନ୍ୟା (Urban Flooding) ଆଜି ଏକ ଗମ୍ଭୀର ସମସ୍ୟା । କେବଳ ବର୍ଷାଋତୁ ଆସିଲେ ଜଳ ନିଷ୍କାସନର ଅସ୍ଥାୟୀ ବ୍ୟବସ୍ଥା ନକରି ଏହାର ସ୍ଥାୟୀ ସମାଧାନ ଜରୁରୀ । ସହରଗୁଡ଼ିକରେ ବୈଜ୍ଞାନିକ ଡ୍ରେନେଜ୍ ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ କରିବା, ପ୍ରାକୃତିକ ଜଳାଶୟ ଓ ନାଳଗୁଡ଼ିକୁ ଜବରଦଖଲମୁକ୍ତ କରି ସେଗୁଡ଼ିକର ପୁନରୁଦ୍ଧାର କରିବା ଏବଂ ‘ସ୍ପଞ୍ଜ ସିଟି’ (Sponge City) ଅବଧାରଣା ମାଧ୍ୟମରେ ଭୂତଳ ଜଳସ୍ତର ବୃଦ୍ଧି ଲାଗି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉଛି ।

**ସମ୍ପୂର୍ଣ୍ଣ ସ୍ୱଚ୍ଛତା, ବର୍ଜ୍ୟ ପରିଚାଳନା ଓ ସର୍କୁଲାର ଅର୍ଥନୀତି**

ସ୍ୱଚ୍ଛତା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଆମ ସଂସ୍କୃତି ଓ ସାମାଜିକ ସ୍ୱାଭିମାନ । ସହରାଞ୍ଚଳରେ ଉତ୍ସସ୍ଥଳରୁ ବର୍ଜ୍ୟର ଶତପ୍ରତିଶତ ପୃଥକୀକରଣ (Segregation at Source), ସଂଗ୍ରହ, ପରିବହନ ଏବଂ ବୈଜ୍ଞାନିକ ପ୍ରକ୍ରିୟାକରଣ ଉପରେ ଆମେ ଗୁରୁତ୍ୱ ଦେଉଛୁ । ‘ବର୍ଜ୍ୟରୁ ସମ୍ପଦ’ (Waste to Wealth) ନୀତି ଆଧାରରେ କଠିନ ବର୍ଜ୍ୟବସ୍ତୁରୁ ଖତ ଓ ଶକ୍ତି ଉତ୍ପାଦନ କରାଯାଉଛି ।

ସେହିପରି ବ୍ୟବହୃତ ଜଳ ଓ ମଳମୂତ୍ର ଗାଦର ସୁରକ୍ଷିତ ବିଶୋଧନ ଏବଂ ବିଶୋଧିତ ଜଳର ଶିଳ୍ପ ଓ ଉଦ୍ୟାନ କାର୍ଯ୍ୟରେ ପୁନଃବ୍ୟବହାର ମାଧ୍ୟମରେ ଏକ ନିରନ୍ତର ‘ସର୍କୁଲାର ଇକୋନୋମି’ ଗଠନ ଦିଗରେ ଓଡ଼ିଶା ଆଗେଇ ଚାଲିଛି । ଏହି ବିରାଟ ସ୍ୱଚ୍ଛତା ଯାତ୍ରାରେ ଅହରହ ସେବା ଯୋଗାଉଥିବା ଆମର ‘ସଫେଇ ମିତ୍ର’ ତଥା ସ୍ୱଚ୍ଛତା କର୍ମଚାରୀମାନଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସାମାଜିକ ନିରାପତ୍ତା ସୁନିଶ୍ଚିତ କରିବା ଆମ ସରକାରଙ୍କ ପ୍ରମୁଖ ପ୍ରାଥମିକତା ।

**ନିରାପଦ ଆବାସ: ସମ୍ମାନର ସହ ବଞ୍ଚିବାର ଅଧିକାର**

ପ୍ରତ୍ୟେକ ନାଗରିକଙ୍କ ପାଇଁ ମୁଣ୍ଡ ଗୁଞ୍ଜିବାକୁ ଏକ ନିରାପଦ ଛାତ ଏବଂ ମୌଳିକ ସୁବିଧା ଯୋଗାଇବା ଆମର ସାମାଜିକ ଦାୟିତ୍ୱ । ସହରାଞ୍ଚଳ ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ପାଇଁ ସୁଲଭ ଆବାସ ଯୋଜନା, ବିଶୁଦ୍ଧ ପାନୀୟ ଜଳ, ପରିମଳ ସୁବିଧା, ବିଦ୍ୟୁତ ସଂଯୋଗ ଏବଂ ଉନ୍ନତ ପରିବେଶ ଯୋଗାଇଦେଇ ବସ୍ତିବାସିନ୍ଦାଙ୍କ ଜୀବନରେ ସମ୍ମାନ ଫେରାଇ ଆଣିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସହରର ବିକାଶ ସେତେବେଳେ ସାର୍ଥକ ହେବ, ଯେତେବେଳେ କୌଣସି ନାଗରିକ ନିଜକୁ ଅବହେଳିତ ମନେ କରିବେ ନାହିଁ ।

**ଡିଜିଟାଲ୍ ଶାସନ ଓ ସମ୍ବେଦନଶୀଳ ପ୍ରଶାସନ**

ଆଜିର ଡିଜିଟାଲ୍ ଯୁଗରେ ନଗର ପ୍ରଶାସନରେ ସୂଚନା ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏକ ନୂଆ ବିପ୍ଳବ ଆଣିଛି । ଡାଟା ଆଧାରିତ ନିଷ୍ପତ୍ତି, ସ୍ମାର୍ଟ ମନିଟରିଂ, ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ୍ ଏବଂ ଅନଲାଇନ୍ ନାଗରିକ ସେବା ମାଧ୍ୟମରେ ପ୍ରଶାସନକୁ ଦଲାଲମୁକ୍ତ, ସ୍ୱଚ୍ଛ ଓ ଲୋକାଭିମୁଖୀ କରାଯାଉଛି । ଅଭିଯୋଗ ନିରାକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ତେବେ ପ୍ରଯୁକ୍ତି ଯେତେ ଆଧୁନିକ ହେଲେ ମଧ୍ୟ ମାନବୀୟ ସମ୍ବେଦନଶୀଳତା ହିଁ ସୁଶାସନର ପ୍ରକୃତ ପ୍ରାଣକେନ୍ଦ୍ର । ପ୍ରଶାସନ ସର୍ବଦା ନାଗରିକଙ୍କ ସୁଖଦୁଃଖ ସହିତ ଯୋଡ଼ି ହୋଇ ରହିବା ଆବଶ୍ୟକ ।

**ନାଗରିକ ଭାଗୀଦାରି: ବିକାଶର ଶ୍ରେଷ୍ଠ ମାର୍ଗ**

ସ୍ୱାୟତ୍ତ ଶାସନର ସଫଳତା କେବଳ ସରକାର କିମ୍ବା ପ୍ରଶାସନିକ ତନ୍ତ୍ର ଉପରେ ନିର୍ଭର କରେନାହିଁ, ଏହା ନାଗରିକଙ୍କ ସଚେତନତା ଓ ସକ୍ରିୟ ଅଂଶଗ୍ରହଣ ଉପରେ ପର୍ଯ୍ୟବସିତ । ନିର୍ବାଚିତ ଜନପ୍ରତିନିଧି, ପୌର କର୍ମଚାରୀ, ବୁଦ୍ଧିଜୀବୀ, ନାଗରିକ ସମାଜ ଏବଂ ସାଧାରଣ ଜନତା-ସମସ୍ତଙ୍କ ସହଯୋଗରେ ହିଁ ଏକ ସହର ସୁନ୍ଦର ଓ ବାସୋପଯୋଗୀ ହୋଇପାରେ । ଯେତେବେଳେ ପ୍ରତ୍ୟେକ ନାଗରିକ ନିଜ ସହରକୁ ନିଜର ପରିବାର ମନେକରି ପରିଷ୍କାର ରଖିବେ ଓ ନିୟମ ପାଳନ କରିବେ, ସେତେବେଳେ ଆମର ପ୍ରୟାସ ପୂର୍ଣ୍ଣାଙ୍ଗ ହେବ ।

**ଉପସଂହାର : ନୂତନ ଓଡ଼ିଶାର ସଂକଳ୍ପ**

ଆଜିର ଓଡ଼ିଶା ଏକ ନୂତନ ଆତ୍ମବିଶ୍ୱାସର ସହ ଉନ୍ନତିର ପଥରେ ଅଗ୍ରସର । ଆମ ସହରଗୁଡ଼ିକ ଯେତିକି ଶକ୍ତିଶାଳୀ, ସୁସଂଗଠିତ, ସ୍ୱଚ୍ଛ, ସବୁଜ ଏବଂ ସମାବେଶୀ ହେବେ, ଏକ ସମୃଦ୍ଧ ‘ବିକଶିତ ଓଡ଼ିଶା’ ଗଠନର ସ୍ୱପ୍ନ ସେତିକି ଶୀଘ୍ର ସାକାର ହୋଇପାରିବ । ସ୍ୱାୟତ୍ତ ଶାସନ ଦିବସ ଆମକୁ ପ୍ରେରଣା ଦିଏ ଯେ ସହର କେବଳ ସରକାର ଗଢ଼ନ୍ତି ନାହିଁ, ବରଂ ସରକାର ଓ ନାଗରିକ ମିଳିତ ଭାବେ ଏହାର ଭବିଷ୍ୟତ ଲେଖନ୍ତି ।

ଆସନ୍ତୁ, ଏହି ପବିତ୍ର ସ୍ୱାୟତ୍ତ ଶାସନ ଦିବସରେ ଆମେ ସମସ୍ତେ ମିଳିତ ସଂକଳ୍ପ ନେବା-ସଶକ୍ତ ସ୍ଥାନୀୟ ଶାସନ, ସ୍ୱଚ୍ଛ ପ୍ରଶାସନ, ସକ୍ରିୟ ନାଗରିକ ଭାଗୀଦାରି ଏବଂ ଦୂରଦୃଷ୍ଟିସମ୍ପନ୍ନ ଯୋଜନା ମାଧ୍ୟମରେ ଆମ ସହରଗୁଡ଼ିକୁ ବିକାଶ, ଶାନ୍ତି ଓ ସମୃଦ୍ଧିର ଆଦର୍ଶ କେନ୍ଦ୍ରରେ ପରିଣତ କରିବା ।

ଏହି ଶୁଭ ଅବସରରେ ଓଡ଼ିଶାର ସମସ୍ତ ନଗରବାସୀ, ନିର୍ବାଚିତ ପ୍ରତିନିଧି, ପୌର କର୍ମଚାରୀ ଓ ନଗର ଉନ୍ନୟନ ସହ ଜଡ଼ିତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।

**ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ**
**ଓଡ଼ିଶା ସରକାର**

# ହୃଦ୍‌ଘାତ ପାଇଁ କେତୋଟି ସତର୍କ ସୂଚନା



**ଡାକ୍ତର ଅଶୋକ କୁମାର ମହାନ୍ତି**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁଯାୟୀ, ହୃଦରୋଗ ବିଶ୍ୱରେ ମୃତ୍ୟୁର ପ୍ରମୁଖ କାରଣ,ଯାହା ପ୍ରତିବର୍ଷ ପ୍ରାୟ ୧୭.୯ନିୟୁତ ରୁ ୧୯.୮ ନିୟୁତ ଜୀବନ ନେଇଥାଏ । ହୃଦଘାତ ସେତେବେଳେ ହୁଏ, ଯେତେବେଳେ ହୃଦୟକୁ ରକ୍ତ ଏବଂ ଅମ୍ଳଜାନ ପଠାଉଥିବା ଏକ ଧମନୀ ଅବରୋଧିତ ହୋଇଯାଏ ।

ସମୟ ସହିତ ଚର୍ବି, କୋଲେଷ୍ଟ୍ରଲ୍ ଜମା ହୋଇ ହୃଦୟର ଧମନୀରେ ପ୍ଲାକ୍ ସୃଷ୍ଟି ହୁଏ । ଯଦି ଏକ ପ୍ଲାକ୍ ଫାଟିଯାଏ, ତେବେ ଏକ ରକ୍ତ ଜମାଟ ତିଆରି ହୋଇ ଧମନୀକୁ ଅବରୋଧ କରିପାରେ, ଯାହା ହୃଦଘାତ ସୃଷ୍ଟି କରେ । ରକ୍ତ ପ୍ରବାହର ଅଭାବ ହୃଦଘାତ ମାଂସପେଶୀର ଏକ ଅଂଶକୁ କ୍ଷତି କିମ୍ବା ନଷ୍ଟ କରିପାରେ । ହୃଦଘାତକୁ ମାୟୋକାର୍ଡିଆଲ୍ ଇନଫାର୍କ୍ସନ୍ ମଧ୍ୟ କୁହାଯାଏ । ଛାତିରେ ଚାପ ଅନୁଭବ ହେବା, ଝାଳ ନିର୍ଗତ କିମ୍ବା ହାତ ଯନ୍ତ୍ରଣା ଭଳି ସତର୍କତା ସଙ୍କେତ (୧୦ରୁ୧୫ମିନିଟରୁ ଅଧିକ ସମୟ ପାଇଁ ) ତୁରନ୍ତ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ କରେ । ଶୀଘ୍ର ଚିକିତ୍ସା ସ୍ଥାୟୀ ହୃଦଘାତକୁ ରୋକିଥାଏ ଏବଂ ଜୀବନ ବଞ୍ଚାଏ ।

ଅନେକ ଲୋକ, ବିଶେଷକରି ମହିଳା ଏବଂ ମଧୁମେହ ରୋଗୀ ହୃଦଘାତର ଲକ୍ଷଣଗୁଡ଼ିକୁ ଅବହେଳାକରି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାରେ ବିଳମ୍ବ କରନ୍ତି । ସମୟ ହେଉଛି ମାଂସପେଶୀ – ଆପଣ ଯେତେ ଶୀଘ୍ର ଚିକିତ୍ସା ପାଇବେ, ଆପଣ ସେତେ ଅଧିକ ହୃଦୟ ମାଂସପେଶୀ ବଞ୍ଚାଇ ପାରିବେ । ଲକ୍ଷଣଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ ଜୀବନ ବଞ୍ଚାଇ ପାରେ । ହୃଦଘାତର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ । କିଛି ଲୋକଙ୍କର ସାମାନ୍ୟ ଲକ୍ଷଣ, ଅନ୍ୟମାନଙ୍କର ଗୁରୁତର ଲକ୍ଷଣ ତଥା କିଛି ଲୋକଙ୍କର କୌଣସି ଲକ୍ଷଣ ନଥାଏ ।

**ପ୍ରମୁଖ ସତର୍କତା ସଙ୍କେତଗୁଡ଼ିକୁ ଅଣଦେଖା କରିବା ଉଚିତ ନୁହେଁ:**

ଛାତି ଯନ୍ତ୍ରଣା କିମ୍ବା ଅସ୍ୱସ୍ତି, ଛାତିରେ ଚାପ ଅନୁଭବ, ଛାତିର ମଝି ଭାଗରେ ଭାରୀ ଲାଗିବା, ବଦହଜମୀ, ଛାତିର ଜଳାପୋଡ଼ା । ଏହା ଆସିପାରେ ଏବଂ ଚାଲିଯାଇପାରେ କିମ୍ବା କିଛି ମିନିଟ୍ ପର୍ଯ୍ୟନ୍ତ ରହିପାରେ ।

ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ- ବିଶ୍ରାମ ସମୟରେ କିମ୍ବା ହାଲୁକା କାମ କଲେ ମଧ୍ୟ ଶ୍ୱାସ ନେବାରେ କଷ୍ଟ ।

ବେଦନା ଶରୀରର ଅନ୍ୟ ଅଂଶକୁ ପ୍ରସାରିତ ହେବା- ଏହା ଛାତିରୁ ଆରମ୍ଭ ହୋଇ ବାମ ହାତକୁ ବିକିରଣ କରେ (କିନ୍ତୁ ଡାହାଣ ହାତ କିମ୍ବା ଉଭୟକୁ ପ୍ରଭାବିତ କରିପାରେ), ହନୁହାଡ, କାନ୍ଧ, ବାହୁ, ବେକ, ପିଠି କିମ୍ବା ପେଟକୁ ବିକିରଣ କରେ । ଛାତି ଅସ୍ୱସ୍ତି ବିନା ହନୁହାଡ କିମ୍ବା ବେକ ଯନ୍ତ୍ରଣା ବି ହୃଦଘାତର ସଙ୍କେତ ଦେଇପାରେ, ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ।

ଅସ୍ୱଷ୍ଟ ଥକ୍କାପଣ: ଅତ୍ୟଧିକ କ୍ଲାନ୍ତି ତଥା ବିଶେଷକରି ମହିଳାମାନଙ୍କ ମଧ୍ୟରେ ହାଲୁକା କାର୍ଯ୍ୟକଳାପରେ ଥକ୍କାପଣ ଅନୁଭବ ।

ଥଣ୍ଡା ଝାଳ ବାହାରିବା, ବାନ୍ତି ଲାଗିବା, ବଦହଜମୀ, ଅସୁସ୍ଥ ଅନୁଭବ କରିବା, ଜଳାପୋଡ଼ା, ଉପର ପେଟରେ ଅସୁସ୍ଥତା କିମ୍ବା ହଠାତ ପେଟ ସମସ୍ୟା ଇତ୍ୟାଦି ।

ମୁଣ୍ଡ ବୁଲାଇବା, ହଠାତ ଭାରସାମ୍ୟ ହରାଇବା କିମ୍ବା ପ୍ରାୟ ଚେତାଶୂନ୍ୟ ହେବା ମସ୍ତିଷ୍କକୁ ରକ୍ତ ପ୍ରବାହ କମ୍ ହୋଇପାରେ । ଛାତିରେ ଯନ୍ତ୍ରଣା ନ ଥାଇ ଏହା ନୀରବ ହୃଦଘାତରେ ହୁଏ ।

ଅନିୟମିତ ହୃଦସ୍ପନ୍ଦନ: ହଠାତ୍ ଧଡ଼ଧଡ଼, ଏହା ହୃଦସ୍ପନ୍ଦନକୁ ପ୍ରଭାବିତ କରୁଥିବା ଅବରୋଧକୁ ସୂଚାଇପାରେ ।

**ଯଦି ଆପଣ ଏହି ଲକ୍ଷଣଗୁଡ଼ିକ ଅନୁଭବ କରନ୍ତି ତେବେ କ’ଣ କରିବେ:**

ସମସ୍ତ କାର୍ଯ୍ୟକଳାପ ବନ୍ଦ କରନ୍ତୁ,ଶାନ୍ତ ରୁହନ୍ତୁ ଏବଂ ବସିଯାଆନ୍ତୁ – ଭୟଭୀତ ହୁଅନ୍ତୁ ନାହିଁ ଏବଂ ପୋଷାକ ଢିଲା କରିଦିଅନ୍ତୁ ।

ଏକ ଭଲ ବାୟୁଚଳାଚଳ କରୁଥିବା କୋଠରୀରେ ବିଶ୍ରାମ ନିଅନ୍ତୁ ।

ଅପେକ୍ଷା କରନ୍ତୁ ନାହିଁ! ତୁରନ୍ତ ଜରୁରୀକାଳୀନ ସେବାକୁ କଲ୍ କରନ୍ତୁ – ପ୍ରତ୍ୟେକ ମିନିଟ୍ ଗୁରୁତ୍ୱପୂର୍ଣ୍ଣ ଅଟେ ।

ରକ୍ତ ଜମାଟ ବାନ୍ଧିବାକୁ ରୋକିବାରେ ସାହାଯ୍ୟ କରିବା ପାଇଁ ଏକ ଆସ୍ପିରିନ୍ ଟାବଲେଟ୍ (300-325mg )- (ଯଦି ଆସ୍ପିରିନ୍ ପ୍ରତି ଆଲର୍ଜିକ୍ ବା କୌଣସି ସକ୍ରିୟ ରକ୍ତସ୍ରାବଜନିତ ରୋଗ ନଥାଏ) ଚୋବାଇ ଦିଅନ୍ତୁ, ନଚେତ୍ ପାଣିରେ ଗୋଳାଇ ପିଇ ଦିଅନ୍ତୁ । ଟାବଲେଟ୍ ଚୋବାଇବା ଦ୍ୱାରା, ଔଷଧ ସମ୍ପୂର୍ଣ୍ଣ ଗିଳିବା ଅପେକ୍ଷା ରକ୍ତପ୍ରବାହରେ ଶୀଘ୍ର ପ୍ରବେଶ କରେ ।

ନାଇଟ୍ରୋଗ୍ଲିସେରିନ୍‌ଟାବଲେଟ୍ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ନେବା ଉଚିତ । ଅନ୍ୟ କାହାର ନାଇଟ୍ରୋଗ୍ଲିସେରିନ୍ ଟାବଲେଟ୍ ବ୍ୟବହାର କରନ୍ତୁ ନାହିଁ ।

ନିଜେ ଗାଡି ଚାଳନା କରିବାରୁ ନିବୃତ୍ତ ରୁହନ୍ତୁ ।

**କିଏ ଅଧିକ ବିପଦରେ ରହନ୍ତି:**

କମ୍ ସକ୍ରିୟ ଜୀବନଶୈଳୀ ବ୍ୟକ୍ତି, ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ, ଧୂମପାନ, ତମାଖୁ, ମଦ୍ୟପାନ,ମଧୁମେହ ରୋଗୀ, ଉଚ୍ଚ ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ୍, ମେଦ ବହୁଳତା, ହୃଦଘାତର ପାରିବାରିକ ଇତିହାସ, ମାନସିକ ଚାପ ଏବଂ ନିଶାଦ୍ରବ୍ୟ ଅପବ୍ୟବହାର,ବାୟୁ ପ୍ରଦୂଷଣ ଭଳି ପରିବେଶଗତ କାରଣ ।

ମହିଳାମାନେ ଥକ୍କାପଣ, ବାନ୍ତି ଏବଂ ପିଠି ଯନ୍ତ୍ରଣା ଭଳି ଅସାଧାରଣ ଲକ୍ଷଣ ଅନୁଭବ କରନ୍ତି ।

ବୟସ ବଢିବା ସହିତ ବିପଦ ବଢିପାରେ,ବିଶେଷ କରି ପୁରୁଷମାନେ ୪୫ ବର୍ଷ ପରେ ଏବଂ ମହିଳାମାନେ ୫୫ବର୍ଷ ପରେ ।

**ପ୍ରତିରୋଧମୂଳକ ପରାମର୍ଶ:**

ଆପଣଙ୍କର ରକ୍ତଚାପ,ରକ୍ତ ଶର୍କରା, ଶରୀରର ଓଜନ, BMI ଏବଂ ରକ୍ତ କୋଲେଷ୍ଟ୍ରଲ୍‌ର୍ବଦା ନିୟନ୍ତ୍ରଣରେ ରଖନ୍ତୁ ।

ସୁସ୍ଥ ଓଜନ ବଜାୟ ରଖନ୍ତୁ ।

ଧୂମପାନ, ତମାଖୁ ଏବଂ ମଦ୍ୟପାନ ପରିହାର କରନ୍ତୁ । ପରୋକ୍ଷ ଧୂମପାନ ଠାରୁ ଦୂରେଇ ରୁହନ୍ତୁ ।

ନିୟମିତ ବ୍ୟାୟାମ (୩୦-୪୫ ମିନିଟ୍ ଚାଲିବା)କରନ୍ତୁ ।

ଅତ୍ୟଧିକ ଚର୍ବି, ଶର୍କରାଜାତୀୟ ତଥା ଅଧିକ ଲୁଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ ।

ହୃଦୟ-ସୁସ୍ଥ ଖାଦ୍ୟ ଖାଆନ୍ତୁ, ଯାହା ସମ୍ପୂର୍ଣ୍ଣ ଶସ୍ୟ, ପନିପରିବା ଏବଂ ଫଳରେ ଭରପୂର ।

ନିୟମିତ ହୃଦୟ ତଥା ସ୍ୱାସ୍ଥ୍ୟପରୀକ୍ଷା କରାନ୍ତୁ, (ବିଶେଷ କରି ପରିବାରରେ ହୃଦ୍‌ରୋଗର ଇତିହାସ ଥିଲେ ।)

ମାନସିକ କିମ୍ବା ଶାରୀରିକ ଭାବରେ ବିଚଳିତ କିମ୍ବା ଚାପଗ୍ରସ୍ତ ହୁଅନ୍ତୁ ନାହିଁ ।

ଯୋଗ, ଧ୍ୟାନ ଏବଂ ସୁସ୍ଥ ଅଭ୍ୟାସ ସହିତ ମାନସିକ ଚାପ ପରିଚାଳନା କରନ୍ତୁ ।

ରାତିରେ ହାରାହାରି ୭-୯ଘଣ୍ଟା ଶୋଇବା ଉଚିତ ।

ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ସମୟ ଅନୁସାରେ ଆପଣଙ୍କର ଔଷଧ ସେବନ କରନ୍ତୁ ଏବଂ ନିଜ ଇଚ୍ଛାରେ ବନ୍ଦ କରନ୍ତୁ ନାହିଁ ।

ପ୍ରଥମ ଘଣ୍ଟାଟି ମଧ୍ୟରେ ଅଧିକାଂଶ ହୃଦଘାତ ରୋଗୀଙ୍କ ମୃତ୍ୟୁ ଘଟିଥାଏ । ଯଦି କାହାକୁ ଛାତିରେ ଯନ୍ତ୍ରଣା ଝାଳ ନିର୍ଗତ ନିଃଶ୍ୱାସ ନେବାରେ ଅସୁବିଧା ହୁଏ, ତେବେ ଏହାକୁ ଜରୁରୀକାଳୀନ ଭାବରେ ଚିକିତ୍ସା କରନ୍ତୁ । ଲକ୍ଷଣ ନିଜେ ଭଲ ହୋଇଯିବ ବୋଲି ଅପେକ୍ଷା କରନ୍ତୁ ନାହିଁ । ଆପଣଙ୍କ ଶରୀରର ସତର୍କ ସୂଚନାକୁ ଅଣଦେଖା କରନ୍ତୁ ନାହିଁ । କିଛି ମିନିଟ୍‌ର କାର୍ଯ୍ୟ ଏକ ଜୀବନ ବଞ୍ଚାଇପାରେ ।

**ମାଟିମଣ୍ଡପ ସାହି, ପାଟଣା ଲେନ୍ , ପୁରୀ ଟାଉନ୍**

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ ‘ସମୟ’ କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୃତକଙ୍କ...

ଶବଗୁଡ଼ିକୁ ରଖାଯାଇଥିଲା । ସେହି ଘରେ ମଧ୍ୟ ସ୍ଥାନର ଅଭାବ ହେବାରୁ ଏବେ ଆମ ପାଖରେ ସେଗୁଡ଼ିକୁ ପୋତିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ। ସେ ଆହୁରି କହିଛନ୍ତି ଯେ ମୃତଦେହଗୁଡ଼ିକୁ ପୋତିବା ପୂର୍ବରୁ ସେଗୁଡ଼ିକରୁ ଡିଏନ୍ଏ (ଡିଏନଏ) ନମୁନା ସଂଗ୍ରହ କରାଯାଉଛି । ଭବିଷ୍ୟତରେ ସମ୍ଭାବ୍ୟ ଚିହ୍ନଟ ପ୍ରକ୍ରିୟାକୁ ସହଜ କରିବା ପାଇଁ ସେମାନେ ଆଇଡେଣ୍ଟିଫିକେସନ୍ କିମ୍ବା ରେଫରେନ୍ସ ନମ୍ବର (ପରିଚୟ/ସନ୍ଦର୍ଭ ସଂଖ୍ୟା) ବ୍ୟବହାର କରି ରେକର୍ଡ ମଧ୍ୟ ରଖାଯାଉଛି ।ପରିବାର ଲୋକଙ୍କ ଡିଏନ୍ଏ (ଡିଏନଏ) ମେଳ ଖାଇବା ପରେ ସେମାନେ ଯେପରି ମୃତଦେହଗୁଡ଼ିକୁ କାଢ଼ି ପାରିବେ, ସେଥିପାଇଁ ପ୍ରତ୍ୟେକ ଶବକୁ ଏକ ସ୍ୱତନ୍ତ୍ର ପରିଚୟ ସଂଖ୍ୟା (ୟୁନିକ୍ ଆଡିଫିକେସନ ନମ୍ବର) ସହିତ ସ୍ଥାନର ଟ୍ୟାଗ୍ ଦିଆଯାଇଛି ବୋଲି ଏହି ଅଧିକାରୀ ଜଣଙ୍କ କହିଛନ୍ତି । ଶନିବାର ଅପରାହ୍ଣ ସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ ମୃତଦେହର ଡିଏନ୍ଏ ପ୍ରୋଫାଇଲିଂ କାର୍ଯ୍ୟ ଶେଷ ହୋଇଥିଲା ଏବଂ ସେଗୁଡ଼ିକୁ ପୋତିବା ପାଇଁ ପ୍ରସ୍ତୁତ କରାଯାଇଥିଲା । ଶବଗୁଡ଼ିକୁ ପରବର୍ତ୍ତୀ ସମୟରେ ଯେପରି ସହଜରେ କାଢ଼ି ହେବ, ସେଥିପାଇଁ ପୋତିବା ଗାତଗୁଡ଼ିକୁ ୧.୫ ମିଟର ଗଭୀରତାରେ ଖୋଳାଯାଉଛି । ଡିଏନ୍ଏ ମେଳ ଖାଇବା ପରେ କେବଳ ଚିହ୍ନଟ ହୋଇଥିବା ନିର୍ଦ୍ଦିଷ୍ଟ ଶବକୁ ହିଁ ଉଦ୍ଧାର କରାଯାଇପାରିବ, ତାହା ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗାଡ଼ ମଧ୍ୟରେ ୪୦ ସେଣ୍ଟିମିଟରର ବ୍ୟବଧାନ ରଖାଯାଇଛି । ମୃତଦେହଗୁଡ଼ିକୁ ପରିଚୟ ସଂଖ୍ୟା ସହିତ ବ୍ୟାଗ୍ରେ ପ୍ୟାକ୍ କରାଯାଉଛି । ପ୍ରତ୍ୟେକ ସମାଧି ସ୍ଥଳରେ ସାଇନ୍ବୋର୍ଡ ସହିତ ଏକ କଂକ୍ରିଟ୍ ପ୍ଲାଟଫର୍ମ ନିର୍ମାଣ କରାଯାଉଛି, ଯାହା ମୃତଦେହର ପରିଚୟ ସଂଖ୍ୟା ପ୍ରଦର୍ଶନ କରିବ ।ସମାଧି ପ୍ରକ୍ରିୟାର ଭିଡିଓ ଏବଂ ଫୋଟୋଗ୍ରାଫି ମାଧ୍ୟମରେ ରେକର୍ଡ କରିବା ସହିତ ସମାଧି ସ୍ଥଳର ଜିଓ-ଟ୍ୟାଗିଂ କରିବା ପାଇଁ ମଧ୍ୟ ଯୋଜନା କରାଯାଇଛି । ନିଖୋଜ ସମ୍ପର୍କୀୟମାନଙ୍କୁ ଖୋଜୁଥିବା ଲୋକଙ୍କୁ ଦେଶର ବିଭିନ୍ନ ଡାକ୍ତରଖାନାରେ ଡିଏନ୍ଏ ନମୁନା ଦେବାକୁ ପଡ଼ିବ । ଡିଏନ୍ଏ ପରୀକ୍ଷା ରିପୋର୍ଟ ଆସିବା ପରେ, ନେପାଳର ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦିଷ୍ଟ ଶବ ସଂଖ୍ୟା ଚିହ୍ନଟ କରିବା ପାଇଁ ମୃତଦେହଗୁଡ଼ିକର ଡିଏନ୍ଏ ସହିତ ଏହାକୁ ମେଳ କରିବ । ସେହି ସଂଖ୍ୟା ଆଧାରରେ, ପୋଲିସ ରେକର୍ଡ ଯାଞ୍ଚ କରି ମୃତଦେହଟିକୁ କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ପୋତାଯାଇଛି ତାହା ସ୍ଥିର କରିବ ।ତା'ପରେ ମୃତଦେହଗୁଡ଼ିକୁ କାଢ଼ି ସେମାନଙ୍କୁ ହସ୍ତାନ୍ତର କରାଯିବ । ପୁଲିସ ଅଚିହ୍ନା ଏବଂ ଦାବିଦାର ନଥିବା ମୃତଦେହଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏକ ୱେବସାଇଟରେ ମଧ୍ୟ ଅପଲୋଡ୍ କରିଛନ୍ତି ।

## ୫ରୁ ପୁଣି...

ଜଣାପଡିଛି । ଆସନ୍ତାକାଲି ସୋମବାର ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେ଼ଙ୍କାନାଳ, ମୟୁରଭଞ୍ଜ, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ଆଲୁକାରୁ ମଧ୍ୟମ ବର୍ଷା ଲାଗି ରହିପାରେ ।

ରବିବାର ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ଲାଗି ରହିଛି । ଯଦି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହୁଏ ତା'ହେଲେ ପୁଣି ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବ । ଏବେ ବି ଭଦ୍ରକ, ଯାଜପୁର ଜିଲ୍ଲାର ବହୁ ତଳିଆ ଅଞ୍ଚଳ ଜଳମଗ୍ନ ରହିଛି । ଚାଷବାସ ବି ହରାଇଛନ୍ତି ଅନେକ ଅଞ୍ଚଳବାସୀ । ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଦୁଇଟି ଲଘୁଚାପ ଆସୁଛି । ଏହି ଲଘୁଚାପ ପ୍ରଭାବରେ ପୁଣି ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ଫଳରେ ନଦୀ ଗୁଡିକ ଜଳସ୍ତର ବଢ଼ିପାରେ ।

## ମୈଥିଲୀଙ୍କୁ ପ୍ରଧାନମନ୍ତ୍ରୀଙ୍କ...

ଏହି ସଫଳତା କେବଳ ତାଙ୍କ ଜୀବନକୁ ବଦଳାଇ ନାହିଁ, ବରଂ ଡେବ୍ରିଗଡ଼ ଅଞ୍ଚଳର ଅନ୍ୟ ମହିଳାମାନଙ୍କୁ ମଧ୍ୟ ପ୍ରେରଣା ଦେଇଛି । ଡେବ୍ରିଗଡରେ ସଂରକ୍ଷଣ କାର୍ଯ୍ୟ, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ, ଇକୋ-ଟୁରିଜିମ୍ କାର୍ଯ୍ୟକଳାପ ଓ ଡ୍ରାଇଭର ଆଦି ଭାବେ ନିଯୁକ୍ତ ହୋଇଥିବା ଅନେକ ମହିଳାଙ୍କୁ ମାର୍ଗଦର୍ଶନ କରୁଛନ୍ତି । ଜଙ୍ଗଲ କେବଳ ଜୀବନର ନୁହେଁ, ଜୀବିକାର ମଧ୍ୟ ଆଧାର । ଜଙ୍ଗଲକୁ ସୁରକ୍ଷା ଦେବା ସହ ଏହାର ସମ୍ବଳକୁ ସୁଚାରୁ ଭାବେ ବ୍ୟବହାର କରି ମୈଥିଲୀ ରୋଜଗାରର ଏକ ନୂଆ ବାଟ ଦେଖାଇଛନ୍ତି ।

## ପତ୍ନୀ ବା...

ବିଚାର ହୋଇ କୋର୍ଟ ତରଫରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସମୟରେ ହାରାହାରି ୨-୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଛି । ତେଣୁ ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସଂପୃକ୍ତ କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା'ସହିତ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ନୁହେଁ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ସଂପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଡିଡିଓ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଭରଣପୋଷଣ ପାଇଁ ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ କରିଛନ୍ତି । ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସଂପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଇଲୋକେଟ୍ରାନିକ୍ ସୂତ୍ରରେ ଜମା କରିବେ ।

ଆଗାମୀ ଦିନରେ ଏହିପରି ଅଦାଲତଙ୍କ ନିର୍ଦ୍ଦେଶିତ ଭରଣପୋଷଣ ସମ୍ପର୍କିତ ବିଷୟକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥାରେ ଯୋଡ଼ାଯାଇ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ଅଦାଲତଙ୍କ ନିର୍ଦ୍ଦେଶର ଅନୁପାଳନ ହେବା ସହିତ ସଂପୃକ୍ତ ମହିଳା ବା ସେମାନଙ୍କ ସନ୍ତାନସନ୍ତତିଙ୍କ ଦୁର୍ଦ୍ଦଶା ମଧ୍ୟ ଅନେକ ପରିମାଣରେ ଦୂର ହୋଇପାରିବ ।

# ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅତିଷ୍ଠ

ବାଲେଶ୍ୱର,(ସବ୍ୟୁ): ରବିବାର ସକାଳ ଠାରୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ତୁହାକୁ ତୁହା ଲଗାଣ ବର୍ଷା ଜାରି ରହିବା ଫଳରେ ଜନଜୀବନ ଏକ ପ୍ରକାର ଅତିଷ୍ଠ ହୋଇପଡ଼ିଛି । ରାସ୍ତାଘାଟରେ କାଁ ଭାଁ ଗାଡ଼ି ମଟର ଚଳାଚଳ କରୁଥିବା ବେଳେ ବାଣିଜ୍ୟ ବ୍ୟବସାୟ ଏକପ୍ରକାର ଠପ୍ ହୋଇଯାଇଛି । ପୂର୍ବରୁ ରାସ୍ତା ଧାରରେ ବସି ବ୍ୟବସାୟ କରୁଥିବା ଲୋକମାନେ ଏବେ ସେମାନଙ୍କ ବ୍ୟବସାୟ କରିବା ବନ୍ଦ ହୋଇଯାଇଛି । ଦୋକାନ ବଜାର ଖୋଲା ରହିଥିଲେ ମଧ୍ୟ କାଁ ଭାଁ କେଉଁଠି କେମିତି ଗ୍ରାହକମାନେ ଆସୁଥିବା ଦେଖିବାକୁ ମିଳିଛି । ଲଗାଣ ବର୍ଷ ଯୋଗୁଁ ଦିନ ମଜୁରିଆମାନେ କାମଧନ୍ଦା ନପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷା ଯଦି ଲାଗିରହେ ତେବେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ନିକଟରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚାଷବାସ ନଷ୍ଟ ହୋଇଥିବା ବେଳେ ପୁଣି ଯଦି ବନ୍ୟା ଆସେ ତେବେ ପରିସ୍ଥିତି ଆହୁରି ଭୟଙ୍କର ହୋଇପଡ଼ିବ ବୋଲି ଚାଷୀକୂଳମାନେ ଚିନ୍ତାରେ ପଡ଼ିଛନ୍ତି । ଲଗାଣ ବର୍ଷା ଯୋଗୁଁ ସହରର ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ରାସ୍ତା ଏକପ୍ରକାର ଜଳମୟ ହୋଇଯାଇଛି ।

# ବିନାୟକ ଆଚାର୍ଯ୍ୟଙ୍କୁ ଅସମ୍ମାନ : ପୂଜ୍ୟ ପୂଜା ସମିତିର ଦୃଢ଼ ନିନ୍ଦା

ବ୍ରହ୍ମପୁର, (ସବ୍ୟୁ):ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବ୍ରହ୍ମପୁର ସହରର ଜଣେ ସଚ୍ଚୋଟ ରାଜନେତା ତଥା ଆଦର୍ଶ ଶିକ୍ଷକ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ପ୍ରତି ଆଜି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଦେଖାଯାଇଥିବା ଅବହେଳାକୁ ସାଂସ୍କୃତିକ ଅନୁଷ୍ଠାନ "ପୂଜ୍ୟ ପୂଜା ସମିତି' ଦୃଢ଼ ନିନ୍ଦା କରିଛି । ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ଜୟନ୍ତୀ ଅବସରରେ ରବିବାର ସକାଳେ ପୂଜ୍ୟ ପୂଜା ସମିତିର କର୍ମକର୍ତ୍ତାମାନେ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ସମୟରେ ଏକ ଅତ୍ୟନ୍ତ ଅଶୋଭନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ମହାନଗର ନିଗମ ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇନଥିବା ବେଳେ, ତାଙ୍କ ସ୍ମୃତିରେ ପ୍ରତିଷ୍ଠିତ ବିଦ୍ୟାଳୟର ଫାଟକ ବନ୍ଦ କରି ଗାଡ଼ି ପାର୍କିଂ କରାଯାଇଥିଲା । ଫଳରେ ରାସ୍ତାରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା ।ଏହା ସହିତ, ବିନାୟକ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଘରୋଇ ଫାର୍ମା କମ୍ପାନୀର ବ୍ୟାନର ଲଗାଯାଇଥିବା ଘଟଣା ତାଙ୍କ ପ୍ରତି ଅସମ୍ମାନର ଏକ ଦୁଃଖଦ ଉଦାହରଣ ବୋଲି ସମିତି ପକ୍ଷରୁ କୁହାଯାଇଛି ।

# ସାପ କାମୁଡାରେ ଗର୍ଭବତୀ ଗୁରୁତର

ବୁଗୁଡା , (ସବ୍ୟୁ): ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ଦଣ୍ଡାସିବଞ୍ଜର ଗ୍ରାମରେ ସାପ କାମୁଡ଼ାରେ ଆହତ ଜନୈକା ଗର୍ଭବତୀ ମହିଳା ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ମହିଳା ଜଣକ ହେଲେ ଛତ୍ରପୁର ଅଞ୍ଚଳ ଅନ୍ତର୍ଗତ ଆମ୍ବିଳିଝର ଗାଁର ସୁଜ୍ଞାନୀ ପ୍ରଧାନ (୩୦) । ବୁଗୁଡ଼ା ଅଞ୍ଚଳର ଇଟାଭାଟିରେ କାର୍ଯ୍ୟରତ ସୁଜ୍ଞାନୀଙ୍କ ପରିବାର ଲୋକେ ଦଣ୍ଡାସିବଞ୍ଜର ଗାଁରେ ରହୁଥିଲେ । ଗତ ଶନିବାର ରାତିରେ ସୁଜ୍ଞାନୀ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କର ବାମ ହାତକୁ କାମୁଡି ଦେବାରୁ ହଠାତ ସେ ନିଦରୁ ଉଠିପଡିଥିଲେ । ସାପ କାମୁଡ଼ିଥିବା ସ୍ଥାନରେ ଯନ୍ତ୍ରଣା ହେବାରୁ ଜଣେ ବୈଦ୍ୟଙ୍କ ପାଖକୁ ଯାଇ ତାହାର ପ୍ରତିକାର ବ୍ୟବସ୍ଥା କରି ଫେରିଥିଲେ । ତେବେ ରାତି ପାହିଲା ବେଳକୁ ପରିବାର ଲୋକଙ୍କ ଡାକ ଶୁଣି ନଥିଲେ ଏବଂ ଅଚେତ ଅବସ୍ଥାରେ ରହିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଡାକ୍ତର ରାମକୃଷ୍ଣ ସାମନ୍ତରାୟ**
ପିତା: ସ୍ୱର୍ଗତ ବାଳମୁକୁନ୍ଦ ସାମନ୍ତରାୟ
ଗୁରୁଜଙ୍ଗ, ଖୋରଧା
ଧରାବତରଣ: ୨୬.୨.୧୯୧୮
ତିରୋଧାନ: ୨୫.୮.୨୦୦୨

ଅଦ୍ୟ ଭାଦ୍ରବ ମାସ କୃଷ୍ଣପକ୍ଷ ପବିତ୍ର ତୃତୀୟା ତିଥି ଶନିବାର ତା.୩୧.୮.୨୦୨୬ରିଖ ଆପଣଙ୍କର ଚବିଶିତମ ଶ୍ରାଦ୍ଧଦିବସ । ଏହି ଅବସରରେ ଆପଣଙ୍କର ଆରାଧ ଦେବତା ଗୁରୁଜଙ୍ଗ ଗ୍ରାମେ ବିଜେ ପ୍ରଭୁ ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ଠାରେ ମୁଁ ପ୍ରାର୍ଥନା କରୁଛି, ଆପଣଙ୍କର ଅମର ଆତ୍ମା ଚିରଶାନ୍ତି ଲାଭକରୁ । ମୁଁ ଏହି ପବିତ୍ର ଦିବସରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଆପଣଙ୍କୁ ଜ୍ଞାପନ କରୁଛି ।

ଆପଣଙ୍କର ଜ୍ୟେଷ୍ଠପୁତ୍ର
ରାଧାକୃଷ୍ଣ (ରାଧୁଆ)


# ଜାମଶୋଳା ପୋଲରୁ ସୁବର୍ଣ୍ଣରେଖାକୁ ଡେଇଁ ଯୁବକ ନିଖୋଜ

ବାରିପଦା, (ସବ୍ୟୁ) : ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଜାମଶୋଳାସ୍ଥିତ ସୁବର୍ଣ୍ଣରେଖା ନଦୀ ପୋଲ ଉପରୁ ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି । ନିଖୋଜ ଯୁବକ ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଅଞ୍ଚଳର ରାସବିହାରୀ ବେହେରା(୩୨) ବୋଲି ଜଣାପଡ଼ିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁସାରେ, ରାସବିହାରୀ ବାଇକ୍ (ଓଡି-୧୧ଏ-ଏର୍-୧୧୬୯) ଯୋଗେ ପୋଲ ଉପରକୁ ଆସିଥିଲେ । ସେଠାରେ ବାଇକ୍‌ଟି ରଖି ହଠାତ୍ ନଦୀକୁ ଡେଇଁ ପଡ଼ିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଝାଡ଼ଖଣ୍ଡର ବହଡ଼ାଗୋଡ଼ା ପୁଲିସ, ଝାରପୋଖରିଆ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜା ଖୋଜି ଓ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି । ତେବେ ଯୁବକ ଜଣକ କେଉଁ କାରଣରୁ ନଦୀକୁ ଡେଇଁଲେ, ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ । ଘଟଣାର କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି ।


**AFFIDAVIT**

By virtue of an affidavit sworn before Executive Magistrate Tangi, Khordha on dated 23.07.2026 I, Lipika Parida, W/o- Late Sashibhusan Parida Resident of At/ Po- Palli, PS- Brahmagiri, Dist- Puri at present residing At/Po- Badapari, PS:- Tangi, Dist- Khordha that, in my Aadhar and UCO Bank account name is LIPIKA Parida and in LIC name is LILI Parida. LIPIKA Parida Lili Parida, W/o- Sashibhusan both name are related to one woman and same person.

Sd/- Lipika Parida



"Clean Puri, Green Puri,
Our Pledge on Local Self-Governance Day !"
Let's Keep Puri Spotless
- Jagruti Welfare Organisation

ଆମ ପୁରୀ, ଆମ ବଡ଼ଦାଣ୍ଡ,
ସ୍ୱଚ୍ଛ ରଖିବା ଆମର କର୍ତ୍ତବ୍ୟ ।
ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ ସଂକଳ୍ପ :
ସ୍ୱଚ୍ଛ ବଡ଼ଦାଣ୍ଡ, ସ୍ୱଚ୍ଛ ପୁରୀ
ଜାଗୃତି ୱେଲଫେୟାର ଅର୍ଗାନାଇଜେସନ



**ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ**

।। ସ୍ୱାୟତ୍ତ ଶାସନ -୨୦୨୬ ଉପଲକ୍ଷେ ରେଢାଖୋଲବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।।

"ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବଦା ଚେଷ୍ଟିତ"

ରେଢାଖୋଲ ସହର ଆପଣଙ୍କର ଏହାର ସୁରକ୍ଷା ଏବଂ ସ୍ୱଚ୍ଛ ସହର ଭାବେ ଗଢ଼ିତୋଳିବା ଦାୟିତ୍ୱ ଆମ ସମସ୍ତଙ୍କର । ଗୃହପାଳିତ ପଶୁମାନଙ୍କୁ ଖୋଲା ଛାଡନ୍ତୁ ନାହିଁ । ପରିଷଦର ଟିକସ ଠିକ ସମୟରେ ପଇଠ କରନ୍ତୁ । ଥରେମାତ୍ର ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରନ୍ତୁ । ପରିଷଦରେ ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ । ଭୂତଳ ଜଳର ଅପଚୟ କରନ୍ତୁ ନାହିଁ । ପରିବେଶ ପାଇଁ ବୃକ୍ଷଟିଏ ଲଗାନ୍ତୁ ।

ଶ୍ରୀ ରଞ୍ଜନ କୁମାର ମାର୍ଥା, ନିର୍ବାହୀ ଅଧିକାରୀ
ଶ୍ରୀମତୀ ଅନୁସୂୟା ପ୍ରଧାନ, ଉପାଧ୍ୟକ୍ଷା
ଶ୍ରୀ ଶିବରାମ ସାହୁ, ଅଧ୍ୟକ୍ଷ
ସମସ୍ତ ପାରିଷଦ ଏବଂ କର୍ମଚାରୀ ବୃନ୍ଦ



**ବ୍ରଜରାଜନଗର ପୌରପରିଷଦ**
**ବ୍ରଜରାଜନଗର**
13001/1695/2627

ବ୍ରଜରାଜନଗର ପୌରପରିଷଦ ସହରାଞ୍ଚଳର ସମସ୍ତ ଜନସାଧାରଣ ଓ ବୁଦ୍ଧିଜିବୀମାନଙ୍କୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୬ ପାଳନ ଅବସରରେ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

*ବ୍ରଜରାଜନଗର ପୌରାଞ୍ଚଳର ସର୍ବାଙ୍ଗିନ ଉନ୍ନତି ଏବଂ ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ ।*

*ଆମର ଲକ୍ଷ୍ୟ :*
ସବୁଜ ସୁନ୍ଦର ତଥା ସ୍ୱଚ୍ଛ ପରିବେଶ, ବ୍ରଜରାଜନଗର ।

ସ୍ୱା/-
ନିର୍ବାହୀ ଅଧିକାରୀ
ବ୍ରଜରାଜନଗର ପୌରପରିଷଦ

ଶ୍ରୀଯୁକ୍ତ କ୍ରୀଷ୍ଣା ଗୋପାଳ ସିତାନୀ
ନଗରପାଳ
ଏବଂ ପରିଷଦ ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ
ବ୍ରଜରାଜନଗର ପୌରପରିଷଦ

OIPR : 13001/13099/1/26-27/0016



**ବାରିପଦା ପୌରପାଳିକା**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୬ ଅବସରରେ ବାରିପଦାବାସୀଙ୍କୁ ପୌରପାଳିକାର
**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା**

ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା ଏବଂ ଆମ ସହରର ଉନ୍ନତିରେ ନିଜକୁ ସାମିଲ କରିବା ।

ସୀମା ଦାସ
ଉପ ନଗରପାଳ
ବାରିପଦା ପୌରପାଳିକା ଓ ସମସ୍ତ କାଉନସିଲର ବୃନ୍ଦ

ଦେବୀପ୍ରସାଦ ରାଉତ
ଓ.ପ୍ର.ସେ-ଏ (ଜେ.ବି)
ନିର୍ବାହୀ ଅଧିକାରୀ
ବାରିପଦା ପୌରପାଳିକା

କୃଷ୍ଣାନନ୍ଦ ମହାନ୍ତି
ନଗରପାଳ
ବାରିପଦା ପୌରପାଳିକା



**ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି**

ପବିତ୍ର "ସ୍ୱାୟତ୍ତ ଶାସନ ଦିବସ-୨୦୨୬"
(ତା. ୩୧.୦୮.୨୦୨୬) ଉପଲକ୍ଷେ
କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା

ନିବେଦନ :
୧. ପରିଷଦର ସମସ୍ତ ଦେୟ ଯଥା : ଘର ଟିକସ, ଟ୍ରେଡ୍ ଲାଇସେନ୍ସ ଫି ଏବଂ ଦୋକାନ ଭଡ଼ା ଇତ୍ୟାଦି ଠିକ ସମୟରେ ପଇଠ କରନ୍ତୁ ।
୨. ଘରର ଅଳିଆ ଆବର୍ଜନା ରାସ୍ତାରେ ନ ପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ଟି ଲେଖାଏଁ ଡଷ୍ଟବିନ୍ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡ଼ିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ ସମୟରେ ପଇଠ କରନ୍ତୁ ।

"କଣ୍ଟାବାଞ୍ଜି ସହର ଆପଣମାନଙ୍କର ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର"

ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା, ଅଧ୍ୟକ୍ଷ
ଶ୍ରୀମତୀ ମନୋରମା ରାଉତ, ଉପାଧ୍ୟକ୍ଷା
ଶ୍ରୀଯୁକ୍ତ ଛବି ପୋଢ, କାର୍ଯ୍ୟନିର୍ବାହୀ ଅଧିକାରୀ
ଓ ସମସ୍ତ କାଉନସିଲର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି



**ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ**

"ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"



କାର୍ଯ୍ୟନିର୍ବାହୀ ଅଧିକାରୀ
ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ



OFFICE OF THE MUNICIPAL COUNCIL, MALKANGIRI
Odisha, Pin -764045 Ph: - 06861-230244 e-Mail: - eomalkangiri@gmail.com

**ନିବେଦନ**

ପବିତ୍ର ସାୟତ୍ତ ଶାସନ ଦିବସ ଅବସରରେ ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ ।

୦୧. ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉପନ୍ନ ବର୍ଜ୍ୟବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖୁଲା) ସଂଗୃହିତ କରି ରଖିବେ ଏବଂ ତତ୍ ପରଦିନ ପୂର୍ବାହ୍ଣରେ ପରିଷଦର ଆର୍ବଜନା ବାହନରେ ପକାଇବେ ।
୦୨. ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖୁଲା) ଆବର୍ଜନା ବାହନରେ ପକାଇବେ ।
୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :- ଗାଇ, ମହିଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ ।
୦୪. ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ ।
୦୫. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ ।
୦୬. ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା ।

ଅଧ୍ୟକ୍ଷ
ପୌରପରିଷଦ,
ମାଲକାନଗିରି

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ,
ମାଲକାନଗିରି



ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ ବ୍ୟାସନଗରର ସମସ୍ତ ଜନସାଧରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
**ବ୍ୟାସନଗର ପୌର ପରିଷଦ, ବ୍ୟାସନଗର**

ପୌରବାସୀଙ୍କୁ ନିବେଦନ -
୧. "ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ ଭିତରେ ନ ପକାଇ ପୌରପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ ।
୨. ହୋଟେଲ ଓ ବହୁତଳ ପ୍ରାସାଦ ଗୁଡ଼ିକ ନିଜର ଡଷ୍ଟବିନ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କମ୍ପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ ।
୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡ଼ନ୍ତୁ ନାହିଁ ।
୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ଯଥା-ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ ।
୫. ପୌରପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ ।
୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ଼ ଲାଇସେନ୍ସ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ ।
୭. ବାହ୍ୟଶୌଚରୁ ନିବୃତ୍ତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
୮. ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦ ତରଫରୁ ଭଡ଼ାସୂତ୍ରରେ ସେସ୍‌ପୁଲ୍ ବ୍ୟବହାର କରନ୍ତୁ ।
୧୦. ଘରୋଇ ପାଇଖାନାଗୁଡ଼ିକର ଆବର୍ଜନା ପାଣି ଡ୍ରେନ୍‌କୁ ଛାଡ଼ନ୍ତୁ ନାହିଁ ।

ଶ୍ରୀଯୁକ୍ତ ରଣଜିତ କୁମାର ମଲ୍ଲିକ(ଓ.ପ୍ର.ସେ), ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌରପରିଷଦ
ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ, ବ୍ୟାସନଗର ପୌରପରିଷଦ
ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ବଳ, ଅଧ୍ୟକ୍ଷ, ବ୍ୟାସନଗର ପୌରପରିଷଦ



**ବିଜ୍ଞାପିତ ଅଂଚଳ ପରିଷଦ, କୋଣାର୍କ**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ
ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
କୋଣାର୍କ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ବିକାଶ ଆମର ସଂକଳ୍ପ ।

13001/1691/2627

୧. ରାସ୍ତାଘାଟ ପରିଷ୍କାର ରଖିବାରେ ସହାୟକ ହୁଅନ୍ତୁ ।
୨. ଏକକ ବ୍ୟବହୃତ ପଲିଥିନ୍ କିଣିବା, ବିକିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ।
୩. ପରିଷଦର ଟିକସ ନିୟମିତ ଭାବେ ପୈଠ କରନ୍ତୁ ।
୪. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ ।
୫. ଏହି ପରିଷଦର ପାଣିଟାଙ୍କି, ସେସ୍‌ପୋଲ୍ ନିର୍ଦ୍ଧାରିତ ପାଉଣା ପଇଠ କରି ଏହାର ଉପଯୋଗ କରନ୍ତୁ ।
୬. ସରକାରୀ ଜମି ଏବଂ ସର୍ବସାଧାରଣଙ୍କ ଯାତାୟତ ରାସ୍ତା ଅବରୋଧ କରନ୍ତୁ ନାହିଁ ।
୭. ରାସ୍ତା ଏବଂ ରାସ୍ତାକଡ଼ରେ ବାଲି, ଗୋଡ଼ି, ପଥର ତଥା ଭାରିଯାନ ରଖି ଯାତାୟତରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ ।
୮. ଜାତୀୟ ରାଜପଥ କିମ୍ବା ରାଜ୍ୟ ରାଜପଥକୁ ଅବରୋଧ କରି କୌଣସି ଉଠାଦୋକାନ ପକାନ୍ତୁ ନାହିଁ ।
୯. ଆପଣଙ୍କ ଘରୁ ବାହାରୁଥିବା ଅଳିଆ ଆର୍ବର୍ଜନାକୁ ଏଣେତେଣେ ନପକାଇ ପରିଷଦର ଅଳିଆବୁହା ଗାଡ଼ିରେ ନିୟମିତ ଭାବେ ଦିଅନ୍ତୁ ।
୧୦. ବ୍ୟବସାୟୀ ମାନେ ରାସ୍ତା କଡ଼ରେ ଥିବା ଡ୍ରେନ୍‌ରେ କୌଣସି ଅଳିଆ ଆବର୍ଜନା ପକାନ୍ତୁ ନାହିଁ କିମ୍ବା ଡ୍ରେନ୍‌କୁ ଅବରୋଧ କରି କୌଣସି ଦୋକାନ ଖୋଲନ୍ତୁ ନାହିଁ ।
୧୧. ପରିଷଦର ସମ୍ପତ୍ତି ଆପଣଙ୍କର ସମ୍ପତ୍ତି, ଏହାର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ।

ସୁରେଶ ଚନ୍ଦ୍ର ରାଉତରାୟ, ଉପାଧ୍ୟକ୍ଷ, କୋଣାର୍କ ଏନ.ଏ.ସି.
ପ୍ରଦ୍ୟୁମ୍ନ ଜେନା, ନିର୍ବାହୀ ଅଧିକାରୀ, କୋଣାର୍କ ଏନ.ଏ.ସି.
ସଂଯୁକ୍ତା ତ୍ରିପାଠୀ, ଅଧ୍ୟକ୍ଷା, କୋଣାର୍କ ଏନ.ଏ.ସି.

OIPR: 13001/13174/1/26-27/0010

# ଗାଁକୁ ଆସି ପାରିଲାନି ଆମ୍ବୁଲାନ୍ସ, ଖଟରେ ବୁହାହେଲେ ଅସୁସ୍ଥ ମହିଳା

ରେଢ଼ାଖୋଲ,(ସବ୍ୟୁ) : ରାଜ୍ୟ ସରକାର ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଏବଂ ଗମନାଗମନର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଆଜି ବି ଗ୍ରାମାଞ୍ଚଳରେ ଯୋଗାଯୋଗ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ରୋଗୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି । ଏଭଳି ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତର ଖୋକୋଡପାଲ ଗ୍ରାମରେ । ଖୋକୋଡପାଲ ଗ୍ରାମର ସୁକାନ୍ତି ମିର୍ଦ୍ଧା ନାମକ ଜଣେ ମହିଳା ହଠାତ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ଆମ୍ବୁଲାନ୍ସ ଠିକ ସମୟରେ ଆସିଥିଲେ ମଧ୍ୟ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର



ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ଥିବାରୁ ଗାଡ଼ିଟି ଗାଁ ଭିତରକୁ ପଶିପାରି ନଥିଲା । ଫଳରେ ବାଧ୍ୟ ହୋଇ ଆମ୍ବୁଲାନ୍ସଟି ଗ୍ରାମଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଠିଆ ହୋଇ ରହିଥିଲା । ଶେଷରେ କୌଣସି ଉପାୟ ନପାଇ ଗ୍ରାମବାସୀ ଓ ପରିବାର ଲୋକେ ଏକ ଖଟ ସାହାଯ୍ୟରେ ଅସୁସ୍ଥ ମହିଳାଙ୍କୁ କାନ୍ଧରେ ବୋହି ନେଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ । ସେଠାରୁ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା ସରକାର ଦୁର୍ଗମ ଅଂଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏବେ ବି ରେଢ଼ାଖୋଲ ଉପଖଣ୍ଡର ବହୁ ଗାଁ କୁ ରାସ୍ତା ନ ଥିବାରୁ ଉପାନ୍ତ ଗାଁ ଗୁଡିକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଖୋକାଦପାଲ ଗ୍ରାମବାସୀ ଦାବି କରିଛନ୍ତି ।

## ସ୍ୱାମୀର କାଠ ଫାଳିଆ ମାଡରେ ସ୍ତ୍ରୀ ମୃତ

ଢେଙ୍କିକୋଟ , (ସବ୍ୟୁ): ସାମପାଟଣା ଥାନା ମୁଷାଖୋରୀ ପଞ୍ଚାୟତ ଭୂମିଜ ସାହିର ୬ ନମ୍ବର ଓ୍ୱାର୍ଡରେ ମଦ ଶନିବାର ରାତିରେ ଏକ ହସଖୁସିର ସଂସାର ଭାଙ୍ଗି ଚୁରମାର କରିଦେଇଛି । ସ୍ୱାମୀ ହେମନ୍ତ ଭୂମିଜ ( ୨୯ ) ରାତିରେ ମଦପିଇ ସ୍ତ୍ରୀ ସବିତା ସହିତ କଳିଝଗଡା କରି ଶେଷରେ ଏକ କାଠଫାଳିଆ ମାଡ଼ରେ ସ୍ତ୍ରୀ କୁ ଜୀବନରେ ମାରିଦେଇଛି । ସ୍ୱାମୀ ହେମନ୍ତ ସାମପାଟଣା ଥାନାରେ ଥିବାବେଳେ ମୃତ ସ୍ତ୍ରୀ ର ଶବକୁ ପୋଲିସ ଜବତ କରିଛି । ଘଟଣାସ୍ଥଳରେ ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପାଟଣାଥାନା ଅଧିକାରୀ କିରଣ ପ୍ରସାଦ ସାହୁ, ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ, ସାଇଣ୍ଟିଫିକ ଅଫିସର ଲଗ୍ନା ବେବର୍ତ୍ତା ମୃତ ଶବକୁ ଜବତ କରିଛନ୍ତି । ସ୍ତ୍ରୀ କୁ ମାରି ସାମୀ ଜେଲକୁ ଯାଇଥିବା ବେଳେ ଦୁଇଟି ନିଷ୍ପାପ ଶିଶୁ ବର୍ତ୍ତମାନ ବେସାହାରା ଓ ଅନାଥ ହୋଇ ଯାଇଛନ୍ତି । ଉକ୍ତ ଘଟଣାଟି ଗ୍ରାମରେ ଶୋକର ଛାୟା ଖେଳାଇଦେଇଛି ।

## ସ୍ୱାୟତ୍ତ ଶାସନ ଦିବସରେ ୱାର୍ଡବାସୀଙ୍କୁ ଭେଟି

# ୪୭ ନଂ ୱାର୍ଡରେ କୋଟିଏ ସତର ଲକ୍ଷର ୩ ପ୍ରକଳ୍ପ ଉଦ୍‌ଘାଟନ

କଟକ, (ସ୍ୱପ୍ର) : ସ୍ୱାୟତ୍ତ ଶାସନ ଦିବସ ଅବସରରେ କେଏମସିର ୪୭ ନଂ ୱାର୍ଡ ମହାନଦୀବିହାର ଅଂଚଳରେ ୩ ଟି ନୂତନ ପ୍ରକଳ୍ପର ମାରାଥନ ଉଦଘାଟନ ହୋଇଛି । ରବିବାର ଓଏମପି ବାଟାଲିୟନ ଠାରେ ୨୪ ଲକ୍ଷ ଟଙ୍କା ବ୍ୟୟରେ ଏକାକାଳୀନ ୧୦ ଜଣ ଶୌଚ ହେବା ପାଇଁ ଏକ ଶୌଚାଳୟ, ଆରଡବ୍ଲୁଏସଏସ ସମ୍ମୁଖ ରାସ୍ତା ପାଖରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭେଣ୍ଡିଂ ଜୋନ ଓ ୪୩ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାନୀୟ ଭିଜିଲାନ୍ସ କଲୋନୀ ପାର୍ଶ୍ୱରେ ଏକ ୱାର୍ଡ ଅଫିସର ଲୋକାର୍ପଣ ହୋଇଛି । ମୋଟ ଏକ କୋଟି ସତର ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ୩ ଟି ପ୍ରକଳ୍ପକୁ ମୁଖ୍ୟ ଅତିଥିଭାବେ ସାଂସଦ ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥିଭାବେ ମେୟର



ସୁବାଷ ସିଂହ, ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ, କେଏମସି କମିଶନର କିରନଦ୍ୱୀପ କୌର ସହୋତା, ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡେଇ ପ୍ରମୁଖ ଯୋଗ ଦେଇ ଉଦଘାଟନ କରିଥିଲେ । ସୋମବାର ପୁଣି ୨ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟରେ ମହାନଦୀ ଭବନର ଦ୍ୱିତୀୟ ମହଲାର ଶୁଭ ଶିଳାନ୍ୟାସ ହେବ । ଏହି ପକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡ଼ିଓ କନଫୋରେନସିରେ ଶିଳାନ୍ୟାସ କରିବେ ବୋଲି କର୍ପୋରେଟର ଇଂ ସୁବ୍ରତ ଘଡ଼େଇ ସୂଚନା ଦେଇଛନ୍ତି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଏମଡିଏ ସଭାପତି ସଞ୍ଜୟ ଜେନା, ସିଟି ଇଂ ଅତନୁ ସାମନ୍ତ, ଡେପୁଟି ମେୟର ଦମୟନ୍ତୀ ମାଝୀ, କର୍ପୋରେଟର ମୀନା ସାହୁ, ଦୀପ୍ତିମୟୀ ମୂଳିଆ, ଶ୍ରମିକ ନେତା ପ୍ରକାଶ ଦାସ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ସରୋଜ ସ୍ୱାଇଁ, ପ୍ରାକ୍ତନ ଯନ୍ତ୍ରୀ ଗୋପାଳ ବେହେରା, ରବୀନ୍ଦ୍ର ନାଥ ମହାନ୍ତି, ସାଇ ସୌରଭ ଜେନା ପ୍ରମୁଖ ଶତାଧିକ ମହିଳା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ଜିଏମ୍‌ୟୁରେ ସି-ଡିଏସି କେନ୍ଦ୍ର ପ୍ରତିଷ୍ଠା ସହ ଏସ୍‌ଟିପିଆଇ ସମ୍ପ୍ରସାରଣ ନେଇ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର/ସମ୍ବଲପୁର, (ସବ୍ୟୁ) : ଓଡ଼ିଶାର ଶିକ୍ଷା, ଆଇଟି ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମକୁ ଅଧିକ ସୁଦୃଢ଼ କରିବା ପାଇଁ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦୁଇଟି ପୃଥକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି । ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ "ସେଣ୍ଟର ଫର ଡେଭଲପମେଣ୍ଟ ଅଫ ଆଡଭାନ୍ସଡ କମ୍ପ୍ୟୁଟିଂ' (ସି-ଡିଏସି) ର ଏକ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିବା ସହ ସମ୍ବଲପୁର ସ୍ଥିତ "ସଫଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ' (ସିଟିପିଆଇ) କେନ୍ଦ୍ରର ସମ୍ପ୍ରସାରଣ କରିବା ପାଇଁ ସେ ଆଗ୍ରହ ପ୍ରକାଶ କରିଛନ୍ତି । ପତ୍ରରେ ଉଲ୍ଲେଖ ରହିଛି ଯେ "ସେଣ୍ଟର ଫର ଡେଭଲପମେଣ୍ଟ ଅଫ ଆଡଭାନ୍ସଡ କମ୍ପୁଟିଂ' ହେଉଛି ଭାରତ ସରକାରଙ୍କ ଇଲେକେଟ୍ରାନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ଅଗ୍ରଣୀ ଗବେଷଣା ଓ ବିକାଶ ସଂସ୍ଥା । ଏହା "ପରମ' ସୁପର କମ୍ପ୍ୟୁଟର ଶୃଙ୍ଖଳା, ଭାରତୀୟ ଭାଷା କମ୍ପ୍ୟୁଟିଂ, ସାଇବର ସୁରକ୍ଷା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ହାଇ-ପରଫରମାନ୍ସ କମ୍ପୁଟିଂ କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ତେବେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଅର୍ଥନୀତିର ପ୍ରମୁଖ କେନ୍ଦ୍ର । ଏଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଆଇଆଇଏମ ସମ୍ବଲପୁର, ଭିସୁଟ ବୁର୍ଲା, ଭିମସାର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ଓୟୁଏଟି ଚିପିଲିମା କ୍ୟାମ୍ପସ ପରି ଉଚ୍ଚତର ଅନୁଷ୍ଠାନ ଗୁଡ଼ିକ ଉତ୍କୃଷ୍ଟ ଶିକ୍ଷାଦାନ ଓ ଗବେଷଣାର ପରିବେଶ ସୃଷ୍ଟି କରୁଛନ୍ତି ।

"ସେଣ୍ଟର ଫର ଡେଭଲପମେଣ୍ଟ ଅଫ ଆଡଭାନ୍ସଡ କମ୍ପ୍ୟୁଟିଂ'ର ହାଇ-ପରଫରମାନ୍ସ କମ୍ପୁଟିଂ ସୁବିଧା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରର କମ୍ପ୍ୟୁଟର ସାଇନ୍ସ ଓ ଏମସିଏ ବିଭାଗ ସହିତ ଯୋଡ଼ିହେଲେ ଡାଟା ଆନାଲିଟିକ୍ସ,



କ୍ଲାଉଡ୍ ଇନ୍‌ଫ୍ରାଷ୍ଟ୍ରକଚର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଗବେଷଣା ବହୁଗୁଣିତ ହେବ । ଏହି କେନ୍ଦ୍ର ଏଆଇ, ସାଇବର ସୁରକ୍ଷା, ଭାରତୀୟ ଭାଷା ଟେକ୍ନୋଲୋଜି ଏବଂ ଡିଜିଟାଲ ସମସ୍ୟାର ସମାଧାନ କ୍ଷେତ୍ରରେ ଶିକ୍ଷାନୁଷ୍ଠାନ, ଷ୍ଟାର୍ଟଅପ୍, ଶିଳ୍ପସଂସ୍ଥା ଓ ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବ । ଏହା ସହିତ ନୂତନ କୌଶଳ ସମ୍ପନ୍ନ ମାନବସମ୍ବଳ ସୃଷ୍ଟି ହେବ । ସେହିପରି ସମ୍ବଲପୁର ସ୍ଥିତ "ସଫ୍‌ଟେଓ୍ୱର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ' କେନ୍ଦ୍ରକୁ ଏକ ଭବିଷ୍ୟତମୁଖୀ ଆଇଟି, ଇଏସଡିଏମ (ଇଲେକେଟ୍ରାନିକ୍ସ ସିଷ୍ଟମ ଡିଜାଇନ ଆଣ୍ଡ୍ ମ୍ୟାନୁଫାକଚରିଂ) ଏବଂ ଇନୋଭେସନ ହବ୍‌ରେ ପରିଣତ କରିବାକୁ ଅନୁରୋଧ କରିଛନ୍ତି । ସେ ପତ୍ରରେ ଦର୍ଶାଇଛନ୍ତି, ସମ୍ବଲପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅ*ଳରେ ଆଇଟି, ଇଏସଡିଏମ, ସେମିକଣ୍ଡକଫର ଡିଜାଇନ ଏବଂ ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି । ପ୍ରଚଳିତ ଏସଟିପିଆଇ କେନ୍ଦ୍ର ଅଞ୍ଚଳର ଡିଜିଟାଲ ଅର୍ଥନୀତିକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବି ଆଇଟି, ଷ୍ଟାର୍ଟଅପ୍, ଏଆଇ, ସେମିକଣ୍ଡକଫର ଡିଜାଇନ ଏବଂ ଡିଜିଟାଲ ସେବା କ୍ଷେତ୍ରରେ ବୃଦ୍ଧି ପାଉଥିବା ସୁଯୋଗକୁ ଦୃଷ୍ଟିରେ ରଖି ଏହାର କଳେବର ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ । ସେମିକଣ୍ଡକଫର ଡିଜାଇନ, ଏଆଇ, ଆଇଟି ଏବଂ ଜିସିସି କ୍ଷେତ୍ରରେ ବୃଦ୍ଧି ପାଉଥିବା ସୁଯୋଗକୁ ଦୃଷ୍ଟିରେ ରଖି ଏସଟିପିଆଇର ସମ୍ପ୍ରସାରଣ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଉଚ୍ଚମାନର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏସଟିପିଆଇ କେନ୍ଦ୍ରର ସମ୍ପ୍ରସାରଣ ଦ୍ୱାରା ଟେକ୍ନୋଲୋଜି ସଂସ୍ଥା, ଷ୍ଟାର୍ଟଅପ୍, ଇନକ୍ୟୁବେସନ, ଦକ୍ଷତା ବିକାଶ ଏବଂ ଇନୋଭେସନକୁ ପ୍ରୋତ୍ସାହନ ମିଳିବ । ସମ୍ବଲପୁରରେ ସି-ଡିଏସି କେନ୍ଦ୍ର ସ୍ଥାପନ ଏବଂ ଏସଟିପିଆଇର ଆଧୁନିକୀକରଣ ଫଳରେ ସମଗ୍ର ଓଡ଼ିଶାର ଡିଜିଟାଲ୍ ଓ ଟେକ୍ନୋଲୋଜି ଇକୋସିଷ୍ଟମ ମଜବୁତ ହେବା ସହ ଭାରତକୁ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ହବ୍ ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ଉଲ୍ଲେଖ କରିଛନ୍ତି ।

# ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ

ଚଣ୍ଡିଖୋଲ(ସବ୍ୟୁ) ଚଳିତ ବନ୍ୟାରେ ଯାଜପୁର ଜିଲ୍ଲାର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ବରୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ କ୍ଷତିଗ୍ରସ୍ତ ଗ୍ରାମରେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲ୍ ପକ୍ଷରୁ ରିଲିପ ସାମଗ୍ରୀ ବଣ୍ଟନ କରାଯାଇଛି । ଏବେ ବି ଅପହଞ୍ଚ ହୋଇ ରହିଥିବା ବରୀ ଅଞ୍ଚଳର କିମ୍ବିରିଆପାଳ ପଞ୍ଚାୟତର ମିଳିମିଳାପୁର ଓ ସବର ସାହିରେ ରୋଟାରୀ ସଦସ୍ୟମାନେ ପହଞ୍ଚି ବିପନ୍ନ ମାନଙ୍କ ସମସ୍ୟା ବୁଝିବା ସହିତ ସେମାନଙ୍କୁ ସୁଖିଲା ଖାଦ୍ୟ,ମସାରୀ,ମହମବତୀ ସହିତ ଅନ୍ୟାନ୍ୟ ଜରୁରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବର୍ଣ୍ଟନ କରିଥିଲେ । ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲର ସଭାପତି ଆଶିଷକୁମାର ପରିଡ଼ା ଓ ରୋଟାରୀ ସହାୟକ ପ୍ରାନ୍ତପାଳ ତଥା ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତିଭୂଷଣ କରଙ୍କ ନେତୃତ୍ୱରେ ଶନିବାର ଦିନ ଏହି ରିଲିଫ ବଣ୍ଟନ କରାଯାଇଥିଲା । ଏଥିରେ ପ୍ରଭାବିତ ପରିବାରଙ୍କୁ ସଭାପତି ଆଶିଷ ପରିଡ଼ାଙ୍କ ନେତୃତ୍ୱରେ ଆଶ୍ୱସ୍ତ ସାମଗ୍ରୀ ବଣ୍ଟନ କରାଯାଇ ଥିଲା ।



ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ରୟାଲର ପ୍ରାକ୍ତନ ସଭାପତି ସଞ୍ଜୟ ଚୌଧୁରୀ,ପ୍ରଦୀପ ଦାସ, ତପନକୁମାର ଷଡ଼ଙ୍ଗୀ,ଅଭୟ ପତି,ଅସ୍ମିତା ପତି, କ୍ଲବର ସେବା ନିର୍ଦ୍ଦେଶକ ବିଶ୍ୱଜିତ ମିଶ୍ର, ଯୁଗ୍ମ ସଚିବ ଦୁର୍ଯ୍ୟୋଧନ ମହାପାତ୍ର,ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲାର ବରିଷ୍ଠ ସଭ୍ୟ ପ୍ରଭାତକୁମାର ମହାନ୍ତି, ବାଞ୍ଛାନିଧି ସାହୁ,ସୁରେଶ କର ପ୍ରମୁଖ ସାମିଲ ହୋଇ ବିପନ୍ନ ମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନରେ ସହାୟତା କରିଥିଲେ । ଇତ୍ୟବସରରେ ଶତାଧିକ ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଲୋକମାନଙ୍କ ଏପରି ଦାରୁଣ ଦୁଃଖ ସମୟରେ ଆବଶ୍ୟକ ସ୍ଥଳେ ଆଗାମୀ ଦିନରେ ରୋଟାରୀ କ୍ଲବ ପକ୍ଷରୁ ଅଧିକ ସହାୟତା ଯୋଗାଇ ଦେବା ପାଇଁ ସଦସ୍ୟମାନେ ଘୋଷଣା କରିଥିଲେ ।

# ରେଟିନୋପାଥି ଅଫ୍ ପ୍ରିମାଚ୍ୟୁରିଟିକୁ ଅଣଦେଖା କରନ୍ତୁ ନାହିଁ

ଭୁବନେଶ୍ୱର, (ସବ୍ୟୁ): ରେଟିନୋପାଥି ଅଫ୍ ପ୍ରିମାଚ୍ୟୁରିଟି (ଆରଓପି) ହେଉଛି ଅପରିପକ୍ୱ ଅବସ୍ଥାରେ ଜନ୍ମିତ ଏବଂ କମ୍ ଓଜନ ବିଶିଷ୍ଟ ନବଜାତ ଶିଶୁମାନଙ୍କଠାରେ ଦୃଷ୍ଟିଶକ୍ତି ବାଧାପ୍ରାପ୍ତ କରୁଥିବା ଏକ ଜଟିଳ ସମସ୍ୟା । ଶୈଶବକାଳୀନ ଅନ୍ଧତ୍ୱର ଏହା ଏକ ପ୍ରମୁଖ କାରଣଯାହାକୁ ସଠିକ ସମୟରେ ପ୍ରତିରୋଧ କରାଯାଇପାରିବ । ଶିଶୁର ଆଖିରେ ଥିବା ରେଟିନାର ରକ୍ତବାହିକାଗୁଡ଼ିକର ଅସମ୍ପୂର୍ଣ୍ଣ ବିକାଶ ଯୋଗୁଁ ଏହି ରୋଗ ସୃଷ୍ଟି ହୋଇଥାଏ । ସାରା ଦେଶରେ ୧,୦୦୦ ରୁ ଅଧିକ ସ୍ପେଶାଲ ନ୍ୟୁବର୍ଣ୍ଣ କେୟାର ୟୁନିଟ୍ (ଏସଏନସିୟୁ) ନେଟୱର୍କ ପ୍ରତିଷ୍ଠା ହେବା ଫଳରେ ଅପରିପକ୍ୱ ଶିଶୁମାନଙ୍କ ବଞ୍ଚିବା ହାରରେ ବୃଦ୍ଧି ଘଟିଛି, ଯାହା ସହିତ ସମାନ ଅନୁପାତରେ ଆରଓପିଜନିତ ଅନ୍ଧତ୍ୱର ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି । ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ତଥ୍ୟ ଦର୍ଶାଉଛି ଯେ, ବିଗତ ଦଶନ୍ଧି ମଧ୍ୟରେ ଆମର ଶିଶୁ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଆରଓପି ସେବାର ଆବଶ୍ୟକତା ୧୦ ଗୁଣ ବୃଦ୍ଧି ପାଇଛି ।

# ଅଲ୍ ଓଡ଼ିଶା ଦୋଳି ମିନାବଜାର ମହାସଂଘର ୬ଷ୍ଠ ବାର୍ଷିକ ଉତ୍ସବ

କଟକ, (ସବ୍ୟୁ): ଅଲ୍ ଓଡ଼ିଶା ଦୋଳି ମିନାବଜାର ମହାସଂଘର ୬ଷ୍ଠ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ସକାଳ ୧୦ଟା ୩୦ ମିନିଟ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାସଂଘର କର୍ମକର୍ତ୍ତା, ସଦସ୍ୟ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ମିନାବଜାର



ବ୍ୟବସାୟୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ କୁ ଉଦଘାଟନ କରିଥିଲେ । ହିନ୍ଦୁସେନା ରାଜ୍ୟ ସମ୍ପାଦକ ତଥା ସମାଜସେବୀ ସୌମିତ୍ର ଲେଙ୍କା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ଦେଇଥିଲେ । ହିନ୍ଦୁସେନା ରାଜ୍ୟ ସଭାପତି ତଥା ମହାସଂଘ ର ସହ ସମ୍ପାଦକ ଦେବାଶିଷ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା, ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା , ମହାସଂଘ ର ମୁଖ୍ୟ ଉପଦେଷ୍ଟା ତଥା ବିଜେପି ଜିଲ୍ଲା ସଭାପତି(ଗ୍ରାମୀଣ) ରାମନାରାୟଣ ମହାନ୍ତି, ଗଣେଷ ମହୋତ୍ସବ ସଭାପତି ସରୋଜ ସିଂହ, ସମାଜସେବୀ ବିଶ୍ୱଜିତ ସୂର୍ଯ୍ୟବଂଶି, ମହାସଂଘ ର ସଭାପତି ଅନନ୍ତ ଚରଣ ସାହୁ, ଉପସଭାପତି ସମସାଦ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ । ମହାସଂଘ ପକ୍ଷରୁ ଅତିଥିମାନଙ୍କୁ ସ୍ୱାଗତ କରାଯିବା ସହ ବାର୍ଷିକ ଉତ୍ସବର ଉଦ୍ଦେଶ୍ୟ ଓ ମହାସଂଘର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଯାଇଥିଲା ।

ଏହି ଅବସରରେ ମିନାବଜାର ବ୍ୟବସାୟୀମାନଙ୍କ ବିଭିନ୍ନ ସମସ୍ୟା, ବ୍ୟବସାୟିକ ସୁରକ୍ଷା, ମୌଳିକ ସୁବିଧା, ପ୍ରଶାସନିକ ସହଯୋଗ ଓ ବ୍ୟବସାୟ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ନେଇ ଆଲୋଚନା ହୋଇଥିଲା । ବାଚସ୍ପତି ଶ୍ରୀମତୀ ପାଢୀ ମଧ୍ୟ ଦୋଳି ମହାସଂଘ ର ପ୍ରୟାସ, ଆୟୋଜନ ଓ ଓଡ଼ିଆ ପର୍ବପର୍ବାଣି ରେ ସହଭାଗିତାକୁ ଖୁବ୍ ପ୍ରଶଂସା କରିବା ସହିତ ଆବଶ୍ୟକ ପଡିଲେ ସମବାୟ ବିଭାଗ ଦ୍ୱାରା ଦୋଳି ନିର୍ମାଣ କୁ ସହାୟତା ଯୋଗାଇବାର କଥା କହିଥିଲେ । ଆଗାମୀ ଦିନରେ ମିନାବଜାର ବ୍ୟବସାୟୀଙ୍କ ସମସ୍ୟା ସମାଧାନ ଦିଗରେ ମହାସଂଘ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଥିଲା । ମହାସଂଘ ସାଧାରଣ ସମ୍ପାଦକ ଅଭିଷେକ ଜେନା ଧନ୍ୟବାଦ ଦେଇଥିଲେ । ଉତ୍ସବ ରେ ଯୋଗଦେଇଥିବା ସମସ୍ତ ଦୋଳି ମିନବଜାର ମାଲିକମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ତ୍ରି ଦିବସୀୟ ଜାତୀୟ କ୍ରୀଡା ଦିବସ -୨୦୨୬ ଉଦ୍‌ଯାପିତ

# କ୍ରୀଡ଼ା ବା ଯୋଗ ଦୈନିକ ପ୍ରଧାନ କର୍ମ ହେବା ଉଚିତ୍ : ଅତିରିକ୍ତ ଜିଲ୍ଲାପାଳ

ଖୋର୍ଦ୍ଧା, (ସବ୍ୟୁ): ବିଶିଷ୍ଟ କ୍ରୀଡ଼ା ନାୟକ, କ୍ରୀଡ଼ା ଜଗତର ଉଜ୍ଜ୍ୱଳ ତାରକା ତଥା ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ ଗତ ୨୮ ରୁ ପାଳନ କରାଯାଉଥିବା ତିନି ଦିନିଆ ଜାତୀୟ କ୍ରୀଡା ଦିବସ ଆଜି ଉଦଯାପିତ ହୋଇଛି । ଏହି ଉପଲକ୍ଷେ ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳୀ ପଣ୍ଡା ଙ୍କ ଦ୍ୱାରା ବିଜୁପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଆୟୋଜିତ ଉଦଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ହକି ତାରକା ବିଶ୍ୱ ପ୍ରସିଧ ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ କ୍ରୀଡ଼ା ବା ଯୋଗକୁ ପ୍ରତ୍ୟେକ ନିତିଦିନ ଜୀବନରେ ଏକ ପ୍ରଧାନ କର୍ମ ଭାବେ ଅଭ୍ୟାସ କଲେ ଶରୀର ସୁସ୍ଥ ରହିବା ସହ କ୍ରୀଡ଼ା ଉତ୍ସାହ ଓ ଏକତାର ଦେଶ ବ୍ୟାପି ଉତ୍ସବ ଖେଳିବ ଭାରତ ଜିତିବ ଭାରତ ର ଆଭିମୁଖ୍ୟ ସାକାର ହେବ ବୋଲି ପ୍ରକାଶ କରି କ୍ରୀଡ଼ା ଓ ଯୋଗ ଅଭ୍ୟାସ କରିବାକୁ ଆହ୍ୱାନ ଦେଇଥିଲେ ।

ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ପୌର ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି, ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ଆଦର୍ଶ ଥାନା ଅଧିକାରୀ ରମେଶ ଦେବତା, ଶିଳ୍ପାଂଚଳ ଥାନା ଅଧିକାରୀ ଉମେଶ



ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁ ରୁପେ ସମ୍ପାଦିତ ହୋଇଥିଲା । ରେବତୀ ପଣ୍ଡା ଉପସ୍ଥାପିକା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଏବଂ ସମସ୍ତ ସମ୍ମାନିତ ଅତିଥି ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଏନସିସି, ସ୍କାଉଟ୍, ଗାଇଡ ଶତାଧିକ ଛାତ୍ରଛାତ୍ରୀ, ସହର ର ବୁଦ୍ଧିଜୀବୀ, କ୍ରୀଡ଼ାପ୍ରେମୀ, କ୍ରୀଡାବିତ୍ ଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ ।

## ନଚିକେତା ବାର୍ଷିକ ବକ୍ତୃତାମାଳାରେ ଓଡ଼ିଶାର ବିକାଶ ପାଇଁ ଦଶ ପ୍ରସ୍ତାବ

# ଓଡ଼ିଶା ବିକାଶ ଲାଗି ଜାତୀୟ ଚରିତ୍ରର ପରିବର୍ତ୍ତନ ଦରକାର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ବିକାଶ ସେତେ ସମ୍ଭବ ହେବ ଯେବେ ଓଡ଼ିଆ ଲୋକଙ୍କର ଜାତୀୟ ଚରିତ୍ର ବଦଳିବ । ଧନୀ ରାଜ୍ୟର ଗରିବ ଓଡ଼ିଆ ହୋଇ ବଞ୍ଚିଲେ ଓ ନିଜକୁ ନ୍ୟୁନ କରି ରଖିଲେ ଓଡ଼ିଶା ଆଗକୁ ଯାଇପାରିବନାହିଁ । ଅପରପକ୍ଷରେ ଓଡ଼ିଶାର ବିକାଶ ଲାଗି ଶିକ୍ଷାର ଜାତୀୟକରଣ ଏବଂ ଉଦ୍ୟମିତା ମନୋଭାବର ଆବଶ୍ୟକତା ଜରୁରୀ । ନଚିକେତା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ 'ନଚିକେତା ବାର୍ଷିକ ବକ୍ତୃତା ମାଳା'ରେ 'ଏବର୍ଷର ପ୍ରସଙ୍ଗ : ଓଡ଼ିଶାର ବିକାଶ ପାଇଁ ଦଶ ପ୍ରସ୍ତାବ' ଶୀର୍ଷକରେ ଏକ ଆଲୋଚନା ଶନିବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା । ସ୍ତମ୍ଭକାର ପୂର୍ଣ୍ଣେନ୍ଦୁ କର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଙ୍କର ବକ୍ତବ୍ୟ ରଖିଥିଲେ । ସେ ଓଡ଼ିଶାର ବିକାଶ ପାଇଁ ଦଶଟି ପ୍ରସ୍ତାବ ଯଥା- ଚାଷ ବୃତ୍ତି ନହୋଇ ବ୍ୟବସାୟ ହେଉ, ରାଜ୍ୟରେ ଆଗ୍ରୋଫୁଡ ପ୍ରୋସେସିଂ ଇଣ୍ଡଷ୍ଟ୍ରି ବୃଦ୍ଧି ପାଉ, ମୌଳିକ ଆବଶ୍ୟକତାକୁ ନେଇ ରାଜ୍ୟରେ ଉଦ୍ୟୋଗ କରାଯାଉ, ରାଜ୍ୟ ସୁଦୀର୍ଘ ଉପକୂଳର ସଦୁପଯୋଗ ହେଉ, ରାଜ୍ୟକୁ ବଡ ଶିଳ୍ପ ଆସିବ ପାଇଁ ଇକୋ ସିଷ୍ଟମ ତିଆରି ହେଉ, ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ ହେଉ, ଟେକ୍ନୋଲୋଜି ଉଦ୍ୟୋର ପରିସର ବୃଦ୍ଧି, ରାଜ୍ୟକୁ ନେଇ ବିଶ୍ୱ ଦରବାରରେ ମାର୍କେଟିଂ ଏବଂ ବ୍ୟବସାୟ ଓ ଉଦ୍ୟୋଗ ପ୍ରତି ମନବଦ୍ଧୁ ବୋଲି କହିଥିଲେ ।

ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ବିଧାୟକ ତଥା ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଓଡ଼ିଶାର ବିକାଶ ପାଇଁ ଆମ ଜାତୀୟ ଚରିତ୍ରର ପରିବର୍ତ୍ତନ ଆବଶ୍ୟକତା ଥିବା କହିଥିଲେ । ସମ୍ମାନିତ ଅତିଥି ଭାବରେ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଓଡ଼ିଶାର ବିକାଶ ପାଇଁ ଦଶଟି ପ୍ରସ୍ତାବ ଉପସ୍ଥାପନ କରି କହିଥିଲେ ଯେ, ପ୍ରଥମ ପ୍ରସ୍ତାବ ଭାବରେ ଶିକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ପଡ଼ିବ । ସରକାରୀ ଶିକ୍ଷାବ୍ୟବସ୍ଥାର ପୁନଃ ବିକେନ୍ଦ୍ରୀକରଣ ଓ ସାର୍ବଜନୀନକରଣ କରିବାକୁ ହେବ । ଶିକ୍ଷା ବ୍ୟବସ୍ଥାରେ ଠିକା ନିଯୁକ୍ତି ରହିବନାହିଁ । ଶିକ୍ଷକଙ୍କ ହାତରେ ଶିକ୍ଷାର ଢାଞ୍ଚା ପୂର୍ବପରି ଦିଆଯିବ । ସରକାରୀ ସ୍ୱାସ୍ଥ୍ୟବ୍ୟବସ୍ଥାର ସୁଦୃଢ଼ୀକରଣ, ନିଯୁକ୍ତି ଓ ରୋଜଗାର କ୍ଷେତ୍ରରେ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ସ୍ୱାବଲମ୍ବନ ଶିଳ୍ପତାର ପ୍ରୟୋଗ- ପ୍ରଚାର ଓପ୍ରୋତ୍ସାହନ, ସମ୍ପଦର ଉଚିତ ଓ ଉପଯୁକ୍ତ ବ୍ୟବହାର, କୃଷି ଏବଂ ଜଳସେଚନର ବିକାଶ ପ୍ରକ୍ରିୟା, ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ, ସମବାୟର ସୁଦୃଢ଼ୀକରଣ ଓ ବିପଣନ, ସାଂସ୍କୃତିକ ଜାଗରଣ ଏବଂ ମୌଳିକ ଢାଞ୍ଚାର ପୁନଃରୁଦ୍ଧାର ଓ ଶେଷରେ ପ୍ରତ୍ୟେକ ନାଗରିକଙ୍କର ବା ସରକାରୀ ବ୍ୟବସ୍ଥାର ଉତ୍ତର ଦାୟିତ୍ୱ ନିର୍ବାହନ ଆଦି ଦଶଟି ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଆବାସିକ ସମ୍ପାଦକ ଶିବ କୁମାର ମହାନ୍ତି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦ୍ୟୋଗ ମନୋବୃତ୍ତି ନ ବଢିଲେ ବିକାଶର ଚରମ ସୋପାନକୁ ଆମେ ଯାଇପାରିବା ନାହିଁ ବୋଲି କହିଥିଲେ । ପ୍ରାରମ୍ଭରେ ଟ୍ରଷ୍ଟର ଅନ୍ୟତମ ସଦସ୍ୟ ରାଜକିଶୋର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଟ୍ରଷ୍ଟି ପ୍ରିୟବ୍ରତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦନ୍ତା ହାତୀ ଆକ୍ରମଣରେ ଚାଷୀ ମୃତ

ବଲାଙ୍ଗିର, (ସବ୍ୟୁ): ନୁନହାଡ଼ ଅଞ୍ଚଳରେ ହାତୀ ଆତଙ୍କର କରୁଣ ପରିଣତି ଘଟିଛି । ଭୋରୁ ଭୋରୁ ଶୌଚ ପାଇଁ ନିଜ କ୍ଷେତକୁ ଯାଇଥିବା ଜଣେ ଚାଷୀଙ୍କୁ ଦନ୍ତା ହାତୀ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ବେଲପଡ଼ା ଥାନା ଅନ୍ତର୍ଗତ ନୁନହାଡ଼ ଗାଁର ଚାଷୀ ଧର୍ମୁ ନାଏକ । ରବିବାର ସକାଳେ ଧର୍ମୁ ଶୌଚ ପାଇଁ ନିଜ କ୍ଷେତକୁ ଯାଇଥିଲେ । ଏହି ସମୟରେ ହଠାତ୍ ଏକ ଦନ୍ତା ହାତୀ ତାଙ୍କ ସମ୍ମୁଖରେ ଆସି ଆକ୍ରମଣ କରିଥିଲା । ହାତୀ ଆକ୍ରମଣରେ ଧର୍ମୁ ଗୁରୁତର ଆହତ ହୋଇଥିଲେ । ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବେଲପଡ଼ା ଡାକ୍ତରଖାନାକୁ ନେଇଥିଲେ । ତେବେ ଡାକ୍ତର ପରୀକ୍ଷା କରି ଧର୍ମୁଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ନୁନହାଡ଼ ଗାଁରେ ଶୋକର ଛାୟା ଖେଳିଯାଇଥିବା ବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ହାତୀ ଆତଙ୍କ ଆହୁରି ବଢ଼ିଛି । ଅଞ୍ଚଳରେ ବାରମ୍ବାର ହାତୀ ଉପଦ୍ରବ ହେଉଥିବା ସେ%୦ ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ନଜର ରଖାଯାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ହାତୀ ଚଳପ୍ରଚଳ ନେଇ ସମୟୋଚିତ ସୂଚନା ଓ ସଚେତନତା ଅଭାବରୁ ଏଭଳି ଅଘଟଣ ଘଟୁଥିବା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି । ମର୍ମନ୍ତୁଦ ଘଟଣା ପରେ ବନ ବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ନେଇ କି ପଦକ୍ଷେପ ନିଆଯାଉଛି ଏବଂ ମୃତ ଚାଷୀଙ୍କ ପରିବାରକୁ କିଭଳି ସରକାରୀ ସହାୟତା ମିଳୁଛି, ତାହାକୁ ନେଇ ଏବେ ଗ୍ରାମବାସୀଙ୍କ ନଜର ରହିଛି ।



ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ମହାରାଜାଙ୍କ ୧୪୬ତମ ଶୁଭ ଜନ୍ମ ଉତ୍ସବ ବୈରୀ ଆଶ୍ରମ ପରିସରରେ ପାଳିତ ହୋଇ ଯାଇଛି । ଏଥିରେ ଶତାଧିକ ଆଧ୍ୟାତ୍ମିକ ପ୍ରେମୀ ଯୋଗଦାନ କରି ଉତ୍ସବଟି କୁ ସାଫଲ୍ୟ ମଣ୍ଡିତ କରିବା ସଂଗେ ସଂଗେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଦେବ ଙ୍କ ଆଶୀର୍ବାଦ ଭାଜନ ହୋଇଥିଲେ । ଶାଖା ସଙ୍ଘ ତରଫରୁ ନିକଟସ୍ଥ ଅନାଥ ଆଶ୍ରମ ର ୬୦ ଜଣ ଅନ୍ତେବାସୀ ଙ୍କୁ ମଧ୍ୟାହ୍ନ ପ୍ରସାଦ ବିତରଣ ସହିତ ଆବଶ୍ୟକୀୟ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଙ୍ଘର କର୍ମକର୍ତ୍ତା ମୃତ୍ୟୁଞ୍ଜୟ ଦଳାଇ, ଜନ୍ମେଜୟ ଦଳାଇ, ସଂଗ୍ରାମ ମହାନ୍ତି ଓ ଅନ୍ୟମାନେ ପରିଚାଳନା କରିଥିଲେ ।

# ପ୍ରଧାନଶିକ୍ଷକଙ୍କ ତ୍ୱରିତ ନିଷ୍ପତ୍ତି ବଞ୍ଚାଇଲା ୧,୬୪୩ ଛାତ୍ରଛାତ୍ରୀଙ୍କ ଜୀବନ

ନୂଆଦିଲ୍ଲୀ: ବୁଧବାର, ସକାଳ ୯.୨୦ ମିନିଟ୍, ହଠାତ୍ ଜଣେ ବନ୍ଧୁ ଅତି ଭୟରେ ଫୋନ୍ କଲେ, ଆଉ କହିଲେ, ଗାଁ ଆଉ ନାହିଁ... ନଦୀ ତାକୁ ବୁଡ଼ାଇ ଦେଲା। ତୁମେ ଯେତେ ଜଲ୍ଦି ପାରୁଛ ଦୌଡ଼ି ପଳାଅ।" ଏହି ଫୋନ୍ କଲ ପାଇବା ପରେ ନେପାଳର ତ୍ରିଶୁଲୀ ଉପତ୍ୟକାର ତ୍ରିଭୁବନ ତ୍ରିଶୁଲୀ ସେକେଣ୍ଡାରୀ ସ୍କୁଲର ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଡିଙ୍କ ହୋସ୍ ଉଡ଼ିଗଲା। ହାତରେ ମାତ୍ର କିଛି ମିନିଟ୍, ଜୀବନ-ମୃତ୍ୟୁର ବଡ଼ ନିଷ୍ପତ୍ତି ନେବାର ସମୟ।

ସ୍କୁଲ ପରିସରରେ ଥିଲେ ୧,୬୪୩ ଜଣ ଛାତ୍ରଛାତ୍ରୀ। ହଠାତ୍ ପାହାଡ଼ିଆ ନଦୀଗୁଡ଼ିକରେ ବଢ଼ିବାକୁ ଲାଗିଲା ଜଳସ୍ତର। ବରଫ ଅତଡ଼ା ଧସିବା ଯୋଗୁ ଆସିଥିବା ପ୍ରଳୟଙ୍କରୀ ବନ୍ୟା ମାଟି, ପଥର, ବରଫ ଓ ଭଗ୍ନାବଶେଷକୁ ସାଙ୍ଗରେ ନେଇ ଅତି ଦ୍ରୁତ ଗତିରେ ଆଗକୁ ବଢୁଥିଲା। ଦାୱାଡିଙ୍କ ସାମ୍ନାରେ ଥିଲା ଗୋଟିଏ ମାତ୍ର ପ୍ରଶ୍ନ, ପିଲାମାନଙ୍କୁ କେମିତି ବଞ୍ଚାଇବେ?

**ଘଣ୍ଟି ବାଜିଲା, ଆରମ୍ଭ ହେଲା ଜୀବନ ବଞ୍ଚାଇବାର ଦୌଡ଼**

ପ୍ରଥମେ ଦାୱାଡି ଭାବିଥିଲେ ତିନି ମହଲା ବିଶିଷ୍ଟ କଂକ୍ରିଟ୍ ସ୍କୁଲ ଭବନଟି ନଦୀ ଠାରୁ ୬୦ ମିଟର ଉଚ୍ଚରେ ରହିଛି, ତେଣୁ ଏହା ସୁରକ୍ଷିତ ରହିବ। ନିକଟରେ ଥିବା ଇସ୍ପାତ ବ୍ରିଜ୍ଟି ମଧ୍ୟ ସ୍କୁଲ ଭବନର ସମାନ ସ୍ତରରେ ଥିଲା। କିନ୍ତୁ ଏହି ସମୟରେ ଜଣେ ଅଭିଭାବକ ଦୌଡ଼ି ଆସି ଆଉ ଏକ ଭୟଙ୍କର ଖବର ଶୁଣାଇଲେ। କହିଲେ ପାଣି ବହୁତ ଶୀଘ୍ର ବଢୁଛି, ଯାହା କରିବ ତୁରନ୍ତ କର। ଏହାପରେ ଆଉ ଗୋଟିଏ ମୁହୂର୍ତ୍ତ ବି ସୁଧା ବିଳମ୍ବ ନକରି ଦାୱାଡ଼ି ସ୍କୁଲ ଘଣ୍ଟି ବଜାଇଦେଲେ ଓ ସମସ୍ତ ଶିକ୍ଷକଙ୍କୁ ଶ୍ରେଣୀଗୃହ ଖାଲି କରିବାକୁ କହିଲେ। ସ୍କୁଲ ବସ୍ ଚାଳକମାନଙ୍କୁ ଫୋନ୍





କରି ସମସ୍ତଙ୍କୁ ଫେରି ଆସିବାକୁ କହିଥିଲେ। କିନ୍ତୁ ଜଣେ ଡ୍ରାଇଭରଙ୍କ ସହ ଯୋଗାଯୋଗ ହୋଇପାରିଲା ନାହିଁ। କିଛି ସମୟ ପରେ ସେ ଦେଖିଲେ ସେହି ବସ୍ଟି ବିପଦସଙ୍କୁଳ ବ୍ରିଜ୍ ପାର ହେଉଛି।

**ଭୟରେ ଥରିଲେ ପିଲା, ତଥାପି ଚାଲିଲା ଉଦ୍ଧାର**

ବିପଦର ଭୟ ଏବେ ପିଲାମାନଙ୍କ ମନକୁ ମଧ୍ୟ ଛୁଇଁଥିଲା। ଜଣେ ଛାତ୍ରୀ ଭୟରେ ପାନିକ୍ ଆଟାକର ଶିକାର ହେଲେ। ତାଙ୍କୁ ମୋଟରସାଇକେଲରେ ପାହାଡ଼ ଉପରକୁ ନିଆଗଲା। ଅନ୍ୟ ପିଲାମାନେ ଆଉ ବସ୍କୁ ଅପେକ୍ଷା ନ କରି ଜୀବନ ବଞ୍ଚାଇବା ପାଇଁ ଯିଏ ଯୁଆଡ଼େ ପାରିଲେ ଦୌଡ଼ିଲେ। ଆଉ ପିଲାଙ୍କ ପଛରେ ଥିଲେ ପ୍ରଧାନଶିକ୍ଷକ ଦାୱାଡି। ବାସ୍ ଏହାପରେ ସବୁକିଛି ଆଖିପିଛୁଳାକେ ଧ୍ୱଂଶ ହୋଇଗଲା।

କିଛି ସମୟ ପୂର୍ବରୁ ଯେଉଁ ସ୍କୁଲରେ ହଜାରରୁ ଅଧିକ ପିଲା ପଢୁଥିଲେ, ସେହି ୩ ମହଲା ବିଲ୍ଡିଂକୁ ସାଙ୍ଗରେ ଧୋଇ ନେଲା ଭୟଙ୍କର ବନ୍ୟା। ଆଉ ଦୌଡ଼ି ପଳାଇଥିବା ପିଲାମାନେ ଶେଷରେ ଗୋଟିଏ ବୋଧି ଗଛ ତଳେ ଆଶ୍ରୟ ନେଇ ଜୀବନ ବଞ୍ଚାଇଲେ। ଗଛତଳେ ରହି ଦେଖୁଥିଲେ ଜଳ ପ୍ରଳୟର କରାଳ ରୂପ।

**୧,୬୪୩ ଜୀବନ ବଞ୍ଚିଲା ଗଲା ସତ ହେଲେ ଶିକ୍ଷକ ଭାସିଗଲେ**

ଦାୱାଡିଙ୍କ ତ୍ୱରିତ ନିଷ୍ପତ୍ତି ଯୋଗୁ ୧,୬୪୩ ଛାତ୍ରଛାତ୍ରୀଙ୍କ ଜୀବନ ବଞ୍ଚିଗଲା। ଅଧିକାଂଶ ଶିକ୍ଷକ ମଧ୍ୟ ସୁରକ୍ଷିତ ଭାବେ ବାହାରି ଆସିଲେ। କିନ୍ତୁ ୩୨ ବର୍ଷୀୟ ସାମାଜିକ ଇତିହାସ ଶିକ୍ଷକ ସାନ୍ତୋଷ ପରିୟାର କିନ୍ତୁ ଜଳ ପ୍ରଳୟର କୋପରୁ ବର୍ତ୍ତିପାରିଲେନି। ମିଳିଥିବା ସୂଚନା ଅନୁସାରେ ପରିୟାର ଜଳଖିଆ ପ୍ରସ୍ତୁତ କରିବା ପାଇଁ ନଦୀକୂଳରେ ଥିବା ତାଙ୍କ ଭଡ଼ା ଘରକୁ ଯାଉଥିବା ବେଳେ ଭାସିଯାଇ ପ୍ରାଣ ହରାଇଛନ୍ତି। ସ୍କୁଲର ଜଗୁଆଳ ସୁଲତାନ ଲାମା ମଧ୍ୟ ସ୍କୁଲ ଦ୍ୱାର ବନ୍ଦ କରିବାକୁ ଯାଇ ଆଉ ଫେରିଲେନି।

**ସମସ୍ତେ କହିଲେ ହିରୋ**

ସ୍ଥାନୀୟ ଲୋକେ ରାଜେନ୍ଦ୍ର ଦାୱାଡିଙ୍କୁ ହିରୋ ବୋଲି କହୁଛନ୍ତି। କିନ୍ତୁ ଦାୱାଡି ଏହା ସ୍ୱୀକାର କରିବାକୁ ନାରାଜ। କେଇ ମିନିଟ୍ର ସେଇ ପ୍ରଳୟଙ୍କରୀ ବନ୍ୟାରେ ଭାଙ୍ଗିଯାଇଥିବା ସ୍କୁଲ ଓ କାଦୁଅଭରା ଧ୍ୱଂସାବଶେଷକୁ ଦେଖି ସେ ଅବାକ ହୋଇ ଗୋଟିଏ କଥା କହିଛନ୍ତି "ମୁଁ ଆଉ କ'ଣ କରିଥାନ୍ତି?" ହତବାକ ହୋଇ ଏପରି କହିଥିଲେ ବି ରାଜେନ୍ଦ୍ର ଦୱାଡ଼ିଙ୍କ ତ୍ୱରିତ ନିଷ୍ପତ୍ତି ଯେ ଛାତ୍ରଛାତ୍ରୀଙ୍କର ବହୁମୂଲ୍ୟ ଜୀବନ ବଞ୍ଚାଇ ଦେଲା ଏକଥା ଅସ୍ୱୀକାର କରିହେବ ନାହିଁ।

**ହିମସ୍ଖଳନ ବନ୍ୟାର କାରଣ**

ଏହି ଭୟଙ୍କର ଫ୍ଲାସ୍ ଫ୍ଲଡର ମୂଳ କାରଣ ଥିଲା ଲାଙ୍ଗଟାଙ୍ଗ ଲିରୁଙ୍ଗ ଶୃଙ୍ଗରୁ ବରଫ ଓ ପଥରର ଏକ ବିଶାଳ ଖଣ୍ଡ ଭାଙ୍ଗି ପଡ଼ିବା। ପ୍ରାୟ ୧,୨୦୦ ମିଟର ଉଚ୍ଚତାରୁ ଏହା ଲ୍ହେଣ୍ଡେ ଖୋଲା ନଦୀର ଉପର ଘାଟିରେ ଖସିପଡ଼ିଥିଲା। କାଲଗାରି ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱବିତ୍ ଡାନିଏଲ୍ ଶୁଗାର ଆକଳନ କରିଛନ୍ତି ଯେ ଏହି ପିଣ୍ଡ ପ୍ରାୟ 50 ଏକର ଜମିରେ ବ୍ୟାପିଛି, ଯାହା ପ୍ରାୟ ଲଣ୍ଡନର ଗ୍ରୀନ୍ ପାର୍କର ଆକାର।

କାନାଡାର ୟୁନିଭର୍ସିଟି ଅଫ୍ କ୍ୟାଲଗାରିର ଭୂତତ୍ତ୍ୱବିତ୍ ଡାନିଏଲ୍ ଶୁଗାରଙ୍କ ଆକଳନ ଅନୁସାରେ, ଭାଙ୍ଗି ପଡ଼ିଥିବା ଏହି ବରଫ ଅତଡ଼ାର ଆକାର ପ୍ରାୟ ୫୦ ଏକର ଭଳି ସ୍ଥାନ ନେଇଥିଲା। ଯାହା ଲଣ୍ଡନର ଗ୍ରୀନ୍ ପାର୍କ ଭଳି ବଡ଼। ଫଳରେ ପାହାଡ଼ିଆ ନଦୀଗୁଡ଼ିକ ପ୍ରଳୟଙ୍କରୀ ରୂପ ନେଇଥିଲା। ବହୁ ବିଲ୍ଡିଂ, ବ୍ରିଜ୍ ଓ ପାୱାର୍ ଷ୍ଟେସନ୍ ପାଣି ସହ ଭାସିଯାଇଥିଲା।

**ମୃତ୍ୟୁସଂଖ୍ୟା ୭୫୦ ପାର, ହଜାରେ ନିଖୋଜ**

ଏହି ଭୟାବହ ବନ୍ୟାରେ ନେପାଳରେ ୭୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ତିବ୍ବତରେ ମଧ୍ୟ ୧୬ ଜଣଙ୍କ ଜୀବନ ଯାଇଛି। ନେପାଳରେ ପ୍ରାୟ ୨,୪୯୮ ଜଣ ଏବେ ବି ନିଖୋଜ ଥିବା ବେଳେ ତିବ୍ବତର ଗ୍ୟିରୋଙ୍ଗ କାଉଣ୍ଟିରେ ଆଉ ୫୪୬ ଜଣଙ୍କ ପତ୍ତା ମିଳୁନାହିଁ। ପ୍ରକୃତିର ଏହି ପ୍ରଳୟ ମଧ୍ୟରେ ଜଣେ ଶିକ୍ଷକଙ୍କ କିଛି ମିନିଟ୍ର ତ୍ୱରିତ ନିଷ୍ପତ୍ତି ୧,୬୪୩ଟି ଜୀବନକୁ ମୃତ୍ୟୁମୁଖରୁ ଫେରାଇ ଆଣିଛି।

# ପ୍ରଧାନମନ୍ତ୍ରୀଙ୍କୁ ଉଜବେକିସ୍ତାନର ସର୍ବୋଚ୍ଚ ନାଗରିକ ସମ୍ମାନ

ତାସକେଣ୍ଟ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନିଆ ଉଜବେକିସ୍ତାନ ଗସ୍ତରେ ଯାଇଛନ୍ତି। ଏହି ଗସ୍ତ ଅନେକ ଐତିହାସିକ ଚୁକ୍ତି ଏବଂ ସଫଳତା ସହିତ ଶେଷ ହୋଇଛି। ଏଥିସହିତ ୟୁରାନିୟମ ଯୋଗାଣ ଉପରେ ଏକ ଚୁକ୍ତିନାମା ହୋଇଛି। ଉଜବେକିସ୍ତାନ ଏହାର ସର୍ବୋଚ୍ଚ ନାଗରିକ ସମ୍ମାନ "ଓଲି ଦାରାଜାଲି ଦୁସ୍ତଲିକ୍" ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଦାନ କରିଛି। ରବିବାର ଉଜବେକିସ୍ତାନର ରାଷ୍ଟ୍ରପତି ଶଭକତ ମିର୍ଜିୟୋୟେଭ ଦେଶର ସର୍ବୋଚ୍ଚ ରାଷ୍ଟ୍ର ସମ୍ମାନ "ଓଲି ଦାରାଜାଲି ଦୁଷ୍ଟଲିକ୍" ପ୍ରଦାନ କରିଛନ୍ତି। ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ୩୬ତମ ଆନ୍ତର୍ଜାତୀୟ ସମ୍ମାନ।



ପ୍ରଧାନମନ୍ତ୍ରୀ ମୋଦି ରବିବାର ସ୍ପଷ୍ଟ କରିଛନ୍ତି ଯେ ଭାରତ ଏବଂ ଉଜବେକିସ୍ତାନ ଏକ ଦୀର୍ଘକାଳୀନ ୟୁରାନିୟମ ଯୋଗାଣ ଚୁକ୍ତିନାମା ସ୍ୱାକ୍ଷର କରିବେ। ଆଶା କରାଯାଉଛି ଯେ ଏହି ପଦକ୍ଷେପ ଦୀର୍ଘକାଳୀନ ଭାବରେ ଭାରତର ପରମାଣୁ ଶକ୍ତି ଯୋଜନାକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ। ଭାରତ ଏବଂ ଉଜବେକିସ୍ତାନ ତିନୋଟି "ସିଷ୍ଟର-ସିଟି" ଏବଂ "ସିଷ୍ଟର-ଷ୍ଟେଟ୍" ଚୁକ୍ତିନାମାକୁ ମଧ୍ୟ ଚୂଡ଼ାନ୍ତ କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ କରିଥିଲେ ଯେ ଏଗୁଡ଼ିକୁ କେବଳ କାଗଜପତ୍ରରେ ସୀମିତ ରଖିବା ଉଚିତ୍ ନୁହେଁ ବରଂ ଏକ କଂକ୍ରିଟ୍ ରୋଡମ୍ୟାପ୍ ବିକଶିତ କରାଯିବା ଉଚିତ ଯାହା ଦ୍ୱାରା ଏହି ସହଭାଗୀତାର ଫଳାଫଳ ଭୂମିରେ ଦୃଶ୍ୟମାନ ହେବ। ଉଜବେକିସ୍ତାନର ରାଷ୍ଟ୍ରପତି ମିର୍ଜିୟୋୟେଭ ଭାରତକୁ ଏକ "ନିର୍ଭରଯୋଗ୍ୟ ରଣନୈତିକ ସହଯୋଗୀ" ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଗତ ବର୍ଷ ପ୍ରଥମ ଥର ପାଇଁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧ ବିଲିୟନ ଡଲାର ଅତିକ୍ରମ କରିଛି। ଏପରିକି ଗତ କିଛି ବର୍ଷ ତୁଳନାରେ ଦୁଇ ଦେଶ ମଧ୍ୟରେ ମିଳିତ ଉଦ୍ୟୋଗ ମଧ୍ୟ ସାତ ଗୁଣ ବୃଦ୍ଧି ପାଇଛି।

# ଡିଜିଟାଲ୍ ଆରେଷ୍ଟ ସ୍କାମ୍: ସଂସଦର ଆଇନକୁ ଅପେକ୍ଷା ନକରି ପଦକ୍ଷେପ ନେଇଛୁ-ସିଜେଆଇ

ଲଣ୍ଡନ: ଭାରତରେ ମିଥ୍ୟା ଭିଡିଓ କଲ୍ ମାଧ୍ୟମରେ ସରକାରୀ ଅଧିକାରୀଙ୍କ ପରିଚୟ ଦେଇ ନିରୀହ ନାଗରିକମାନଙ୍କୁ ଲୁଟ୍ କରୁଥିବା 'ଡିଜିଟାଲ୍ ଆରେଷ୍ଟ' ଭଳି ନୂତନ ଆପରାଧିକ ସ୍କାମ୍ ବିରୋଧରେ ସଂସଦର ଆଇନ ପ୍ରଣୟନକୁ ଅପେକ୍ଷା ନକରି ଭାରତୀୟ ନ୍ୟାୟପାଳିକା ସ୍ୱତଃପ୍ରବୃତ୍ତ ଭାବେ କଠୋର ପଦକ୍ଷେପ ଗ୍ରହଣ କରିଛି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ପ୍ରକାଶ କରିଛନ୍ତି। ଲଣ୍ଡନଠାରେ ଆୟୋଜିତ ୪୩ ତମ ଆର୍ଥିକ ଅପରାଧ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍ଘାପନୀ ଭାଷଣରେ ସେ ସ୍ପଷ୍ଟ କରିଛନ୍ତି ଯେ ସର୍ବୋଚ୍ଚ ଅଦାଲତ ଏହି ସାଙ୍ଘାତିକ ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହାର ବ୍ୟାପକତା ଅନୁଧ୍ୟାନ କରିବା ସହ ଦଣ୍ଡବିଧାନ ପାଇଁ ଏକ ସ୍ୱତନ୍ତ୍ର ଆପରାଧିକ ଧାରା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଆର୍ଥିକ ଅପରାଧ ରୋକିବା ପାଇଁ ଭାରତର ପିଏମ୍ଏଲ୍ଏ ଏବଂ



ପଳାତକ ଆର୍ଥିକ ଅପରାଧୀ ଆଇନର ଉଦାହରଣ ଦେଇ କହିଛନ୍ତି ଯେ ଏହି ବ୍ୟବସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ନୁହନ୍ତି। ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହାର ଅପବ୍ୟବହାର କରାଯାଉଥିବା ନେଇ ବହୁ ଅଭିଯୋଗ ଆସିବା ପରେ ନ୍ୟାୟପାଳିକା ସର୍ବଦା ନାଗରିକଙ୍କ ସୁରକ୍ଷା ପାଇଁ ହସ୍ତକ୍ଷେପ କରିଛି। ଗିରଫଦାରୀର ସମସ୍ତ କାରଣ ଅଭିଯୁକ୍ତଙ୍କୁ କେବଳ ଶୁଣାଇବା ପରିବର୍ତ୍ତେ ଲିଖିତ ଆକାରରେ ପ୍ରଦାନ କରିବାକୁ କୋର୍ଟ ବାଧ୍ୟତାମୂଳକ କରିଛନ୍ତି। ଏଥିସହ 'ଅରବିନ୍ଦ କେଜ୍ରିୱାଲ ବନାମ ସିବିଆଇ' ମାମଲାର ମୁଖ୍ୟ ରାୟକୁ ଉଦ୍ଧାର କରି ସେ କହିଛନ୍ତି ଯେ ବିଚାର ପ୍ରକ୍ରିୟା ପୂର୍ବରୁ ଦୀର୍ଘ ଦିନ ଧରି ଜେଲ୍ରେ ରଖିବା ବ୍ୟବସ୍ଥାକୁ ଭିନ୍ନ ଉପାୟରେ ଦଣ୍ଡରେ ପରିଣତ କରାଯାଇପାରିବ ନାହିଁ, ଯାହା ଆଧାରରେ ଜାମିନ ପ୍ରଦାନ କରାଯାଇଥିଲା। କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର' ପ୍ରସଙ୍ଗ ଉପସ୍ଥାପନ କରି ପ୍ରଧାନ ବିଚାରପତି ଦର୍ଶାଇଛନ୍ତି ଯେ ସରକାରୀ ଧନର ହେରଫେର ପ୍ରାଚୀନ କାଳରୁ ଏକ ପ୍ରଶାସନିକ ଆହ୍ୱାନ ରହିଆସିଛି। ଆର୍ଥିକ ଅପରାଧ କୌଣସି ଦେଶର ସାର୍ବଭୌମତ୍ୱକୁ ସମ୍ମାନ ଦିଏ ନାହିଁ। ତେଣୁ ବିଶ୍ୱସ୍ତରରେ ଚୋରି ହେଉଥିବା ବ୍ୟାପକ ସମ୍ପତ୍ତିର ମାତ୍ର ଏକ ପ୍ରତିଶତ ଉଦ୍ଧାର କରାଯାଇପାରୁଥିବାରୁ ସମସ୍ତ ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ଆଇନଗତ ସହାୟତା ଏବଂ ଗୁପ୍ତଚର ସୂଚନା ଆଦାନପ୍ରଦାନକୁ ସ୍ପଷ୍ଟ ଭାବେ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ସିଜେପି ପ୍ରତିଷ୍ଠାତାଙ୍କର ରହିଛି ରାଜନୈତିକ ଅଭିସନ୍ଧି : ୱାଙ୍ଗଚୁକ

ନୂଆଦିଲ୍ଲୀ: ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ କହିଛନ୍ତି ଯେ 'କକରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତାମାନଙ୍କର ରାଜନୈତିକ ଅଭିସନ୍ଧି ରହିଛି। ଦିଲ୍ଲୀର ଯନ୍ତରମନ୍ତରଠାରେ ଆୟୋଜିତ ଛାତ୍ର ଓ ଯୁବ ଆନ୍ଦୋଳନ ସମୟରେ ସେ ଏହା ଅନୁଭବ କରିଥିବା କହିଛନ୍ତି। ତେବେ ରାଜନୀତିରେ ଯୋଗଦେବା କିମ୍ବା ରାଜନୈତିକ ଆକାଂକ୍ଷା ରଖିବାରେ କୌଣସି ଭୁଲ୍ ନାହିଁ ବୋଲି ସେ କହିଛନ୍ତି। ୫୯ ବର୍ଷୀୟ ସୋନମ ୱାଙ୍ଗଚୁକ୍ କହିଛନ୍ତି ଯେ, ଅଧିକରୁ ଅଧିକ ଯୁବନେତା ସକ୍ରିୟ ରାଜନୀତିରେ ଯୋଗଦେବା କିମ୍ବା ନିଜର ଦଳ ଗଠନ କରି ଆଗକୁ ଆସିବା ଉଚିତ୍। ଯେତେବେଳେ ସେ ଏହି ଯୁବ ଆନ୍ଦୋଳନରେ ସାମିଲ ହୋଇଥିଲେ, ସମାଲୋଚକମାନେ ସିଜେପିର



ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ପୂର୍ବରୁ ଆମ୍ ଆଦ୍ମୀ ପାର୍ଟି ସହ ଜଡ଼ିତ ଥିବା କଥା କହି ସଚେତନ କରିବାକୁ ଚେଷ୍ଟା କରିଥିଲେ। ସମାଲୋଚକଙ୍କ କଥାରେ ସେ ଆଦୌ ବିଚଳିତ ହୋଇନଥିଲେ ବୋଲି କହିଛନ୍ତି ୱାଙ୍ଗଚୁକ। ଅତୀତରେ କୌଣସି ରାଜନୈତିକ ଦଳ ସହ କାମ କରିଥିବା କିମ୍ବା ପୂର୍ବରୁ ରାଜନୈତିକ ପୃଷ୍ଠଭୂମି ଥିବା କୌଣସି ଅପରାଧ ନୁହେଁ ବୋଲି ସେ କହିଛନ୍ତି। ୱାଙ୍ଗଚୁକଙ୍କ କହିବା ଅନୁଯାୟୀ, ଦେଶର ଯୁବବର୍ଗ ନିଜ ଅଧିକାର ଓ ସମସ୍ୟା ପାଇଁ କେବଳ ରାସ୍ତାକୁ ଓହ୍ଲାଇବା ଯଥେଷ୍ଟ ନୁହେଁ। ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ସେମାନଙ୍କୁ ନୀତି ନିର୍ଦ୍ଧାରଣ ଓ ରାଜନୈତିକ ବ୍ୟବସ୍ଥା ଭିତରକୁ ପ୍ରବେଶ କରିବାକୁ ପଡ଼ିବ। ସିଜେପିର ପ୍ରତିଷ୍ଠାତାମାନେ କୌଣସି ସାଧୁ-ସନ୍ଥ ନୁହଁନ୍ତି। ସେମାନଙ୍କର ରାଜନୈତିକ ଅଭିସନ୍ଧି ଥିବା ଦାବିକୁ ସ୍ୱୀକାର କରିଛନ୍ତି ସୋନମ ଓ୍ୱାଙ୍ଗଚୁକ। ଏହା ସହ ସେ ଦେଶର ରାଜନୀତିରେ ନୂଆ ଓ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିଛନ୍ତି।

# ୨୦୨୭-୨୮ ବଜେଟ୍ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ

ନୂଆଦିଲ୍ଲୀ: କେନ୍ଦ୍ର ସରକାର ୨୦୨୭-୨୮ ଆର୍ଥିକବର୍ଷର ବଜେଟ୍ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଅର୍ଥ ମନ୍ତ୍ରାଳୟ ପକ୍ଷରୁ ବଜେଟ୍ ସର୍କୁଲାର ଜାରି କରାଯାଇଛି। ଉକ୍ତ ସର୍କୁଲାରରେ ୨୦୨୬-୨୭ ପାଇଁ ସଂଶୋଧିତ ଅଟକଳ ଏବଂ ୨୦୨୭-୨୮ର ବଜେଟ ଅଟକଳ ପ୍ରକ୍ରିୟାସଂପର୍କରେ ଉଲ୍ଲେଖ କରାଯାଇଛି। ଆସନ୍ତା ଅକ୍ଟୋବର ୧୨ ତାରିଖରୁ ପ୍ରାକ୍ ବଜେଟ୍ ବୈଠକ ଆରମ୍ଭ କରିବାକୁ ଧାର୍ଯ୍ୟ କରାଯାଇଛି। ତେଣୁ ଅକ୍ଟୋବର ୬ ପୂର୍ବରୁ ଆବଶ୍ୟକ ସୂଚନା ଦାଖଲ କରିବାକୁମନ୍ତ୍ରାଳୟଓ ବିଭାଗଗୁଡ଼ିକୁ କୁହାଯାଇଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ସରକାର ରଖିଥିବା ଲକ୍ଷ୍ୟକୁ ଦୃଷ୍ଟିରେ ରଖି ବଜେଟ୍ରେ ଯୋଜନାମାନ ରହିବ ବୋଲି ଆଶା କରାଯାଉଛି। ତେବେ ବଜେଟ୍ ଆକଳନ ଠିକ୍ ଓ ବାସ୍ତବତାକୁ ଦେଖି କରିବା ଲାଗି ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ କୁହାଯାଇଛି।

# ଭାରତକୁ ମିଳିବ ଆଉ ୫ଟି ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ

ନୂଆଦିଲ୍ଲୀ: ଅପରେସନ ସିନ୍ଦୂର କାଳରେ ଶତ୍ରୁକୁ ବୁଦ୍ଧି ଶିଖାଇଥିବା ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମକୁ ନେଇ ଏକ ବଡ଼ ଅପଡେଟ୍ ଆସୁଛି। ଭାରତୀୟ ବାୟୁସେନା ଲାଗି ଏସ୍-୪୦୦ ସୁଦର୍ଶନ ଲଙ୍ଗରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମର ୫ଟି ସ୍କ୍ୱାଡ୍ରନ କ୍ରୟ ଲାଗି ଜାରୀ ଭାରତର ଟେଣ୍ଡର ଜବାବରେ ରଷିଆ ରକ୍ଷା ମନ୍ତ୍ରାଳୟକୁ ନିଜର ଡିଟେଲ୍ସ ପ୍ରୋପଜାଲ ପଠାଇଛି। ପ୍ରତିରକ୍ଷା ସୂତ୍ରରୁ ମିଳୁଥିବା ସୂଚନା ଅନୁଯାୟୀ ଭାରତର ଟେଣ୍ଡର ଉପରେ ରଷିଆ ପକ୍ଷରୁ ଜବାବ ମିଳିଯାଇଛି ଓ ଏହି ପ୍ରସ୍ତାବ ଉପରେ ଏବେ କାମ ଚାଲିଛି। ଏହି ପ୍ରକଳ୍ପର ଆନୁମାନିକ ଖର୍ଚ୍ଚ ୫୦,୦୦୦ କୋଟି ଟଙ୍କାରୁ ବି ଅଧିକ ବୋଲି କୁହାଯାଇଛି।

ଭାରତ ଓ ରଷିଆ ମଧ୍ୟରେ ୨୦୧୮ ମସିହାରେ ହୋଇଥିବା ପ୍ରାରମ୍ଭିକ ବୁଝାମଣା ଅନୁସାରେ ନୂଆଦିଲ୍ଲୀକୁ ୫ଟି ଏସ୍-୪୦୦ ସ୍କ୍ୱାଡ୍ରନରୁ ୪ଟି



ମିଳିସାରିଛି। ତେବେ ଶେଷ ତଥା ଚୂଡ଼ାନ୍ତ ଡେଲିଭରି ଚଳିବର୍ଷ ନଭେମ୍ବର ସୁଦ୍ଧା ହେବ ବୋଲି ଅନୁମାନ କରାଯାଉଛି। ତେବେ ନୂଆ ପ୍ରସ୍ତାବରେ କ୍ରୟ ହେବାକୁ ଥିବା ୫ ଅତିରିକ୍ତ ସ୍କ୍ୱାଡ୍ରନ ବୁଝାମଣା ସ୍ୱାକ୍ଷରିତ ହେବାର ପାଖାପାଖି ୩ ବର୍ଷ ପରେ ଡେଲିଭରୀ ଆରମ୍ଭ ହେବ। ଭାରତ ଗତ ମାର୍ଚ୍ଚ ମାସରେ ଅପରେସନ ସିନ୍ଦୂର ସମାପ୍ତ ହେବାର ତତ୍କାଳ ବାଦେ ରଷିଆରୁ ଆଉ ୫ଟି ଏସ୍-୪୦୦ ଏୟାରଡିଫେନ୍ସ ସିଷ୍ଟମ କ୍ରୟ ଯୋଜନାକୁ ମଞ୍ଜୁରୀ ଦେଇଥିଲା। ଭାରତୀୟ ବାୟୁରକ୍ଷା ନେଟୱାର୍କକୁ ସୁଦୃଢ଼ କରିବା ପାଇଁ ନୂଆ ଏସ୍-୪୦୦ ୟୁନିଟ୍କୁ ପୂର୍ବ ଓ ପଶ୍ଚିମ ଉଭୟ ମୋର୍ଚ୍ଚାରେ ମୁତୟନ କରାଯିବାର ସମ୍ଭାବନା ରହିଛି। ପଶ୍ଚିମ ଏୟାର କମାଣ୍ଡ ର ଚିଫ୍ ଏୟାରମାର୍ଶଲ ଜିତେନ୍ଦ୍ର ମିଶ୍ର ନିକଟରେ ଏକ ପଡକାଷ୍ଟରେ କହିଥିଲେ ଯେ ଏସ୍-୪୦୦ ପାକିସ୍ତାନ ଏୟାରଫୋର୍ସର ଏକ ମନିଟରିଂ ବିମାନକୁ ୩୧୪ କିଲୋମିଟର ଦୂରରେ ଧ୍ୱଂସ କରିଥିଲା। ମିଶ୍ରଙ୍କ ଅନୁସାରେ ସମ୍ଭବତଃ ଭୂ-ପୃଷ୍ଠରୁ ଆକାଶକୁ ନିକ୍ଷେପ ହୋଇପାରୁଥିବା ମିଜାଇଲରୁ ଏହି ସଫଳତା ମିଳିଥିଲା।

# ନେପାଳରୁ ଉତ୍ତର ପ୍ରଦେଶ : ଗଣ୍ଡକ ନଦୀରୁ ୭ ଅଜଣା ମୃତଦେହ ଉଦ୍ଧାର

ଲକ୍ଷ୍ନୌ: ନେପାଳରେ ଭୟଙ୍କର ବନ୍ୟାରେ ଶତାଧିକ ଲୋକ ଭାସିଯାଇ ପ୍ରାଣ ହରାଇଥିବା ବେଳେ ଉତ୍ତରପ୍ରଦେଶର ଗଣ୍ଡକ (ନାରାୟଣୀ) ନଦୀରୁ ୭ ମୃତଦେହ ଉଦ୍ଧାର କରାଯାଇଛି। ମହାରାଜଗଞ୍ଜ ଓ କୁଶୀନଗର ଜିଲ୍ଲାରେ ନଦୀରୁ ଏହିସବୁ ମୃତଦେହ ମିଳିଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ସୁଦ୍ଧା ଏହି ମୃତଦେହଗୁଡ଼ିକ ଉଦ୍ଧାର କରାଯାଇଥିବା ଅଧିକାରୀମାନେ କହିଛନ୍ତି। ମୃତକମାନଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ ସେମାନଙ୍କ ପରିଚୟ ଚିହ୍ନଟ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ନେପାଳ ବନ୍ୟା ପରେ ଗଣ୍ଡକ ନଦୀର ଜଳପ୍ରବାହ ବଢ଼ିଛି। ଫଳରେ ମୃତଦେହଗୁଡ଼ିକ ନେପାଳରୁ ଭାସି ଆସିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ସୂଚନା ଅନୁସାରେ, ମହାରାଜଗଞ୍ଜ ଜିଲ୍ଲାର ଟେଲଫଲ ଅଞ୍ଚଳରୁ ୩ ଜଣ ମହିଳା ଓ ଜଣେ ପୁରୁଷଙ୍କ ମୃତଦେହ ମିଳିଛି। ନଦୀ କୂଳରେ ନଜର ରଖିବା ସହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସଶସ୍ତ୍ର ସୀମା ବଳ ଯବାନମାନେ ମୋଟରବୋଟ୍ରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ନଦୀରୁ ବାହାର କରିଛନ୍ତି। ସେହିପରି କୁଶୀନଗର ଜିଲ୍ଲାର ଛିତାଉନି ବନ୍ଧ ନିକଟସ୍ଥ ସିସୱାଗୋପାଳ ଗାଁ ନିକଟରୁ ଆଉ ୩ଟି ମୃତଦେହ ଉଦ୍ଧାର କରାଯାଇଛି। ଗୁରୁବାର



ରାତିରେ ଗ୍ରାମବାସୀମାନେ ନଦୀରେ ୨ ଜଣ ମହିଳା ଓ ଜଣେ ପୁରୁଷଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ପରେ ସେମାନେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଉପଖଣ୍ଡ ମାଜିଷ୍ଟ୍ରେଟ୍ ସର୍ବେଶ କୁମାର ଗୌର, ଖଡ୍ଡା ସର୍କଲ ଅଫିସର, ସ୍ଥାନୀୟ ଥାନା ଅଧିକାରୀ ଓ ଏସଡିଆରଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାରକାରୀ ଦଳ ମୃତଦେହଗୁଡ଼ିକୁ ନଦୀରୁ ବାହାର କରି ମର୍ଗକୁ ପଠାଇଛନ୍ତି। ନେପାଳରେ ପ୍ରବଳ ବର୍ଷା ଓ ବନ୍ୟା ପରେ ଗଣ୍ଡକ ନଦୀର ଜଳପ୍ରବାହ ବଢ଼ିଥିବାରୁ ଉତ୍ତରପ୍ରଦେଶର ସୀମାବର୍ତ୍ତୀ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସତର୍କତା ବଢ଼ାଯାଇଛି। ନଦୀରେ ଭାସି ଆସୁଥିବା ମୃତଦେହଗୁଡ଼ିକ କେଉଁଠାରୁ ଆସିଛି ଏବଂ ମୃତକମାନଙ୍କ ପରିଚୟ କ'ଣ, ସେନେଇ ତଦନ୍ତ ଜାରି ରହିଛି।

# ମୋଦିଙ୍କ ଖାସ୍ ମେନ୍ୟୁରେ 'ଥେପଲା'ରୁ ଆରମ୍ଭ କରି ଶାକାହାରୀ 'ଲଘମନ'

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗସ୍ତକାଳରେ କିର୍ଗିସ୍ତାନ ମଧ୍ୟଯିବେ। ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଆତିଥେୟତା ପାଇଁ କିର୍ଗିସ୍ତାନ ଖାସ ଏବେ ପ୍ରସ୍ତୁତି କରୁଛି। ଗସ୍ତଅବସରରେ ମୋଦିଙ୍କୁ ବିସକେକ୍ ରେ ଖାସ୍ ଖାଦ୍ୟରେ ଆପ୍ୟାୟିତ କରାଯିବ। ଯେଉଁଥିରେ ମୋଦିଙ୍କ ପସନ୍ଦର ଗୁଜରାଟୀ ଖାଦ୍ୟ ସହିତ ପାରମ୍ପରିକ କିର୍ଗିଜ ଖାଦ୍ୟର ସାକାହାରୀ ସ୍ୱାଦ ମଧ୍ୟ ସାମିଲ ରହିବ। ବିସକେକସ୍ଥିତ ଗାନ୍ଧି ରେଷ୍ଟୁରାଣ୍ଟ ମୁଖ୍ୟ ସେଫ ଭାରତୀୟ ମୂଳର ଚିନ୍ମୟ ବଡୋଦେକର ଆଇଏନଏସକୁ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗୁଜରାଟି ଘରୋଇ ଖାଦ୍ୟ ପରସାଯିବାର ଯୋଜନା ରହିଛି। ତାଙ୍କୁ ଜଳଖିଆରେ ଚୁଡ଼ା, ଉପମା ଓ ଇଡଲୀ ସାମ୍ବର ଭଳି ବ୍ୟଞ୍ଜନ ପରସା ଯାଇ ପାରେ। ସେହିପରି ମଧ୍ୟାହ୍ନ ଭୋଜନରେ ଥେପଲା, ଘର ତିଆରି ଡାଲି-ଭାତ ଓ ଗୁଜରାଟି ଶୈଳୀରେ ପ୍ରସ୍ତୁତ ତରକାରୀ ସାମିଲ ରହିବ। ସେହିପରି ରାତ୍ରଭୋଜରେ ହାଲୁକା ଖେଚୁଡି ଓ ଦହି ପରସାଯିବ। ବଡୋଦେକର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲାଗି ଖାଦ୍ୟ ପ୍ରସ୍ତୁତି ପୂର୍ବରୁ ସୁରକ୍ଷା ଓ



ମାନ ସମ୍ପର୍କିତ ସମସ୍ତ ଔପଚାରିକତା ପାଳନ କରାଯାଉଛି। ସେ କହିଛନ୍ତି ଯେ ମେନ୍ୟୁ, ଖାଦ୍ୟ ପେୟ ସମ୍ପର୍କିତ କଟକଣା ଓ ଅନ୍ୟ ଜରୁରି ବିଷୟ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଖାଦ୍ୟ ସାମଗ୍ରୀକୁ ଲ୍ୟାବରେ ପରୀକ୍ଷଣ ସହିତ ଅନ୍ୟ ଜରୁରି ଟେଷ୍ଟିଂ କରାଯାଉଛି। ଖାଦ୍ୟ ପରସା ଯିବା ପୂର୍ବରୁ ୩ ପୃଥକ ଟିମ୍ ଏହାର ଯାଞ୍ଚ ଓ ପୁଷ୍ଟି କରିବେ। ମୋଦିଙ୍କ ମେନ୍ୟୁରେ ଗୁଜରାଟି ସ୍ୱାଦ ସହିତ କିର୍ଗିସ୍ତାନର ପାରମ୍ପରିକ ବ୍ୟଞ୍ଜନର ମେଳ ମଧ୍ୟ ଦେଖିବାକୁ ମିଳିବ। ଗାନ୍ଧି ରେଷ୍ଟୁରାଣ୍ଟ ସେଫଙ୍କ ଅନୁସାରେ ମଧ୍ୟାହ୍ନ ଭୋଜନରେ 'ପ୍ଲୋବ'ଅର୍ଥାତ କିର୍ଗିଶୈଳୀରେ ପଲଉ ପ୍ରସ୍ତୁତ କରାଯିବ। ସାଧାରଣତଃ ପ୍ଲୋବରେ ଆମିଷ ସାମଗ୍ରୀ ଉପଯୋଗ ହୁଏ। ହେଲେ ମୋଦିଙ୍କ ଲାଗି ଏହାର ଖାସ ସାକାହାରୀ ଭର୍ସନ ପ୍ରସ୍ତୁତ କରାଯିବ, ଯେଉଁଥିରେ ଅନେକ ପ୍ରକାରର ତରକାରୀ ରହିବ। ସେହିପରି ପ୍ରଧାନମନ୍ତ୍ରୀଙ୍କ ରାତ୍ର ଭୋଜ ନିମନ୍ତେ 'ଲଘମନ' ତିଆରି କରାଯିବ। ଏହା ନୁଡଲରେ ତିଆରି ହେଉଥିବା ଏକ ଲୋକପ୍ରିୟ ମଧ୍ୟ ଏସିୟ ଖାଦ୍ୟ। ଏହାକୁ ସାଧାରଣତଃ ଫ୍ରାଏଡ ନୁଡୁଲ ଓ ଅନ୍ୟ ସାମଗ୍ରୀ ସହିତ ତିଆରି କରାଯାଏ। ହେଲେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲାଗି ଏହାକୁ ସମ୍ପୂର୍ଣ୍ଣ ସାକାହାରୀ ପ୍ରସ୍ତୁତ କରାଯିବ। 'ଗାନ୍ଧି ରେଷ୍ଟୁରାଣ୍ଟ' ବିସକେକ୍ ରେ ଭାରତୀୟ ବ୍ୟଞ୍ଜନ ସହିତ ଫ୍ୟୁଜନ ଫୁଡ ଲାଗି ବେଶ୍ ଜଣାଶୁଣା। ଏଠାରେ ପୂର୍ବରୁ ଅନେକଥର ଇଣ୍ଡୋ-କିର୍ଗି ଫୁଡଫେଷ୍ଟିଭାଲ ଆୟୋଜନ ହୋଇ ସାରିଛି। ଏହି ଅଭିଜ୍ଞତାକୁ ନଜରରେ ରଖି ପ୍ରଧାନମନ୍ତ୍ରୀ ମୋଦିଙ୍କ ଲାଗି ଭାରତୀୟ ଓ କିର୍ଗିସ୍ୱାଦର ଖାସ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ଉଜବେକିସ୍ତାନରୁ ଅଗଷ୍ଟ ୩୧ ତାରିଖରେ କିର୍ଗିସ୍ତାନ ଗସ୍ତରେ ପହଞ୍ଚିବେ। ଏହି ଅବସରରେ ସେ ୧ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜଧାନୀ ବିସକେକରେ ଅବସ୍ଥାନ କରିବେ। ଏହି ଗସ୍ତକାଳରେ ସେ ଏସସିଓ ର ୨୬ତମ ସମ୍ମିଳନୀରେ ଅଂଶଗ୍ରହଣ କରିବେ।

## 'ଖେଳିବ ଓଡ଼ିଶା, ଜିତିବ ଓଡ଼ିଶା'

# 'ସଣ୍ଡେ ଅନ୍ ସାଇକେଲ' ରାଲି ସହ ଜାତୀୟ କ୍ରୀଡ଼ା ଦିବସ ଉଦଯାପିତ

ଭୁବନେଶ୍ୱର, ୩୦।୮(ସବ୍ୟୁ) : ଏକ ସୁସ୍ଥ, ସବୁଜ ଏବଂ ଫିଟ୍ ଓଡ଼ିଶା ଗଢ଼ିବା ଲକ୍ଷ୍ୟରେ ଆଜି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ୨୦୨୬ ର ଉଦଯାପନୀ ଉତ୍ସବ ଅବସରରେ 'ସଣ୍ଡେ ଅନ୍ ସାଇକେଲ' କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ମାନ୍ୟବର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସାଇକେଲ ରାଲିକୁ ପତାକା ଦେଖାଇ ଉଦ୍ଘାଟନ କରିଥିଲେ, ଯାହା ଏକାମ୍ର କାନନ ଠାରୁ ବାହାରି ଉତ୍କଳ ହସ୍ପିଟାଲ ପର୍ଯ୍ୟନ୍ତ ଯାଇ ପୁନର୍ବାର ଆରମ୍ଭ ସ୍ଥଳକୁ ଫେରିଥିଲା। କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଅଗଷ୍ଟ ୨୮ ରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ଉତ୍ସବ, ଆଜି ଏହାର ତୃତୀୟ ସ୍ତମ୍ଭ 'ମୁଭ୍' (ଗତି) ମାଧ୍ୟମରେ ଶେଷ ହୋଇଛି। "ଏକ୍ ଘଣ୍ଟା ଖେଲ୍ କେ ମୈଦାନ୍ ମେଁ" ଆହ୍ୱାନ କ୍ରମେ ପ୍ରଥମ ଦିନ 'ଶ୍ରଦ୍ଧାଞ୍ଜଳି' ଏବଂ ଦ୍ୱିତୀୟ ଦିନ 'ପ୍ଲେ' (ଖେଳ) କାର୍ଯ୍ୟକ୍ରମରେ ଲୋକଙ୍କର ବିପୁଳ ସହଯୋଗ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ' ଆନ୍ଦୋଳନ ସହ ଓଡ଼ିଶାକୁ ଆଗେଇ ନେବାର ବଡ଼ ଦାୟିତ୍ୱ ଥିବାବେଳେ, ଏହି ବର୍ଷାଦିଆ ରବିବାରରେ କୌଣସି ଓଜର-ଆପତ୍ତି ନରଖି କେବଳ ଫିଟ୍ ଓ ସକ୍ରିୟ ରହିବାର ଦୃଢ଼ ଉତ୍ସାହ ନେଇ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜେ ସାଇକେଲ ଚଲାଇ ସମ୍ମୁଖରୁ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ମନ୍ତ୍ରୀଙ୍କ ସହ ଶୋଭାଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀ ବର୍ଷାକୁ ଚିନ୍ତା ନକରି ପ୍ରତିକୂଳ ପରିସ୍ଥିତିରେ ବି ଫିଟନେସ୍ ପ୍ରତି ନିଜର ନିଷ୍ଠା ଦେଖାଇ ଅନ୍ୟମାନଙ୍କ ପାଇଁ ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛନ୍ତି। ଏହିଭଳି ପ୍ରଚେଷ୍ଟାମାନ ନିଶ୍ଚିତ ଭାବେ ରାଜ୍ୟର ଅନ୍ୟ ନାଗରିକଙ୍କୁ ସମସ୍ତ ବାହାନା ଭୁଲି ଏହି ଅଭିଯାନରେ ଯୋଡ଼ିହେବା ପାଇଁ ଅନୁପ୍ରାଣିତ କରିବ ଏବଂ ମୁଖ୍ୟମନ୍ତ୍ରୀଙ୍କ "ଖେଳିବ ଓଡ଼ିଶା, ଜିତିବ ଓଡ଼ିଶା" ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିବ। ସମାବେଶକୁ ସମ୍ବୋଧିତ କରି କ୍ରୀଡ଼ା ମନ୍ତ୍ରୀ କହିଥିଲେ ଯେ, "ଆମେ ପ୍ଲେ-ଷ୍ଟେସନ୍ ବଦଳରେ ଖେଳପଡ଼ିଆ ଉପରେ ଏବଂ ସ୍କ୍ରିନ୍ ଟାଇମ୍ ବଦଳରେ ଆକ୍ଟିଭିଟି ଟାଇମ୍ ଉପରେ ଗୁରୁତ୍ୱ ଦେବା ଉଚିତ୍।" ଏହାସହ ସେ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ଓ ଡୋପିଂ ଭଳି କୁଅଭ୍ୟାସରୁ ଦୂରେଇ ରହି ଖେଳକୁ ନିଜ ଦୈନନ୍ଦିନ ଜୀବନର ଅଂଶ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍କ୍ରିନ୍ ବ୍ୟବହାର କମାଇବା, ପେଟ୍ରୋଲ-ଡିଜେଲ ଯାନ ଉପରେ ନିର୍ଭରଶୀଳତା ହ୍ରାସ କରି ସବୁଜ ପରିବେଶ ଗଢ଼ିବା ଏବଂ ଦୈନନ୍ଦିନ ସାଇକେଲ ଚାଳନା ଦ୍ୱାରା ନିଜ ସ୍ୱାସ୍ଥ୍ୟ ଯତ୍ନ ନେବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପ୍ରେରଣାଦାୟକ ସାଇକେଲ ଶୋଭାଯାତ୍ରାରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ସ୍ୱତନ୍ତ୍ର ଶାସନ ସଚିବ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଓ ସୁଧାକର ନାୟକ, ସି.ଆଇ.ଏସ୍. ଏଫର କମାଣ୍ଡାଣ୍ଟ ରାକେଶ ଚୌଧୁରୀ ଏବଂ ଧନଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ 'ମାଇଁ ଭାରତ', ଏନ୍.ଏସ୍.ଏସ୍, ଏନ୍.ଡି.ଆର୍.ଏ.ଏଫ୍ ର ସ୍ୱେଚ୍ଛାସେବୀ ଏବଂ ସାଧାରଣ ଲୋକ ଆଦି ସାମିଲ ହୋଇଥିଲେ।




## ୨୫୦ କ୍ଲବରେ ଅମୀତ

ଭୁବନେଶ୍ୱର, ୩୦।୮(ସବ୍ୟୁ) : ଓଡ଼ିଆ ହକି ତାରକା ଅମୀତ ରୋହୀଦାସ ଅନ୍ତର୍ଜାତୀୟ ହକି କ୍ୟାରିୟରରେ ୨୫୦ ମ୍ୟାଚ ପୂରଣ କରିଛନ୍ତି। ଓଡ଼ିଶାର ଏହି ଖେଳାଳିଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଅମୀତଙ୍କୁ ଭାରତୀୟ ରକ୍ଷଣ ଭାଗର ମେରୁଦଣ୍ଡ ଭାବେ ବର୍ଣ୍ଣନା କରିଛନ୍ତି। ପୁରୁଷ ହକି ବିଶ୍ୱକପ୍ର ବେଲଜିୟମ ବିପକ୍ଷ ତାଙ୍କ କ୍ୱାଲିଫିକେସନ ମ୍ୟାଚରେ ଅମୀତ ଭାରତୀୟ ଜର୍ସିରେ ନିଜର ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଗୌରବ ହାସଲ କରିଛନ୍ତି। ସୁନ୍ଦରଗଡ଼ର ୩୩ ବର୍ଷୀୟ ଡିଫେଣ୍ଡର ଅମୀତ ଭାରତୀୟ ଦଳର ଦୁଇଥର ଅଲିମ୍ପିକ୍ ପଦକ ବିଜେତା ଦଳର ସଦସ୍ୟ ଥିଲେ। ୨୦୧୩ ସୁଲତାନ ଆଜଲାନଶାହ କପରୁ ନିଜର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଅମୀତ ଦଳରେ ପେନାଲ୍ଟି କର୍ଣ୍ଣର ସ୍ପେଶାଲିଷ୍ଟ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ୨୫୦ ଟି ମ୍ୟାଚ ପୂରଣ କରିବା ପରେ ଅମୀତ କହିଛନ୍ତି ଭାରତୀୟ ଜର୍ସି ପିନ୍ଧିବା ସର୍ବଦା ଗୌରବର ବିଷୟ। ତାଙ୍କ ସଫଳତା ପାଇଁ ହକି ଇଣ୍ଡିଆ, କୋଚ୍ ଏବଂ ସାଥୀ ଖେଳାଳିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯୁବ ଖେଳାଳି ରାଜିନ୍ଦର ସିଂ ଭାରତୀୟ ଜାତୀୟ ଦଳ ପାଇଁ ନିଜର ୫୦ ତମ ଅନ୍ତର୍ଜାତୀୟ ମ୍ୟାଚ ପୂରଣ କରିଛନ୍ତି। ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଲାନାଥ ସିଂ ଦୁଇ ଖେଳାଳିଙ୍କୁ ନିଜର ବ୍ୟକ୍ତିଗତ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଦେଇଛନ୍ତି।

## ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଜାତୀୟ କ୍ରୀଡ଼ା ଦିବସ

# ଆନ୍ତଃସ୍କୁଲ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରେ ଭାଗ ନେଲେ ୩୫ ସ୍କୁଲ

ଭୁବନେଶ୍ୱର, ୩୦।୮(ସବ୍ୟୁ) : ଭୁବନେଶ୍ୱର ସମନ୍ତରପୁରସ୍ଥିତ ଜେଏମ୍ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏତଦ୍ ବ୍ୟତୀତ ଏକାଡେମୀ ପରିସରରେ ୫ମ ଆମନ୍ତ୍ରଣାତ୍ମକ ଆନ୍ତଃସ୍କୁଲ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୫ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୬ ରୁ ୧୨ ବୟସର ୫ ଟି ବୟସ ବର୍ଗର ପିଲାମାନେ ଭାଗ ନେଇ ଥିଲେ। ୬ ଓ ୮ ବର୍ଷର ପିଲାମାନଙ୍କ ପାଇଁ କେବଳ ଫ୍ଲୋର ଇଭେଣ୍ଟ, ଥିବା ବେଳେ ୧୦ ବର୍ଷର ପିଲାମାନଙ୍କ ପାଇଁ ୨ ଟି ଇଭେଣ୍ଟ , ୧୨ ବର୍ଷ ତଥା ଆଡଭାନ୍ସ ପିଲାମାନଙ୍କ ପାଇଁ ୪ଟି ଲେଖାଏଁ ଇଭେଣ୍ଟ ଓ ଓପନ ବର୍ଗରେ କେବଳ ଫ୍ଲୋର ଇଭେଣ୍ଟ ରଖା ଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁରେଶ କୁମାର ରାଉତରାୟ ( ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନର ଅଧ୍ୟକ୍ଷ, ତଥା ପୂର୍ବତନ କ୍ରୀଡା ମନ୍ତ୍ରୀ), ସମ୍ମାନିତ ଅତିଥି ଭାବେ ଡକ୍ଟର ସୁଜିତ କୁମାର ଆଚାର୍ଯ୍ୟ ( ନିର୍ଦ୍ଦେଶକ ଡି.ଡି. ସି. ଇ, ଉତ୍କଳ ବିଶ୍ୱବିଦ୍ୟାଳୟ), ଶିବ ଶଙ୍କର ବାଗ ( ଏଡିଟର ଜନତା ପାୱାର ଟିଭି), ନରେନ୍ଦ୍ର କୁମାର ସେଠୀ ( ମୁଖ୍ୟ ଉପଦେଷ୍ଟା, ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନ୍), ଗୁରୁ ପ୍ରସାଦ ପଟ୍ଟନାୟକ ( ସଭାପତି, ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନ), ଅଧ୍ୟାପକ ଗୋବିନ୍ଦ ଭଗବାନ ( ଦ୍ୱିତୀୟ ଧର୍ମ) , ମଧୁସ୍ମିତା କାନୁନଗୋ (ଆଇନଜୀବୀ ଓଡ଼ିଶା ହାଇକୋର୍ଟ, କଟକ) ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶରତ ଚନ୍ଦ୍ର ପାଇକରାୟ ଯୋଗଦାନ କରିଥିଲେ। ଏକାଡେମୀର ଅଧ୍ୟକ୍ଷା ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସମ୍ପାଦିକା ମୀରାରାଣୀ ଦାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସାଧାରଣ ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର, ଅତିଶ କୁମାର ରାଉତ, ସତ୍ୟ ପ୍ରଧାନ ଓ ନିହାର ପ୍ରଧାନ ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ରଞ୍ଜନ ରେଡ୍ଡୀ (ଇଣ୍ଟର ନ୍ୟାସନାଲ ଜଜ୍), ଗଣେଶ ବେହେରା (ଇଣ୍ଟର ନ୍ୟାସନାଲ ଜଜ୍), ବିଷ୍ଣୁ ଶ୍ରେଷ୍ଠା, ସୀତାକାନ୍ତ ଓଝା, ନାତାଶ ମିଶ୍ର, ମୃଣାଳିନୀ ଦାସ, ପ୍ରୀତି ରେଡ୍ଡୀ ଯୋଗ ଦେଇଥିଲେ। ସମସ୍ତ ଅଭିଭାବକ ଓ କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେୟାଂଶ ସିଂ, ଆଦଭିକ୍ ମିଶ୍ର, ସମ୍ପ୍ରିତି ଆଧ୍ୟା, ଅନନ୍ୟା ସିନ୍ଧୁ ମହାନ୍ତି, ସାନଭି ପଟ୍ଟନାୟକ, ଶିବାଂଶ ସାହୁ, ଯୁବରାଜ ଜୈନ, ଆଧ୍ରିତ ଦର୍ଶନ ବିଶୋଇ, ଆଦ୍ୟାନ୍ତ ସୌର୍ଯ୍ୟ ସାହୁ, ମୃତ୍ୟୁଞ୍ଜୟ ପୃଷ୍ଟି, କିଭା ପ୍ରିୟଦର୍ଶିନୀ ବରାଳ, ସୋନମ ହରି ବେଉରା, ଭବିଷ୍ୟ ପାତ୍ର, ଅମିର ଅଗ୍ରୱାଲ, ଜୟଶ୍ରୀ ପରମାଣେ, କାଶିଷ ବେହେରା, ଚିନ୍ମୟୀ ମିଶ୍ର, ସାଇକ୍ରିପା ଦାସ, ଅମନିତ ଟଣ୍ଡନ୍, ଭାସ୍କର ଭାବିକ୍ ବେଉରା,ରିତ୍ୱିକ ହୋତା, ଆୟନ୍ସ ଅଗ୍ରୱାଲ ପ୍ରମୁଖ ବିଭିନ୍ନ ବର୍ଗରେ ପଦକ ହାସଲ କରିଛନ୍ତି।



# ଶେଷ ହେଲା ଲେବୁଲ୍-୩ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

ଭୁବନେଶ୍ୱର: ନୀଳାଦ୍ରିବିହାରସ୍ଥିତ ଏମ୍ପିଆଇଏସ୍ ପରିସରରେ ଆୟୋଜିତ ଲେଭଲ୍-୩ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆଜି ସଫଳତାର ସହ ସମାପ୍ତ ହୋଇଛି। ଏହି ଚାମ୍ପିଅନସିପରେ ପ୍ରାୟ ୯୩ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଚନ୍ଦ୍ରଶେଖରପୁର ଥାନାର ଆଇଆଇସି ଗିରିଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପାରା-ବ୍ୟାଡମିଣ୍ଟନ ଖେଳାଳି ଦୀପ ରଞ୍ଜନ ବିଶୋୟୀ ଏବଂ ଢେଙ୍କାନାଳ ବ୍ୟାଡମିଣ୍ଟନ ଆସୋସିଏସନର ପରାମର୍ଶଦାତା ସୁଶାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିଅନସିପର ଉଦ୍‌ଯାପନୀ ସମାରୋହରେ ବିପୁଳ ସଂଖ୍ୟକ ଦର୍ଶକଙ୍କ ଉପସ୍ଥିତି ଏହି ସଫଳ ଆୟୋଜନର ସାକ୍ଷୀ ହୋଇଥିଲା। ଖେଳାଳିମାନଙ୍କ ଉତ୍ସାହ ସହ ଦର୍ଶକଙ୍କ ଉପସ୍ଥିତି ସମଗ୍ର ପରିବେଶକୁ ଉତ୍ସବମୁଖର କରିଥିଲା। ଉଦ୍‌ଯାପନୀ ସମାରୋହରେ ଆୟୋଜନ ସଚିବ ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ଣ୍ଣାମେଣ୍ଟ କୋଅର୍ଡିନେଟର ସଚିନ ପ୍ରଧାନ ଓ ରଣେଶ କୁମାର ଦାସ ମଧ୍ୟ ଉପସ୍ଥିତ ଥିଲେ। ଚାମ୍ପିଅନସିପରେ ଫୈଜଲ କରିମ, ଆର୍ଯ୍ୟ ପ୍ରସାଦ ରଥ ଓ ଅନିର୍ବାଣ ବିଶ୍ୱାଳ ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରାୟ ୯୩ ଜଣ ଖେଳାଳିଙ୍କ ଅଂଶଗ୍ରହଣ ଓ ବିପୁଳ ଦର୍ଶକଙ୍କ ଉପସ୍ଥିତି ଏହି ଲେଭଲ୍-୩ ଚାମ୍ପିଅନସିପକୁ ଏକ ସଫଳ ଓ ସ୍ମରଣୀୟ ଆୟୋଜନରେ ପରିଣତ କରିଥିଲା।



# ବୈଭବ ପୂର୍ବାଞ୍ଚଳ ଅଧିନାୟକ

ନୂଆଦିଲ୍ଲୀ, ୩୦।୮(ଏଜେନ୍ସି) : ମାତ୍ର ୧୫ ବର୍ଷ ବୟସରେ ବିହାର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଅଶାତିତ ସଫଳତା ପାଇଛନ୍ତି। ଦୁଲିପ ଟ୍ରଫିରେ ଇଷ୍ଟ ଜୋନ୍ ଦଳର ଅଧିନାୟକ ହୋଇଛନ୍ତି ବୈଭବ। ବେଙ୍ଗାଲୁରୁଠାରେ ସେଣ୍ଟ୍ରାଲ ଜୋନ୍ ବିପକ୍ଷରେ ଖେଳାଯାଉଥିବା ସେମିଫାଇନାଲ ମ୍ୟାଚରେ ଅଧିନାୟକ ଇଷାନ କିଶାନ ଆହତ ହେବା ପରେ ବୈଭବଙ୍କୁ ଏହି ଦାୟିତ୍ୱ ମିଳିଛି। ସେଣ୍ଟ୍ରାଲଜୋନର ପ୍ରଥମ ଇନିଂସର ୧୯ ତମ ଓଭରରେ ୱିକେଟ କିପିଂ କରୁଥିବା ସମୟରେ ଇଶାନଙ୍କ ଡାହାଣ ହାତରେ ଶକ୍ତ ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ପଡିଆ ବାହାରୁ ଯିବା ପାଇଁ ବାଧ୍ୟ ହୋଇଥିଲେ। ଏହାପରେ ଉପଅଧିନାୟକ ବୈଭବ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ବରିଷ୍ଠ ପ୍ରଥମ ଶ୍ରେଣୀ କ୍ରିକେଟ ଦଳର ନେତୃତ୍ୱ ନେବା କ୍ରିକେଟ ଇତିହାସରେ ଏକ ବିରଳ ଘଟଣା। ମହମ୍ମଦ ସାମି, ମୁକେଶ କୁମାର ଏବଂ ଅଭିମନ୍ୟୁ ଇଶ୍ୱରଙ୍କ ଭଳି ଅଭିଜ୍ଞ ଅନ୍ତର୍ଜାତୀୟ ଓ ଘରୋଇ ଖେଳାଳିଙ୍କୁ ନେଇ ଗଠିତ ବୋଲିଂ ଆକ୍ରମଣକୁ ବୈଭବ ବହୁ ସୁନ୍ଦର ଭାବେ ପରିଚାଳନା କରିଛନ୍ତି। ତାଙ୍କ ନେତୃତ୍ୱରେ ଇଷ୍ଟ ଜୋନର ବୋଲର ମଧ୍ୟାହ୍ନ ଭୋଜନ ସୁଦ୍ଧା ସେଣ୍ଟ୍ରାଲ ଜୋନର ୩ ୱିକେଟ ଅକ୍ତିଆର କରିବାରେ ସଫଳ ହୋଇଥିଲେ। ୨୦୨୪ ପ୍ରାରମ୍ଭରେ ପ୍ରଥମ ଶ୍ରେଣୀକ୍ରିକେଟରେ ପଦାର୍ପଣ କରିଥିବା ବୈଭବ ନିଜର ଦ୍ୱିତୀୟ ଦୁଲିପ ଟ୍ରଫି ଏବଂ ଦଶମ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳୁଛନ୍ତି।

# ସେପ୍ଟେମ୍ବର ୨୦ରୁ ବାରବାଟୀରେ ଓଟିଏଲ୍

ଭୁବନେଶ୍ୱର, ୩୦।୮(ସବ୍ୟୁ) : ଓଡିଶା ଟି -୨୦ ଲିଗ୍ ସେପ୍ଟେମ୍ବର ୨୦ ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଛି। ଏ ନେଇ ନୂଆ ସିଜନ ପାଇଁ ଓଡିଶା ଟି -୨୦ ଲିଗ୍ ସିଏମ୍ ଟ୍ରଫିର କାଉଣ୍ଟ ଡାଉନ ଆରମ୍ଭ ହୋଇଛି। ଆଇପିଏଲ ଢାଞ୍ଚାରେ ଖେଳାଯାଉଥିବା ଏହି ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, କେନ୍ଦୁଝର,ପୁରୀ, ରାଉରକେଲା ଏବଂ ସମ୍ବଲପୁରରୁ ୬ ଟି ଫ୍ରାଞ୍ଚାଇଜ୍ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶାର ଅନେକ ପ୍ରତିଭାବାନ ଯୁବ କ୍ରିକେଟର ଏକାଠି ହେବେ। ଗୁଣାତ୍ମକ ଟି -୨୦ ପ୍ରତିଯୋଗିତାରେ ରାଜ୍ୟର ଶ୍ରେଷ୍ଠ ପ୍ରତିଭାଙ୍କ ବିରୋଧରେ ଖେଳି ନିଜ ଦକ୍ଷତା ପରଖିବାର ସୁଯୋଗ ପାଇବେ ଯୁବ ଖେଳାଳି। ଓଡିଶା ଟି -୨୦ ଲିଗ୍ର ଟ୍ରଫି ଅନାବରଣ କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ପ୍ରାଚୀ ସରୋବର ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଏହି ଅନାବରଣ କାର୍ଯ୍ୟକ୍ରମରେ ଓଡିଶା କ୍ରିକେଟ ଆସୋସିଏସନ୍ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସମେତ ଅଂଶଗ୍ରହଣକାରୀ ୬ ଟି ଫ୍ରାଞ୍ଚାଇଜର ମାଲିକମାନେ ଉପସ୍ଥିତ ଥିଲେ।

ଅନେକ ଯୁବ କ୍ରିକେଟରମାନଙ୍କ ପାଇଁ ଏହି ଲିଗ୍ ନିଜର ପ୍ରତିଭା ପ୍ରଦର୍ଶନ, ମ୍ୟାଚ ଅଭିଜ୍ଞତା ହାସଲ ଏବଂ କ୍ରିକେଟ ଯାତ୍ରାରେ ଆଉ ଏକ ପାଦ ଆଗକୁ ବଢିବାରେ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହେବ । କେବଳ ପଡିଆରେ ପ୍ରତିଯୋଗିତା ନୁହେଁ। ଓଡିଶା କ୍ରିକେଟ୍ ଏବଂ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ସମ୍ପର୍କକୁ ଆହୁରୀ ମଜଭୁତ କରିବା ମଧ୍ୟ ଲିଗର ଅନ୍ୟତମ ଲକ୍ଷ୍ୟ। ବାରବାଟୀରେ ଓଡିଶାର ଉଦୀୟମାନ ଯୁମ ପ୍ରତିଭାଙ୍କୁ ନିକଟରୁ ଖେଳୁଥିବା ଦେଖିବାର ସୁଯୋଗ ମିଳିବ। ଓଡିଶା ଟି -୨୦ ଲିଗ ଦଳ ଓ ବାଣିଜ୍ୟିକ ସହଯୋଗ ଏବଂ କ୍ରିକେଟ ଓ ଏହାର ବର୍ଦ୍ଧିତ ପ୍ରଶଂସକଙ୍କ ସହ ମଜଭୁତ ସମ୍ପର୍କ ଗଢିବାର ଏକ ବଡ ପ୍ଲାଟଫର୍ମ ହେବ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

ବାରିପଦା, (ସବ୍ୟୁ) : ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ଆନୁକୂଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ଠାରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ବାଳକ ଓ ବାଳିକା ଚାମ୍ପିଅନସିପ୍ ୨୦୨୬-୨୭ ଉଦ୍‌ଯାପିତ ହୋଇଛି । ୧୩, ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ମୋଟ ୪୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଉଦଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ କ୍ରୀଡ଼ାବିତ୍ ମାନଙ୍କୁ ପ୍ରେରଣାଦାୟକ ଅଭିଭାଷଣ ଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ୧୩ ବର୍ଷରୁ କମ୍ ବାଳକ ଏକକରେ ହୃଦୟ ହରିନନ୍ଦନ ସିଂ ଚାମ୍ପିଅନ୍ ଓ ତରୁଣ କ୍ରିଷ୍ଣା ମୁର୍ମୁ ରନରଅପ୍, ବାଳିକାରେ ସତ୍ୟପ୍ରିୟା ପାଣି ଚାମ୍ପିଅନ୍ ଓ ବିଶ୍ୱ ବିଜୟିନୀ ଶଙ୍ଖୁଆ ରନରଅପ୍ ହୋଇଛନ୍ତି । ୧୫ବର୍ଷରୁ କମ୍ ବାଳକରେ ରଘୁବୀର ଜନ୍ ଚାମ୍ପିଅନ୍ ଓ ତୁଷାର ପାତ୍ର ରନରଅପ୍, ବାଳିକାରେ ଦିଶା ବେହେରା ଚାମ୍ପିଅନ୍ ଓ ମନୁଶ୍ରୀ ରାଉତ୍ ରନରଅପ୍ ହୋଇଛନ୍ତି ।୧୭ ବର୍ଷରୁ କମ୍ ବାଳକ ଏକକରେ ଖ୍ୟାତି ରଞ୍ଜନ ମହାପାତ୍ର ଚାମ୍ପିଅନ୍ ଓ ଆଦର୍ଶ ପରେଶ୍ ମୁର୍ମୁ ରନରଅପ୍ ହୋଇଛନ୍ତି । ସେହିପରି ଜିଲ୍ଲା ପ୍ରଶାସନ ଓ ବ୍ୟାଡମିଣ୍ଟନ ଆସୋସିଏସନ୍ର ମିଳିତ ଆୟୋଜନରେ ସିନିୟର ଅନ୍ତର୍ବିଭାଗୀୟ ବର୍ଗରେ ସ୍ୱରାଜ ସେନାପତି-କାଳିଶଙ୍କର ଗୋଚ୍ଛାୟତ ଯୋଡ଼ି ଚାମ୍ପିଅନ୍ ଏବଂ ଅବିନାଶ ପାତ୍ର-ତାପସ ପାତ୍ର ଯୋଡ଼ି ରନରଅପ୍ ହୋଇଛନ୍ତି । ଉଦ୍‌ଯାପନୀ ସମାରୋହରେ ସମାଜସେବୀ କାଶୀନାଥ ରଣା ଓ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ଈଶ୍ୱର ଚନ୍ଦ୍ର ନାଏକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ବିଜେତାମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଆୟୋଜକ ସମ୍ପାଦକ ବିଭୂତି ଭୂଷଣ ଦାସ ସୂଚନା ଦେଇଛନ୍ତି । ମୁଖ୍ୟ ରେଫରୀ ଭାବେ ମନମୋହନ ମୁର୍ମୁ, ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ । ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ, ଦେବାଶିଷ ବେହେରା, ସୌମ୍ୟଜୀତ ବେହେରା, ଆୟୁଷ୍ମାନ ପଟ୍ଟନାୟକ, କୁନୁ ମଣ୍ଡଳ ଓ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ସହଯୋଗ କରିଥିଲେ ।

## ବନ୍ଧୁକ ଚାଳନା ପ୍ରତିଯୋଗିତା

# ତାଳଚେର ରାଇଫଲ କ୍ଲବର ବାଜିମାତ

ତାଳଚେର,(ସବ୍ୟୁ) : ତାଳଚେର ରାଇଫଲ କ୍ଲବର ପ୍ରତିଯୋଗୀମାନେ ଓ୍ୱେଷ୍ଟବେଙ୍ଗଲ ଆସାମ ଠାରେ ହୋଇଥିବା ବନ୍ଧୁକ ଚାଳନା ପ୍ରତିଯୋଗିତା ଅଗଷ୍ଟ ୨୫ତାରିଖ ଠାରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତାଳଚେର ରାଇଫଲ କ୍ଲବର ୯ଜଣ ପ୍ରତିଯୋଗୀ ଭାଗନେଥିଲେ । ସେଥିରେ ମହିଳା ବିଭାଗରେ .୧୭୭ ଏଆରପିସ୍ତଲରେ ସ୍ୱାତୀରାଣୀ ଗଡ଼ନାୟକ, .୧୭୭ ପିସ୍ତଲରେ ରିତିକା ରାଜ ଓ ସାଇନା ସାହୁ ବିଜୟୀ ହୋଇଥିବା ବେଳେ .୧୭୭ ପିପିସାଇଡ୍ ପୁରୁଷ ବିଭାଗରେ ଆୟୁଷ୍ମାନ ଦାସ, ଅମ୍ରିତ ଆନନ୍ଦ, ସୋମନାଥ ବାରିକ, ଜାତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇସାରିଛନ୍ତି । ସେଥିପାଇଁ ଅନୁଗୋଳ ଓ ତାଳଚେର ରାଇଫଲ କ୍ଲବର ବରିଷ୍ଠ ସଦସ୍ୟମାନେ ପ୍ରତିଯୋଗୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଅନୁଗୋଳରେ ସାଇକେଲ ଶୋଭାଯାତ୍ରା

ଅନୁଗୋଳ, ୩୦।୮(ସବ୍ୟୁ) : ଜାତୀୟ କ୍ରୀଡ଼ା ଦିବସ ସମାରୋହର ଉଦଯାପନୀ ଦିବସରେ ଜିଲ୍ଲା ପ୍ରଶାସନ ତରଫରୁ ଆଜି ପୂର୍ବାହ୍ନରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସୁସ୍ଥ ସମାଜ ଗଠନ ପାଇଁ କ୍ରୀଡାବିତମାନଙ୍କୁ ବ୍ରତୀ ହେବାକୁ ମାନ୍ୟବର ବିଧାୟକ କହିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜୀବ ଲୋଚନ ପଣ୍ଡା, ରିଜର୍ଭ ଇନ୍ସପେକ୍ଟର ଗୋବିନ୍ଦ ମାରାଣ୍ଡି ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯୁବ ସମାଜକୁ କ୍ରୀଡା ପ୍ରତି ଆକୃଷ୍ଟ କରିବାର ବାର୍ତ୍ତା ନେଇ ଆୟୋଜିତ ଏହି ସାଇକେଲ ରାଲି ତଥା ୱାକାଥନ୍ ରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ, କ୍ରୀଡାବିତ୍ ଓ ସାମରିକ ବାହିନୀର ପ୍ରଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ସଂସଦର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ୱୁଶୁ ଆସୋସିଏସନର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ଜଜ୍ ସୁଶାନ୍ତ ନାଏକ, ବାବୁଲ ପ୍ରସାଦ ମହାନ୍ତି, ବ୍ୟାଡମିଣ୍ଟନ୍ କୋଚ୍ ବିଶ୍ୱଜିତ୍ ଦାସ, ଅରୁଣ ନାଏକ, ବିନୋଦ ନାଏକ, ଅନ୍ତର୍ଜାତୀୟ ୱୁଶୁ ଖେଳାଳି ବାବୁଲ ମୁଣ୍ଡା, ଚିତ୍ତରଞ୍ଜନ ମହନ୍ତ ଓ ଦୋଳଗୋବିନ୍ଦ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ 'ମେରା ଯୁବା ଭାରତ'ର ଅତିରିକ୍ତ ଜିଲ୍ଲା ସଂଯୋଜକ ତପନ କୁମାର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ

# ୫ ଜଣ ବରିଷ୍ଠ ସାମ୍ବାଦିକ, ଦୁଇଜଣ ଆନ୍ତର୍ଜାତୀୟ ଖେଳାଳି ସମ୍ମାନିତ

ଭୁବନେଶ୍ୱର, ୩୦।୮(ସବ୍ୟୁ) : ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ସ୍କୁଲ ର ୪୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଓଡିଶା ଅଲମ୍ପିକ ସଂଘର ସଭାପତି ସମୀର ମହାନ୍ତି, ଓଡିଶା ପୋଲିସର ଇନ୍ସପେକ୍ଟର ଜେନେରାଲ (ଆଇଜି) ଉମାଶଙ୍କର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉତ୍କଳ କରାଟେ ସ୍କୁଲ ର ରାଜ୍ୟର କ୍ରିଡା ବିକାଶ ଦିଗରେ ଭୂମିକାର ଭୂୟସି ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରତିବର୍ଷ ଭଳି ୫ ଜଣ ସାମ୍ବାଦିକଙ୍କୁ ସମ୍ମାନିତ କରଯାଇଥିଲା ନିଉ ଇଣ୍ଡିଆନ ଏକ୍ସପ୍ରେସ ର ବରିଷ୍ଠ ସାମ୍ବାଦିକ, ଗ୍ରୁପ ଏଡିଟର, ଶିବ ମହାନ୍ତି, ସକାଳର କ୍ରିଡା ସାମ୍ବାଦିକ , ତୁଷାର କୁମାର ସେନାପତି, ସମ୍ବାଦର କ୍ରିଡା ସାମ୍ବାଦିକ, ପ୍ରଫୁଲ କିଶୋର ସାହୁ, ସ୍ପୋର୍ଟ୍ସ ଟୁଡେର କ୍ରିଡା ସାମ୍ବାଦିକ ଚକ୍ରଧର ମାଝି ଓ ଫଟୋ ସାମ୍ବାଦିକ, ଶ୍ରୀ ଗୌର ପ୍ରସାଦ ରାଜଗୁରୁ ସମ୍ମାନିତ ହୋଇଥିଲେ । ଚଳିତ ବର୍ଷ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ସ୍କୁଲର ୨ ଜଣ ଛାତ୍ରୀ, ଅନୁପମା ସ୍ୱାଇଁ , (ଜୁ –ଜିତଷୁ ଏସିଆନ ଓ ବିଶ୍ୱ ପ୍ରତିଯୋଗିତାରେ କାଂସ୍ୟ ଓ ରୋପ୍ୟ ପଦକ) ଏବଂ ଲୋମା ସ୍ୱାଇଁ , (ଡେଫ ଅଲମ୍ପିକ ର କରାଟେ କ୍ରିଡା ରେ କାଂସ୍ୟ) ଙ୍କୁ ସମ୍ବର୍ଦ୍ଧନା କରାଯାଇଥିବା ବେଳେ କରାଟେ ର ଦୁଇ ଜଣ ଆନ୍ତର୍ଜାତୀୟ ଅଫିସିଆଲ ରାଜୀବ କୁମାର ସିଂ ଓ ଦୀପକ କୁମାର ସାମନ୍ତରା ଙ୍କୁ ଅତିଥି ଙ୍କ ଦ୍ୱାରା ସଂବର୍ଦ୍ଧିତ କରଯାଇଥିଲା । ଜାତୀୟ କ୍ରିଡା ଦିବସ ଅବସରରେ ଆଜି ଉତ୍କଳ କରାଟେ ସ୍କୁଲ ପରିସରରେ ପୁରୁଷ ଓ ମହିଳା ମାନଙ୍କ ଭିତରେ ଫିଟନେସ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ପୁରୁଷ ବିଭାଗରେ ୬୮ କିଲୋ ବର୍ଗରୁ କମ ବିଭାଗରେ ଲାଲ ସବିର ପ୍ରଥମ, ଚିନ୍ମୟ ପଳାଇ ଦିତୀୟ ଓ ଯୁଗ୍ମ ତୃତୀୟ ଭାବରେ ରାଜ କୁମାର ସିଂ ଓ ଶଙ୍କର ନାୟକ ଏବଂ ୬୮ କିଲୋ ରୁ ଅଧିକ ବର୍ଗରେ ରଞ୍ଜନ ମଙ୍ଗରାଜ ପ୍ରଥମ, ଦେବୀ ଦାସ ଦୁତୀୟ , ଓ ଯୁଗ୍ମ ତୃତୀୟ ଭାବେ ସୌରଭ ରାଜ ପଣ୍ଡା ଓ ସୁଶାନ୍ତ ଘଡାଇ ପଦକ ହାସଲ କରିଥିଲେ ସେହିପରି ମହିଳା ବିଭାଗରେ ୨୫ ବର୍ଷରୁ କମ ବିଭାଗରେ ପଲକ ପ୍ରିୟଦର୍ଶିନୀ ମହାନ୍ତି , ପ୍ରଥମ , ସର୍ମୀଷ୍ଠା ନାୟକ, ଦିତୀୟ , ଯୁଗ୍ମ ତୃତୀୟରେ ତନାଲି ମିଶ୍ର ଓ ପ୍ରତ୍ୟାଶା ବିଶ୍ୱାଳ ପଦକ ପାଇଥିଲେ । ମହିଳା ୪୫ ବର୍ଷ ରୁ କମ ବିଭାଗରେ ଶ୍ୱେତାଲୀନା ମହାପାତ୍ର, ପ୍ରଥମ, ମନ୍ଦାକିନ ମିଶ୍ର ,ଦିତୀୟ ଏବଂ ଯୁଗ୍ମ ତୃତୀୟ ଭାବେ ମନ୍ଦାକିନୀ ଦାଶ ଓ ସସ୍ମିତା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ । ୪୫ ବର୍ଷ ରୁ ଅଧିକ ମହିଳା ବିଭାଗରେ ମିନା ସାହୁ , ପ୍ରଥମ , ଶର୍ମିଷ୍ଠା ସେନାପତି ଦୁତୀୟ ଏବଂ ଯୁଗ୍ମ ତୃତୀୟ ଭାବେ ରାଜଲକ୍ଷ୍ମୀ ପଣ୍ଡା ଓ ବବିତା ମହାନ୍ତି ପଦକ ହାସଲ କରିଥିଲେ । ସ୍କୁଲ ର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ଙ୍କ ପୌରହିତରେ ଏହି କାର୍ଯ୍ୟକ୍ରମକୁ ଇ ଚିତ୍ତ ରଞ୍ଜନ ସ୍ୱାଇଁ , ଖାରବେଳ ମଲ୍ଲିକ , ମୀର ଅଜମତ ଅଲି, ଦେବାଶିଷ ଆଚାର୍ଯ୍ୟ, ସନ୍ତୋଷ ମହାରଣା , ଗୋରୀ ମହାନ୍ତି , ଅବିନାଶ ପ୍ରଧିର , ପୀୟୂଷ ମହାନ୍ତି, ଚିନ୍ମୟ ବେହେରା , ଅନୁପମା ସ୍ୱାଇଁ, ସନ୍ଦୀପ ଦାଶ , ନ୍ୟଷା ସିଂ , ରଜନୀ ବିଶି , ସଂଜୀବ ପୁଟେଲ ଓ ଦିପ୍ତିମୟୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।





ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now: https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି